

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୪ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 24 JANUARY 2021

Vol.No. 31 ■ No. 23 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଙ୍ଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସାରା ଦେଶବାସୀ ସୁଭାଷଙ୍କ ପାଖରେ ଋଣୀ : ପ୍ରଧାନମନ୍ତ୍ରୀ

### ପ୍ରତିବର୍ଷ ପାଳନ ହେବ ପରାକ୍ରମ ଦିବସ



ନୂଆଦିଲ୍ଲୀ,୨୩।୦୧ : ନେତାଜୀଙ୍କ ପାଖରେ ଏ ସାରା ଦେଶ ଋଣୀ । ୧୩୦ କୋଟିରୁ ଅଧିକ ଲୋକଙ୍କ ଦେହରେ ଆଜି ଯେଉଁ ରକ୍ତ ବିନ୍ଦୁ ବୋହୁଛି ତା ସୁଭାଷ ବୋଷଙ୍କ ପାଖରେ ଋଣୀ । ଆଜି ପ୍ରତିଟି ଭାରତୀୟ ନିଜ ଛାତିରେ ହାତ ରଖିଲେ ସୁବାଷ ବୋଷଙ୍କ ନାଁ ଶୁଭିବ । ଶନିବାର ପଶ୍ଚିମବଙ୍ଗରେ ନେତାଜୀ ଜୟନ୍ତୀ ଉତ୍ସବ ପାଳନ କରି ଏପରି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ପଶ୍ଚିମବଙ୍ଗରେ ଆଜି ବେଶ ଆଡମ୍ବର ସହକାରେ ନେତାଜୀଙ୍କ ୧୨୫ ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି । ଏଥିରେ ପ୍ରଧାନମନ୍ତ୍ରୀଙ୍କ ସହିତ ପଶ୍ଚିମବଙ୍ଗ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ଯୋଗ ଦେଇଥିଲେ । ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ପରେ ମୋଦୀ ନେତାଜୀଙ୍କ ସ୍ମୃତିକୁ ନେଇ ଏକ ସ୍ୱତନ୍ତ୍ର ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ଅବସରରେ ମୋଦୀ ନେତାଜୀଙ୍କ ତ୍ୟାଗ ଓ ପରାକ୍ରମକୁ ମଧ ପ୍ରଶଂସା କରିଥିଲେ । ଆଜି ନେତାଜୀଙ୍କ ପ୍ରେରଣାରେ ଦେଶ ଆଗକୁ ବଢୁଛି ।

▶▶ପୃଷ୍ଠା ୭

### ନେତାଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ଉତ୍ସବ ଆରମ୍ଭ

## ନେତାଜୀ ଭାରତମାତାର ଅମୂଲ୍ୟ ରତ୍ନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ଆଜି ଭାରତୀୟ ମୁକ୍ତି ସଂଗ୍ରାମର ମହାନ୍ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପବିତ୍ର ଜନ୍ମ ଦିବସ । ଆଜିଠାରୁ ସାରା ଦେଶରେ ନେତାଜୀଙ୍କର ୧୨୫ତମ ଜନ୍ମବାର୍ଷିକୀ ପାଳନ ଆରମ୍ଭ ହୋଇଛି । ଏହି ଅବସରରେ ନେତାଜୀଙ୍କୁ ତାଙ୍କର ଜନ୍ମସ୍ଥାନ କଟକରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କଟକ ଓଡିଆବଜାରସ୍ଥିତ ନେତାଜୀଙ୍କର ଜନ୍ମସ୍ଥାନ ଜାନକୀନାଥ ଭବନକୁ ଯାଇ ରାଜ୍ୟବାସୀଙ୍କ ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରି



କଟକ ନେତାଜୀ ବସ୍ ଟର୍ମିନାଲର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନେତାଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନର ଅଂଶସ୍ୱରୂପ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କଟକ ଖାନନଗର ଠାରେ କଟକ ନେତାଜୀ ବସ୍ ଟର୍ମିନାଲର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନେତାଜୀ ଏହି କଟକ ମାଟିର ପୁଅ ।

▶▶ପୃଷ୍ଠା ୭

## ଖରିଫ୍ ଧାନକିଣାରେ ହୋଇଥିବା ବ୍ୟାପକ ଦୁର୍ନୀତିକୁ ସରକାର ମାନିଛନ୍ତି : ବିଜେପି

ଭୁବନେଶ୍ୱର ,୨୩ ଜାନୁଆରୀ - ରାଜ୍ୟରେ ୨୦୨୦-୨୧ ଆର୍ଥିକ ବର୍ଷରେ ଖରିଫ୍ ଧାନକିଣାରେ ବ୍ୟାପକ ଦୁର୍ନୀତି ହୋଇଛି । ସରକାରୀ ନିର୍ଦ୍ଦେଶନାମାର ଉଲଙ୍ଘନ ଅଭିଯୋଗରେ ୧୫ଜଣ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କୁ ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଛି । ସାରା ରାଜ୍ୟରେ ଖରିଫ୍ ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ହୋଇଛି ବୋଲି ଖୋଦ୍ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ୱୀକାର କରୁଛନ୍ତି । ଚାଷୀଙ୍କୁ ଶୋଷଣ କରିବା ଏବଂ

▶▶ପୃଷ୍ଠା ୭

## ମଦ ବିରୋଧରେ ମୋନାର ଦୁଇ ଦିବସୀୟ କାର୍ଯ୍ୟକ୍ରମ ୨୯ରୁ

ଭୁବନେଶ୍ୱର ,୨୩।୦୧ (ନି.ପ୍ର): ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ଆସନ୍ତା ୨୯ ଏବଂ ୩୦ ଦୁଇ ଦିନ ଧରି ରାଜଧାନୀ ଭୁବନେଶ୍ୱରରେ ଦୁଇ ଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସ ୨୯ ତାରିଖ ଦିନ ମୋନାର ସଭାପତି ଶ୍ରୀ ପଦ୍ମଚରଣ ନାୟକଙ୍କ ୯୫ତମ ଜନ୍ମ ବାର୍ଷିକି ପାଳନ କରିବା ପାଇଁ ମୋନା ପକ୍ଷରୁ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ ଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଯେଉଁଥିରେ ମଦ ବିରୋଧୀ ଏବଂ ବିଭିନ୍ନ ଶୁଭେଚ୍ଛୁ ମାନେ ଉପସ୍ଥିତ ରହିବେ ।

## ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର,୨୩।୦୧ (ନି.ପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଦକ୍ଷିଣ ମଧ କ୍ଷେତ୍ର ସାଂସ୍କୃତିକ କେନ୍ଦ୍ର, ନାଗପୁର ପକ୍ଷରୁ 'ଏକ ଭାରତ ଶ୍ରେଷ୍ଠ ଭାରତ' ଯୋଜନା ଅନ୍ତର୍ଗତ "ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମ ବାର୍ଷିକୀ ସମାରୋହ" ଆୟୋଜିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେତାଜୀଙ୍କ ଜନ୍ମସ୍ଥାନକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହାପରେ ଶ୍ରୀ ପ୍ରଧାନ ସଂସ୍କୃତି ମନ୍ତ୍ରଣାଳୟ ଅଧିକାରୀଙ୍କ ସହ ମତ ବିନିମୟ କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିସର ପରିଦର୍ଶନ କରିଥିଲେ । ପୂର୍ବାହ୍ନ ୧୧ଟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ମହାରାଷ୍ଟ୍ର ନାଗପୁରର ବହୁଦେଶୀୟ ସାମାଜିକ ସଂସ୍ଥା ପ୍ରୟାସ ପକ୍ଷରୁ ନେତାଜୀଙ୍କ ଜୀବନୀ ଉପରେ ପ୍ରସ୍ତୁତ ନାଟକ 'ବୋଷ' ତଥା

▶▶ପୃଷ୍ଠା ୭

## ବିଜେଡିର କ୍ରିକେଟ, ଫୁଟବଲ ପଲଟିକ୍ସ !

ଭୁବନେଶ୍ୱର,୨୩।୦୧ (ନି.ପ୍ର): ଏଣିକି ଗାଁ ଗାଁରେ ଜମିବ କ୍ରିକେଟ୍ ଆଉ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ । ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ମିଳିବ ପ୍ଲାଟଫର୍ମ । ଘରୋଇ କ୍ଷେତ୍ରରେ ନୁହେଁ ବରଂ ପଲିଟିକାଲ୍ ପ୍ଲାଟଫର୍ମରେ ହେବ ପ୍ରିମିୟର୍ ଲିଗ୍ । ଯାହାର ଆଜି ବିଗୁଲ୍ ବଜାଇ ଲୋଗୋ ଉନ୍ମୋଚନ କରିଛି ବିଜେଡି । ମୟୁରଭଞ୍ଜରୁ ଆରମ୍ଭ ହେବାକୁ ଥିବା ବିଭିନ୍ନ ଜିଲ୍ଲାସ୍ତରୀୟ ଲିଗ୍ ପାଇଁ ଆଜି ବାରିପଦାରେ ଲୋଗୋ ଉନ୍ମୋଚନ ସହ ଚୂଡାନ୍ତ କାର୍ଯ୍ୟକ୍ରମର ରୂପରେଖ ସ୍ପଷ୍ଟ କରିଛି ଦଳ । ପଞ୍ଚାୟତସ୍ତରରୁ ଖେଳାଳୀ ଚୟନ କରି ପ୍ରତ୍ୟେକ ବ୍ଲକରୁ ୮ଟି ଲେଖାଏଁ ଫୁଟବଲ୍ ଓ କ୍ରିକେଟ୍ ଟିମ୍ ଗଠନ କରାଯିବ । ଏଭଳି ଭାବେ ରାଜ୍ୟର ସବୁ ଜିଲ୍ଲାରେ ୩୨ଟି ଲେଖାଏଁ ଟିମ୍ ଚୟନ କରି ପ୍ରିମିୟର୍ ଲିଗ୍‌ର ଆୟୋଜନ କରିବ ବିଜେଡି । ଏଥିପାଇଁ ଚୟନ ପ୍ରକ୍ରିୟା ଦାୟିତ୍ୱରେ ରହିବେ ବିଜେଡି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ । ଆଜି ପରୀକ୍ଷାମୂଳକ ଭାବେ ଏହି କାର୍ଯ୍ୟକ୍ରମ ମୟୁରଭଞ୍ଜ ଜିଲ୍ଲାରେ ଅରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଅନ୍ୟ ଜିଲ୍ଲା ଗୁଡ଼ିକରେ ବି କରାଯିବ । କେବଳ କ୍ରିକେଟ କିମ୍ବା ଫୁଟବଲ ନୁହେଁ, ବିଭିନ୍ନ ଜିଲ୍ଲାର ଲୋକପ୍ରିୟ ଖେଳକୁ ବି କାର୍ଯ୍ୟକ୍ରମରେ ସାମିଲ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି । ବିଜେଡିର ଏହି ଖେଳ ରାଜନୀତିରେ ଟାର୍ଗେଟରେ ରହିଛନ୍ତି ବିଜେପି ମୁହାଁ ଯୁବ ଏବଂ ଛାତ୍ର ସମୂହ । ଯାହାଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ପ୍ରତ୍ୟେକ ଜିଲ୍ଲାରେ ହେବ ଫୁଟବଲ୍ ଏବଂ କ୍ରିକେଟ୍ ଲିଗ୍ ।




▶▶ପୃଷ୍ଠା ୭

## ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ରାଜ୍ୟରେ ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଏହା ସହ ରାଜ୍ୟରେ ମୋଟ ମୃତ୍ୟୁବରଣ କରିଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୧୯୦୪ ହୋଇଛି । ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣଙ୍କ ଖୋର୍ଦ୍ଧା ଜିଲ୍ଲାର ।

## ଘନ କୁହୁଡି ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର ,୨୩।୦୧ (ନି.ପ୍ର): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡି ଦେଖାଦେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ଅନୁଗୁଳ ଓ କଟକ ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡି ଦେଖାଦେଇପାରେ । ଏନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୫ ତାରିଖ ସକାଳେ କଟକ, ଭଦ୍ରକ, ଜଗତସିଂହପୁର, ଖୋର୍ଦ୍ଧା, କନ୍ଧମାଳ, ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ ଓ କେନ୍ଦ୍ରାପଡା ଜିଲ୍ଲାରେ ଘନ କୁହୁଡି ପଡ଼ିବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏଥିଲାଗି ସତର୍କ ରହିବାକୁ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## ନେତାଜୀ ଜୟନ୍ତୀରେ ଉଦ୍‌ବୋଧନ ଦେବାକୁ ମନା କରିଦେଲେ ମମତା ବାନାର୍ଜୀ



କଲିକତା,୨୩।୦୧ (ନି.ପ୍ର): ନେତାଜୀ ଜୟନ୍ତୀରେ ଉଦବୋଧନ ଦେବାକୁ ମନା କଲେ ମମତା । ଶନିବାର କୋଲକାତାର ଭିକ୍ଟୋରିଆ ମେମୋରିଆଲରେ ନେତାଜୀ ଜୟନ୍ତୀ ଅବସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକମାନଙ୍କୁ ଉଦବୋଧନ ଦେବାକୁ ସିଧା ସିଧା ମନା କରିଦେଇଛନ୍ତି । ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବି ଉପସ୍ଥିତ ଥିଲେ । ମମତା ବାନାର୍ଜୀ ମଞ୍ଚ ଉପରକୁ ଉଠିବା ମାତ୍ରେ ସେଠାରେ ଉପସ୍ଥିତ

▶▶ପୃଷ୍ଠା ୭

## ୨୫୦ଗ୍ରାମ ବ୍ରାଉନ୍ ସୁଗର ଜବତ୍ : ଅଭିଯୁକ୍ତ ମାରିଲେ ଚମ୍ପଟ



ଜଳେଶ୍ୱର, ୨୩/୧ (ନିପ୍ର) : ଆଜି ଜଳେଶ୍ୱର ପୋଲିସ୍ ଅଚାନକ ଖବର ପାଇ ଜଳେଶ୍ୱର ବ୍ଲକର ଝାଡେଶ୍ୱରପୁର ଅଂଚଳରେ ଚଢାଉ କରି ୨୫ଲକ୍ଷ ଟଙ୍କା ମୂଲ୍ୟର ୨୫୦ଗ୍ରାମ ବ୍ରାଉନ୍‌ସୁଗର ଜବତ୍ କରିଥିବା ବେଳେ ଅଭିଯୁକ୍ତ ଚମ୍ପଟ ମାରିଥିବା ଜଣାଯାଇଛି । କୌଣସି ସୂତ୍ରରୁ ଖବର ପାଇ ଜଳେଶ୍ୱର ଥାନା ଆଇଆଇସି ମାନସ ଦେଓ ଦଳବଳ ସହିତ ଚଢାଉ କରିଥିଲେ । ୨ଜଣ ବ୍ୟକ୍ତି ସେଠାରେ ବସିଥିବା ବେଳେ ପୁଲିସ୍‌କୁ ଦେଖି ଘାବରେଇ ଯାଇଥିଲେ । ପୁଲିସ୍‌ଟିମ୍ ଘଟଣାସ୍ଥଳରେ କିଛି ନ ପାଇ ମାର୍କେଟ ଏବଂ ବାଲି ସ୍ତୁପ ଉପରେ ସନ୍ଦେହ କରିଥିଲେ । ଖୋଜାଖୋଜି ପରେ ସେହି ଗ୍ରାମର ସେକ୍ କଟାବାବୁ ନାମକ ବ୍ୟକ୍ତି ଉପରେ ପୋଲିସ୍‌ର ସନ୍ଦେହ ହେବାରୁ ତାକୁ ପଚରାଉଚରା କରୁଥିବା ସମୟ ଉକ୍ତ ସେକ୍ କଟାବାବୁ ସେଠାରୁ ଚମ୍ପଟ ମାରିଥିଲା । ତା ନିକଟରୁ ମୋବାଇଲ୍, ମନିପର୍ସ ଇତ୍ୟାଦି ଜବତ୍ ହୋଇଥିବା ବେଳେ ନିକଟସ୍ଥ ବାଲିସ୍ତୁପ ନିକଟରୁ ଧଳଜହର ଜବତ୍ ହୋଇଛି । ଗତ କିଛିଦିନ ପୂର୍ବରୁ ଆଇଆଇସି ଏହି ବସ୍ତିରୁ ୨୦ଗ୍ରାମ ବ୍ରାଉନ୍‌ସୁଗର ଧରିବାକୁ ସକ୍ଷମ ହୋଇଥିଲେ । ବ୍ରାଉନ୍‌ସୁଗର ପେଣ୍ଟୁସ୍ଥଳ ପାଲଟିଥିବା ଝାଡେଶ୍ୱରପୁର ଅଂଚଳ ସଂପର୍କରେ ପୁଲିସ୍ ନିକଟରେ ବହୁ ତଥ୍ୟ ହସ୍ତଗତ ହୋଇଛି ।

## ସ୍କୁଲକୁ ଆସିଛି ୬ କୋଟି ଟଙ୍କାର ବିଜୁଳି ବିଲ୍ !

ନିଆଳି,୨୩।୦୧ (ନି.ପ୍ର): ୟୁପି ସ୍କୁଲକୁ ଆସିଛି ୬ କୋଟି ଟଙ୍କାର ବିଜୁଳି ବିଲ୍ । ବିଦ୍ୟୁତ ବିଲ୍ ପୈଠ ନକଲେ ସଂଯୋଗ କାଟିଦେବାକୁ ବିଭାଗର ଚେତାବନୀ । ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ । ଏପରି ଅଭିଯୋଗ କଟକ ଜିଲ୍ଲାରୁ ଆସିଛି । ପୂରା ଘଟଣାଟି ଏମିତି । ୨୦୧୬ ମସିହାରେ କଣ୍ଟାପଡା ବ୍ଲକ୍ ଶିଶୁଆ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟୁତ ସଂଯୋଗ ଦିଆଯାଥିଲା । ୨୦୨୦ ଫେବୃଆରୀ ୧୨ ତାରିଖରେ ସ୍କୁଲକୁ

▶▶ପୃଷ୍ଠା ୭

## ବିଶିଷ୍ଟ ସମାଜସେବୀ ସଦାନନ୍ଦ ଜୀଙ୍କ ଜୟନ୍ତୀ ପାଳିତ




ବାଲେଶ୍ୱର,୨୩।୦୧ (ନି.ପ୍ର): ସଦାନନ୍ଦଜୀ ଏଜୁକେସନାଲ ଫାଉଣ୍ଡେସନ, ଉତ୍କଳ ଶିକ୍ଷା ପରିଷଦ ଓ ମିଳିତ ସହଯୋଗରେ ମହାନ ଜନନାୟକ ନେତାଜୀ ସୁଭାଷ ବୋଷ ଏବଂ ବିଶିଷ୍ଟ ସମାଜସେବୀ ସଦାନନ୍ଦ ଜୀଙ୍କ ଜୟନ୍ତୀ ଶନିବାର ଦିନ ପାଳିତ ହୋଇଯାଇଛି । ସହରର ଗୋପାଳଗାଁସ୍ଥିତ ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବସ୍ତା ଅଞ୍ଚଳର ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ ଶ୍ୟାମା ପ୍ରସାଦ ବେହେରା ଉଦ୍‌ଘାଟନ କରିଥିଲେ । ଦେଶର ସ୍ୱାଧୀନତା ପାଇଁ ଜୀବନକୁ ବାଜି ଲଗାଇ ବ୍ରିଟିଶ ସରକାରଙ୍କ ଅଲକ୍ଷ୍ୟରେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଭଳି ଦୁଃସାହସିକ କାର୍ଯ୍ୟ କେବଳ ନେତାଜୀଙ୍କ ଭଳି ଅନନ୍ୟ ବ୍ୟକ୍ତିତ୍ୱଙ୍କ ଦ୍ୱାରା ସମ୍ଭବ ହୋଇଥିଲା ବୋଲି ସେ କହିଥିଲେ । ତାଙ୍କର ଆଦର୍ଶ ଭାରତୀୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇ ରହିଛି । ସେହିଭଳି ସମାଜସେବା କ୍ଷେତ୍ରରେ ବିଶିଷ୍ଟ ସମାଜସେବୀ ସଦାନନ୍ଦ ଜୀଙ୍କ ଅବଦାନ ବାଲେଶ୍ୱରବାସୀଙ୍କୁ ସର୍ବଦା ଉଦ୍‌ବୋଧ କରୁଥିବ ବୋଲି ଶ୍ରୀ ବେହେରା ମତ ପ୍ରକାଶ କରିଥିଲେ । ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, କବି କାଳୀପଦ ପଣ୍ଡା, ସାମ୍ବାଦିକ ରାମଚନ୍ଦ୍ର ଦେବ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଭୂମିକା ଓ ସମାଜସେବା କ୍ଷେତ୍ରରେ ବାଲେଶ୍ୱରରେ ସଦାନନ୍ଦ ଜୀଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ଦୁଇ ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶ ଭାରତୀୟ ଯୁବ ପିଢ଼ିଙ୍କ ପାଇଁ ପ୍ରେରଣା ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ସଦାନନ୍ଦ ଜୀ ଏଜୁକେସନାଲ ଫାଉଣ୍ଡେସନର ସଭାପତି

▶▶ପୃଷ୍ଠା ୭

# ଭଦ୍ରକରେ ଜିଲ୍ଲା ଯୋଜନା ବୋର୍ଡର ବାର୍ଷିକ ବଜେଟ ବୈଠକ ଅନୁଷ୍ଠିତ




ଭଦ୍ରକ,୨୩।୦୧ (ନି.ପ୍ର): ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡର ବାର୍ଷିକ ବଜେଟ ବୈଠକ ଚାନ୍ଦବାଲି ବିଜୁ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ଅଧକ୍ଷତାରେ ଯୋଜନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ସଭାପତି ଦ୍ୱିଜବର ରାଉତ, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଜିଲ୍ଲାଯୋଜନା ବୋର୍ଡ଼ର ସଦସ୍ୟ ସଦସ୍ୟା, ତଥା ଜିଲ୍ଲାସ୍ତରୀୟ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାଯୋଜନା ବୋର୍ଡ଼ର ଅଧକ୍ଷ ତଥା ବିଧାୟକ ଚାନ୍ଦବାଲି ଡ. ରାୟ ସରକାରଙ୍କ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡ଼ିକ ସଂପର୍କରେ ସମୀକ୍ଷା କରିଥିଲେ। ସରକାରଙ୍କ ପକ୍ଷରୁ ବହୁ ଲୋକାଭିମୁଖି ଯୋଜନାର କାର୍ଯ୍ୟକାରିତା ତଥା ତା'ର ସୁଫଳ କିପରି ଲୋକମାନେ ପାଇପାରିବେ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅସଂପୂର୍ଣ୍ଣ ଯୋଜନା ଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ କହିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦାସ ଭଦ୍ରକ ଜିଲ୍ଲାର ୨୦୨୦-୨୧ ଆର୍ଥିକ ବର୍ଷର ବାର୍ଷିକ ଯୋଜନାର ଖସଡ଼ା ଉପସ୍ଥାପନ କରି ପ୍ରୋଜେକ୍ଟର ମାଧ୍ୟମରେ ଗୃହକୁ ଅବଗତ କରାଇଥିଲେ। ଚଳିତ ବର୍ଷ ଭଦ୍ରକ ଜିଲ୍ଲାରେ ୨୦୨୦ -୨୧ ଆର୍ଥିକ ବର୍ଷ ବାର୍ଷିକ ଯୋଜନାରେ ୧୩୯୬କୋଟି ୯୦ଲକ୍ଷ ୮୫ହଜାର ଟଙ୍କାର ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। ଏହି ଯୋଜନାରେ କୃଷି ଓ ଏହା ସହିତ ଅନୁବନ୍ଧିତ ବିଭାଗ ପାଇଁ ୭୧କୋଟି ୨୦ଲକ୍ଷ ୧୦ହଜାର ଟଙ୍କା, ପଞ୍ଚାୟତିରାଜ ବିଭାଗ ପାଇଁ ୧୨୪ କୋଟି ୧୩ ଲକ୍ଷ ୪୬ହଜାର, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ ବାବଦକୁ ୯୭ କୋଟି ୪୩ଲକ୍ଷ ୫୪ହଜାର, ଶକ୍ତି ବିଭାଗ ନିମନ୍ତେ ୧୩ଲକ୍ଷ ୨୨ ହଜାର, ଶିକ୍ଷା ପାଇଁ ୧କୋଟି ୭ଲକ୍ଷ ୩୯ ହଜାର, ପରିବହନ ସେବା ନିମନ୍ତେ ୧୩୨ କୋଟି ୩୭ଲକ୍ଷ ୩୦ ହଜାର, ବିଜ୍ଞାନ କାରିଗରୀ ଓ ପରିବେଶ ପାଇଁ ୧ କୋଟି ୩୬ଲକ୍ଷ ୮୮ହଜାର, ସାଧାରଣ ଆର୍ଥିକ ସେବା ନିମନ୍ତେ ୧୪କୋଟି ୦୨ ଲକ୍ଷ, ସାମାଜିକ ସେବା ନିମନ୍ତେ ୯୫୫ କୋଟି ୧୬ ଲକ୍ଷ ୯୬ ହଜାର ଟଙ୍କାର ଏକ ବାର୍ଷିକ ବ୍ୟୟ ଅଟକଳର ବଜେଟ ସରକାରଙ୍କ ଠାରେ ଉପସ୍ଥାପନ କରାଯାଇଛି। ଶେଷରେ ଜିଲ୍ଲା ଯୋଜନା ବିଭାଗର ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକର ପୂର୍ବରୁ ଯୋଜନା ବୋର୍ଡ ଅଧକ୍ଷ ଡ. ରାୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଆୟୋଜିତ ଆଦର୍ଶ ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।

# ନେତାଜୀ ଜୟନ୍ତୀରୁ ବିଜୁ ବାବୁଙ୍କ ଶ୍ରାଦ୍ଧ ଯାଏଁ ରକ୍ତଦାନ ଅଭିଯାନ

## ରୋଗୀଙ୍କ ସାହାଯ୍ୟ ପାଇଁ ହସ୍ପିଟାଲରେ ହେଲପ୍ ଡେସ୍କ ଖୋଲିବ ଓଡିଶା - ମୋ ପରିବାର

ଭୁବନେଶ୍ୱର,୨୩।୦୧ (ନି.ପ୍ର): ଓଡ଼ିଶା-ମୋ ପରିବାର ତରଫରୁ ଜୀବନ ବିନ୍ଦୁ ରକ୍ତଦାନ ଆସନ୍ତାକାଲି ଅର୍ଥାତ୍ ଜାନୁଆରୀ ୨୩ ନେତାଜୀ ଜୟନ୍ତୀ ଠାରୁ ଏପ୍ରିଲ ୧୭ ବିଜୁ ବାବୁଙ୍କ ଶ୍ରାଦ୍ଧ ତିଥି ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । ଶୁକ୍ରବାର ଦିନ ଆବାହକ ଅରୁପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଶା-ମୋ ପରିବାର ଦାୟୀତ୍ୱରେ ଥିବା ବିଜେଡ଼ି ଉପ-ସଭାପତି ଦେବୀ ପ୍ରସାଦ ମିଶ୍ର, ବିଜେଡି ସାଧାରଣ ସଂପାଦକ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା-ମୋ ପରିବାର ସଭ୍ୟମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ମାଧ୍ୟମରେ ପ୍ରାୟ ୩୩ହଜାର ୟୁନିଟ୍ ସର୍ବନିମ୍ନ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି । ସେହିପରି ଓଡ଼ିଶା-ମୋ ପରିବାର ନେତାଜୀ ଜୟନ୍ତୀଠାରୁ ରୋଗୀମାନଙ୍କୁ ସାହଯ୍ୟ କରିବା ପାଇଁ ରାଜ୍ୟର ପ୍ରମୁଖ ଚିକିତ୍ସାଳୟଠାରେ ସ୍ୱତନ୍ତ୍ର ସାହାଯ୍ୟ କେନ୍ଦ୍ର ବା ହେଲ୍‌ପ ଡେସ୍କ ସ୍ଥାପନ କରିବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ ହସ୍‌ପିଟାଲ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲରେ ଶନିବାର ଠାରୁ ଏହା କାର୍ଯ୍ୟକାରୀ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ଆହ୍ୱାନକୁ ସଫଳ କରିବା ପାଇଁ ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁର ସବୁ ଜିଲ୍ଲା ସଂଯୋଜକ, ରାଜ୍ୟ ସ୍ତରୀୟ କର୍ମକର୍ତ୍ତା, ବିଧାୟକ, ସାଂସଦ, ଛାମୁଆ ସଂଗଠନ ଯଥା ଯୁବ ବିଜେଡି, ଛାତ୍ର ବିଜେଡି, ମହିଳା ବିଜେଡିର ରାଜ୍ୟ କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଛି ।

# କେନ୍ଦ୍ରାପଡା ବିଜେପିର ନଗର କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡା,୨୩।୦୧ (ନି.ପ୍ର): କେନ୍ଦ୍ରାପଡା ବିଜେପିର ନଗର କର୍ମକର୍ତ୍ତା ଚୟନ କରାଯାଇଥିବା ଜଣା ପଡିଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ନୂତନ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ କରାଯାଇଛି । ଏଥିରେ ଦିଲିପ ଦାଶ ସଭାପତି, ଉପ ସଭାପତି ଭାବେ ପଦ୍ମ ଲୋଚନ ମହାପାତ୍ର, ଗୌତମ ପୃଷ୍ଟି, ସୁବାଷ ସାହୁ, ରାଜେନ୍ଦ୍ର ପତି, ସସ୍ମିତା ସାହୁ, ବିନୋଦ କୁମାର ବେହେରା ସେହିପରି ସାଧାରଣ ସଂପାଦକ ଭାବେ ଚିତ ରଞ୍ଜନ କର ଏବଂ ଦେବେନ୍ଦ୍ର ଜେନା ଓ ସଂପାଦକ ଭାବେ ସ୍ୱରାଜ ପତ୍ରୀ, ନାରାୟଣ ପ୍ରସାଦ ସିଂହ, ଶଶିକାନ୍ତ ମର୍ଦ୍ଦରାଜ, ରଞ୍ଜିତ ସିଂହ, ଜଗନ୍ନାଥ ମହାରଣା, କୋଷାଧକ୍ଷ ଭାବେ ଦିପ୍ତିମୟୀ ସାହୁ ମନୋନିତ ହୋଇଛନ୍ତି ।

# ସମ୍ବିତ ପାତ୍ରଙ୍କ ବିରୁଦ୍ଧରେ ମାନହାନି ମୋକଦ୍ଦମା ଦାୟର କଲେ ମୋକିମ

କଟକ/ଭୁବନେଶ୍ୱର,୨୩।୦୧ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ରଙ୍କ ବିରୋଧରେ ବାରବାଟୀ-କଟକର କଂଗ୍ରେସ ବିଧାୟକ ଇଂ.ମହମ୍ମଦ ମୋକିମ ମାନହାନୀ ମୋକଦ୍ଦମା ଦାୟର କରିଛନ୍ତି। ପରୀ ହତ୍ୟା ଘଟଣାରେ ଗତ ନଭେମ୍ବର ୩୦ ତାରିଖରେ ବିଭିନ୍ନ ଜାତୀୟ ଗଣମାଧମ ସମ୍ମୁଖରେ କଂଗ୍ରେସ ଦଳର ନଅ ଜଣ ବିଧାୟକଙ୍କ ବିରୁଦ୍ଧରେ ଶାସକ ଦଳଠାରୁ ଟଙ୍କା ଖାଇଥିବା ଭଳି ଆରୋପ ଲଗାଇଥିଲେ। ଏହାର ପ୍ରତିବାଦ କରି କଂଗ୍ରେସ ବିଧାୟକ ଇଂ.ମହମ୍ମଦ ମୋକିମ ଗତ ଡିସେମ୍ବର ୭ ତାରିଖରେ ଶ୍ରୀ ପାତ୍ରଙ୍କ ନିକଟକୁ ଏକ ଓକିଲ ନୋଟିସ ଜାରି କରିଥିଲେ । ଡ. ପାତ୍ର ନିଜର ଅଶାଳୀନ ମନ୍ତବ୍ୟ ପାଇଁ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବାକୁ ବିଧାୟକ ମୋକିମ ନୋଟିସ ଜରିଆରେ ଦାବି କରିଥିଲେ। ଏହା ମଧ୍ୟରେ ଦୀର୍ଘ ଦେଢ ମାସ ବିତି ଯାଇଥିଲେ ମଧ୍ୟ ଶ୍ରୀ ପାତ୍ରଙ୍କ ଅପରାଧିକ କାର୍ଯ୍ୟ ପାଇଁ ଭାରତୀୟ ପିଙ୍ଗଳ କୋଡର ୧୮୬୦ରେ ଥିବା ୪୯୯ ଓ ୫୦୦ ଧାରା ଅନୁଯାୟୀ ଏସଡିଜେଏମ୍ ଙ୍କ ଅଦାଲତରେଏକ ମାନହାନୀ ମୋକଦ୍ଦମା ଦାୟର କରାଯାଇଛି । ବିଧାୟକ ଶ୍ରୀ ମୋକିମଙ୍କ ତରଫରୁ ଆଇନଜୀବୀ ଶୈଳବାଳା ଜେନା ମୋକଦ୍ଦମା ପରିଚାଳନା କରୁଛନ୍ତି ।

# ସଡକ ସୁରକ୍ଷା ସାଇକେଲ ପରିକ୍ରମା

କେନ୍ଦ୍ରାପଡା,୨୩।୦୧ (ନି.ପ୍ର): ୩୨ ତମ ସଡକ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ କେନ୍ଦ୍ରାପଡା ଟାଉନ୍‌ରେ ଏକ ସାଇକେଲ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ କେନ୍ଦ୍ରାପଡା ସାଇକେଲ କ୍ଲବ ର ମିଳିତ ସହଯୋଗରେ ଅନୁଷ୍ଠିତ ସାଇକେଲ ପରିକ୍ରମା କାର୍ଯ୍ୟକ୍ରମରେ ପ୍ରାୟ ୮୦ରୁ ଅଧିକ ସାଇକେଲ ଆରୋହି ଯୋଗ ଦେଇଥିଲେ । ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ସମ୍ମୁଖରୁ ଏହି ସାଇକେଲ ପରିକ୍ରମା ବାହାରି ସହର ପ୍ରରିକ୍ରମା କରି ଗରାପୁର ଛକ,ତିନିମୁହାଣୀ,ଦୁହୁରିଆ ଦେଇ ଆର୍ ଟିଓ ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ନରହରି ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ପରିକ୍ରମାର ଶୁଭାରମ୍ଭ କରିଥିଲେ ।

# ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦକ୍ଷତା ବିକାଶ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଶୁକ୍ରବାର ବିଭିନ୍ନ ସରକାରୀ ଆଇଟିଆଇ, ପଲିଟେକ୍‌ନିକ୍, ଇଂଜିନିୟରିଂ କଲେଜ ଓ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରେ ଚାଲୁ ରହିଥିବା ଦକ୍ଷତା ବିକାଶ ପ୍ରକଳ୍ପ ସବୁର କାର୍ଯ୍ୟ ସମୀକ୍ଷା କରିଥିଲେ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ଏହି ସବୁ କାର୍ଯ୍ୟର ଟେଣ୍ଡର କାର୍ଯ୍ୟ ଚଳିତ ବର୍ଷ ଫେବୃଆରୀ ମାସ ଶେଷ ସୁଦ୍ଧା ସାରିବାକୁ ଶାସନ ସଚିବ ଇଡ୍‌କୋ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଶାସନ ସଚିବ କର୍ମନିୟୋଜନ ନିର୍ଦ୍ଦେଶାଳୟ ଓ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କୁ ବର୍ତ୍ତମାନ ଅନୁମୋଦିତ ଆଇଟିଆଇ ବଡ଼ବିଲ୍, ଆଇଟିଆଇ ଆନନ୍ଦପୁର ଆଇଟିଆଇ, ବ୍ରହ୍ମପୁର, କେଉଁଝରର ଓଡ଼ିଶା ମାଇନିଂ ସ୍କୁଲ ଓ ସରକାରୀ ଇଂଜିନିୟରିଂ କଲେଜ୍‌ର ପ୍ରକଳ୍ପଗୁଡ଼ିକୁ ଚଳିତ ବର୍ଷ ମଇ ମାସ ସୁଦ୍ଧା ଆରମ୍ଭ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସେସବୁ କାର୍ଯ୍ୟ ସଂପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ବିଭିନ୍ନ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ସରକାରୀ ଆଇଟିଆଇ ଓ ପଲିଟେକ୍ ନିକ୍ ରେ ପରିଚାଳିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅନୁଧ୍ୟାନ କରିବା ସହ ଚୂଡ଼ାନ୍ତ ସମୟସୀମା ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ କର୍ମନିୟୋଜନ ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜି., ଇଡ୍ କୋର ସିଜିଏମ୍ (ସିଭିଲ୍) ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଓ ଇଡ୍‌କୋର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଓଡିଶାରେ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ୧୦ ହଜାର କୋଟି ଅନୁଦାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ଆଗାମୀ କେନ୍ଦ୍ର ବଜେଟ୍ ୨୦୨୧-୨୨ ସଂସଦରେ ଫେବୃଆରୀ ପହିଲାରେ ଉପସ୍ଥାପନ ପାଇଁ ଧାର୍ଯ୍ୟ ହୋଇଛି । ବଜେଟ୍ ପୂର୍ବରୁ ସରକାର ରାଜ୍ୟକୁ କିଭଳି ଅଧିକରୁ ଅଧିକ ଅନୁଦାନ ମିଳିବ ସେଥିପ୍ରତି କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରନ୍ତୁ । ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଓଡିଶାର ନ୍ୟାଯ୍ୟ ସ୍ୱାର୍ଥ ଉପସ୍ଥାପନ ଲାଗି ଉଭୟ ବିଜେଡି – ବିଜେପିକୁ କଂଗ୍ରେସ ଆହ୍ୱାନ ଦେଇଛି । ଓଡିଶାରୁ ପ୍ରତିବର୍ଷ ୧୫ ହଜାର କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ରେଳବାଇ ପାଉଥିବା ବେଳେ ରାଜ୍ୟର ରେଳ ବିକାଶ ଲାଗି ଆଗାମୀ ବଜେଟ୍‌ରେ ଅତି କମ୍‌ରେ ୧୦ ହଜାର କୋଟି ଟଙ୍କା ବଜେଟ୍ ଅନୁଦାନ ଘୋଷଣା କରିବାକୁ ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରକାଶ କରିଛନ୍ତି । କଂଗ୍ରେସ ଦାବି କରିଛି ଯେ ଓଡିଶା ବିଧାନସଭା କମିଟି ତୁରନ୍ତ ବଜେଟ୍ ପୂର୍ବରୁ ରେଳମନ୍ତ୍ରୀଙ୍କ ନିକଟରେ ରେଳ ଅନୁଦାନ ପ୍ରସଙ୍ଗରେ ଦାବୀ ଉପସ୍ଥାପନ କରନ୍ତୁ । ରାଜ୍ୟ ପରିବହନ ମନ୍ତ୍ରୀ ଏହି ପ୍ରସଙ୍ଗରେ ଦିଲ୍ଲୀ ଯାଇ ରେଳମନ୍ତ୍ରୀଙ୍କୁ ସାକ୍ଷାତ କରନ୍ତୁ । ରେଳ କ୍ଷେତ୍ରରେ ବିକାଶ ପାଇଁ ବଜେଟ୍ ପୂର୍ବରୁ ଓଡିଶାର ସମସ୍ତ ସାଂସଦ ଏକାଠି ହୋଇ ରେଳମନ୍ତ୍ରୀଙ୍କୁ ଭେଟି ରାଜ୍ୟର ଦାବି ଉପସ୍ଥାପନ କରନ୍ତୁ । ପୂର୍ବ-ପଶ୍ଚିମ ଓଡିଶାକୁ ସଂଯୋଗ କରୁଥିବାଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ । ବଜେଟ୍‌ରେ ଓଡିଶାର ମେଟ୍ରୋ ରେଳ ପ୍ରକଳ୍ପ ପ୍ରସ୍ତାବ ଘୋଷଣା କରିବା , ଗଞ୍ଜାମ ଜିଲ୍ଲାର ଶୀତଳାପଲ୍ଲୀ ଠାରେ ୱାଗନ ନିର୍ମାଣ କାରଖାନା ଆରମ୍ଭ ହୋଇପାରିନାହିଁ । ଚଳିତ ବଜେଟ୍‌ରେ ୱାଗନ କାରଖାନା ସ୍ଥାପନ ଲାଗି ଅତି କମ୍‌ରେ ଶହେ କୋଟି ଅନୁଦାନ ରାଶି ଘୋଷଣା କରିବାକୁ କଂଗ୍ରେସ ଦାବୀ କରୁଛି । ସେହିପରି କଳାହାଣ୍ଡି ଜିଲ୍ଲାର ନର୍ଲା ଠାରେ ଇଲେକ୍ଟ୍ରିକ୍ ଲୋକ ମେଂଟେନାନ୍ସ ୱାର୍କସପ୍ ସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କଂଗ୍ରେସ ଦଳ ଦାବି କରୁଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ଠକଙ୍କ ଠାରୁ ସାବଧାନ ରହିବାକୁ ରେଳବାଇର ପରାମର୍ଶ

ଭୁବନେଶ୍ୱର,୨୩।୦୧ (ନି.ପ୍ର): କିଛି ଅସାଧୁ ବ୍ୟକ୍ତି ଫୋନ କଲ ମାଧ୍ୟମରେ ରେଳବାଇ ରିଫଣ୍ଡ ପାଉଣା ଫେରସ୍ତ ପାଇଁ ରେଳ ବ୍ୟବହାରକାରୀ ମାନଙ୍କ ଡେବିଟ୍ / କ୍ରେଡିଟ୍ କାର୍ଡର ସବିଶେଷ ବିବରଣୀ ମାଗି ଫେରସ୍ତ ରାଶି ସ୍ଥାନାନ୍ତର କରିବାକୁ କହୁଥିବାର ଅଭିଯୋଗ ରେଳ ପ୍ରଶାସନର ନଜରକୁ ଆସିଅଛି । ରେଳବାଇ ଗ୍ରାହକ କିମ୍ୱା ରେଳ ବ୍ୟବହାରକାରୀଙ୍କୁ ସେମାନଙ୍କର ଡେବିଟ୍ / କ୍ରେଡିଟ୍ କାର୍ଡର ବିବରଣୀ କାହାକୁ ପ୍ରକାଶ ନକରିବାକୁ ପରାମର୍ଶ ଦେଇଛି । ଭାରତୀୟ ରେଳବାଇ, ଆଇଆରସିଟିସି କିମ୍ୱା ରେଳ କର୍ମଚାରୀମାନେ କୌଣସି ସ୍ଥାନରେ ଯେପରିକି ଆରକ୍ଷଣ କେନ୍ଦ୍ର/ ବୁକିଂ କାଉଂଟର / ୱେଟିଂ ହଲ/ ଷ୍ଟେସନ ଇତ୍ୟାଦି ଠାରେ ଗ୍ରାହକ କିମ୍ୱା ରେଳ ବ୍ୟବହାରକାରୀ ମାନଙ୍କୁ କୌଣସି ବ୍ୟକ୍ତିଗତ ବ୍ୟାଙ୍କିଙ୍ଗ ସୂଚନା ମାଗନ୍ତି ନାହିଁ, ଯେପରିକି ଡେବିଟ୍ / କ୍ରେଡିଟ୍ କାର୍ଡ ନମ୍ବର, ଓଟିପି, ଏଟିଏମ୍ ପିନ୍, ସିଭିଭି ନମ୍ବର, ପ୍ୟାନ କାର୍ଡ ନମ୍ବର ଏବଂ ଜନ୍ମ ତାରିଖ ଇତ୍ୟାଦି । ପୂର୍ବତଟ ରେଳପଥ ଏହାର ଗ୍ରାହକ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ସେମାନଙ୍କର ବ୍ୟାଙ୍କିଙ୍ଗ ସୂଚନା କିମ୍ୱା ଗୁପ୍ତ ନମ୍ବର କାହାକୁ ନ ଜଣାଇବାକୁ ପରାମର୍ଶ ଦେଇଛି ଏବଂ ସେହି ଅନୁଯାୟୀ ରେଳ ଭିଜିଲାନ୍ସକୁ ମଧ୍ୟ ସୂଚନା ଦେବାକୁ ପରାମର୍ଶ ଦେଇଛି ।

# ବିଦ୍ୟୁତ ଶକ୍ତି ଉତ୍ପାଦନ ଓ ବଂଟନ ଗୃହ କମିଟି ବୈଠକ, ସମ୍ପୃକ୍ତ ସମସ୍ତ ବିଭାଗ ରଖିବେ ତଥ୍ୟ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ଓଡ଼ିଶା ବିଧାନସଭାର ବିଦ୍ୟୁତ ଶକ୍ତି ଉତ୍ପାଦନ, ସଂଚରଣ ଓ ବିତରଣ ସମ୍ପର୍କିତ ବିଧାନସଭା ଗୃହ କମିଟି ବୈଠକ ଆଜି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭା ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପାଓ୍ୱାର ଜେନେରେଟିଙ୍ଗ୍ କର୍ପୋରେସନର କାର୍ଯ୍ୟଧାରା ଉପରେ ସବିଶେଷ ତଥ୍ୟ ରଖିବାକୁ ବିଧାୟକ କିଶୋର ମହାନ୍ତି ମତ ଦେଇଥିଲେ । ବିଧାୟକ ଅମର ପ୍ରସାଦ ଶତପଥି, ଅନନ୍ତ ଦାସ, ଅତନୁ ସବ୍ୟସାଚୀ ନାୟକ, ସନ୍ତୋଷ ସିଂ ସାଲୁଜା ଏବଂ ଭାରତୀୟ ଜାତୀୟ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ବିଦ୍ୟୁତ ଉପଭୋକ୍ତା ମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ନେବାକୁ ଦାବି ରଖିଥିଲେ । ବିଦ୍ୟୁତ ଶକ୍ତି ଉତ୍ପାଦନ, ସଂଚରଣ ଓ ବଂଟନ ସହ ଜଡ଼ିତ ଟାଟା କମ୍ପାନୀର ମୁଖ୍ୟ, ଓଡ଼ିଶା ପାଓ୍ୱାର ଜେନେରେଟିଂ କର୍ପୋରେସନ, ମୁଖ୍ୟ ବିଭାଗୀୟ ସଚିବ ଏବଂ ଏହା ସହ ଜଡ଼ିତ ଅନ୍ୟ ଅଧିକାରୀମାନଙ୍କ ଏକ ଉଚ୍ଚସ୍ତରୀୟ ବୈଠକ ଆଗାମୀ ଫେବୃଆରୀ ୨ ତାରିଖ ଦିନ ଅନୁଷ୍ଠିତ କରିବାକୁ ନିଷ୍ପତି ନିଆଯାଇଛି । ସମ୍ପୃକ୍ତ ଅଧିକାରୀମାନଙ୍କ ସହ ବିଚାର ବିମର୍ଷ ପରେ ବିଧାୟନ ସଭାର ସବ୍-କମିଟି ବିଭିନ୍ନ ଜିଲ୍ଲାକୁ ଗସ୍ତରେ ଯାଇ ବାସ୍ତବ ସ୍ଥିତି ସମୀକ୍ଷା କରିବେ । ଏଥିପାଇଁ ୪ଟି ସବ୍-କମିଟି ଗଠନ କରାଯାଇଛି । ସବ୍-କମିଟି-୧ରେ ବାଚସ୍ପତି ଡ, ସୂର୍ଯ୍ୟ ନାରାୟଣ ପାତ୍ର, ସବ୍-କମିଟି-୨ରେ ଉପବାଚସ୍ପତି ରଜନୀକାନ୍ତ ସିଂ, ସବ୍-କମିଟି-୩ରେ ବିଧାୟକ ଅନନ୍ତ ଦାସ ଏବଂ ସବ୍ କମିଟି-୪ରେ ଭାରତୀୟ ଜାତୀୟ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଅଧ୍ୟକ୍ଷ ରହି ସାମଗ୍ରିକ ଭାବେ ବିଦ୍ୟୁତ ବଂଟନ, ସଂଚରଣ ଓ ଉତ୍ପାଦନ ଉପରେ ବିଧାନସଭାକୁ ରିପୋର୍ଟ ପ୍ରଦାନ କରିବେ । ଉକ୍ତ ବୈଠକରେ ଉପବାଚସ୍ପତି ତଜନୀକାନ୍ତ ସିଂ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ଏବଂ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ, ଭାରତୀୟ ଜାତୀୟ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ବିଧାୟକ କିଶୋର କୁମାର ମହାନ୍ତି, ଅନନ୍ତ ଦାସ, ଅମର ପ୍ରସାଦ ଶତପଥି, ଅତନୁ ସବ୍ୟସାଚୀ ନାୟକ, ସନ୍ତୋଷ ସିଂ ସାଲୁଜା, ପ୍ରଶାନ୍ତ କୁମାର ମୁଦୁଲି, ସୁକାନ୍ତ କୁମାର ନାୟକ, ସୀମାରାଣୀ ନାୟକ, ବିଧାନସଭା ସଚିବ ଦାଶରଥି ଶତପଥି ଯୋଗ ଦେଇଥିଲେ ।

# ଦଲାଲଙ୍କ ପାଇଁ ଓକିଲାତି କରୁଛି ବିଜେପି : ବିଜେଡି

ଭୁବନେଶ୍ୱର,୨୩।୦୧ (ନି.ପ୍ର): ରାଜ୍ୟରେ ଜାରି ରହିଥିବା ଧାନ କିଣା ପ୍ରକ୍ରିୟାରେ ଚାଷୀମାନେ ଉପକୃତ ହେଉଥିବାବେଳେ କେତେକ ଦଲାଲଙ୍କ ସହ ହାତ ମିଳାଇ ଓଡିଶା ବିଜେପି ସେମାନଙ୍କ ପାଇଁ ଓକିଲାତି କରୁଛି । ବିଜେପି ନେତାମାନେ ସର୍ବଦା ଦଲାଲମାନଙ୍କ ପାଇଁ ଓକିଲାତି କରୁଥିବା ରାଜ୍ୟବାସୀ ଭଲଭାବେ ଜାଣିଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର । ଶ୍ରୀମତୀ ମିଶ୍ର କହିଛନ୍ତି ଯେ, ରାଜ୍ୟରେ ରେକର୍ଡ ପରିମାଣର ଧାନ ଉତ୍ପାଦନ ହୋଇଥିବାବେଳେ ଠିକଣା ଭାବେ ଧାନ ସଂଗ୍ରହ ଯୋଗୁଁ ଲକ୍ଷାଧିକ ଚାଷୀ ଉପକୃତ ହେଉଛନ୍ତି । ୨୦୧୮-୧୯ ବର୍ଷରେ ୬୫.୫ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିବାବେଳେ ଚାଷୀମାନଙ୍କ ଖାତାକୁ ୧୧,୪୦୦ କୋଟି ଟଙ୍କା ପଠାଯାଇଥିଲା । ୨୦୧୯-୨୦ ବର୍ଷରେ ୭୦.୫୬ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିବାବେଳେ ଚାଷୀଙ୍କଙ୍କୁ ୧୨,୮୦୮ କୋଟି ଟଙ୍କା ଯାଇଥିଲା । ପ୍ରକୃତ ଚାଷୀଙ୍କ ନିକଟରେ ଥିବା ଗୋଟିଏ ଅଖା ଧାନକୁ ମଧ୍ୟ ସଂଗ୍ରହ କରିବାପାଇଁ ବିଜେଡି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀମତୀ ମିଶ୍ର କହିଛନ୍ତି । ଦିଲ୍ଲୀରେ କୃଷକମାନେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଚଳାଉଥିବା ପ୍ରଦର୍ଶନରୁ ନଜର ହଟାଇବାପାଇଁ ଓଡିଶା ବିଜେପି ଏଭଳି ଡ୍ରାମା କରୁଥିବା ଓଡିଶାବାସୀ ବୁଝି ସାରିଲେଣି । ବିଜେଡି ସାଂସଦମାନେ ଗତକାଲି କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଭେଟିବା ସହିତ ଚାଉଳ ସଂଗ୍ରହ ଓ ସବସିଡ୍ ପ୍ରଦାନ ସମ୍ପର୍କିତ ସମସ୍ୟାର ସମାଧାନ ହୋଇଛି । ହେଲେ ବିଜେପି ସାଂସଦମାନେ ଓଡିଶା ପାଇଁ କରିଛନ୍ତି କ'ଣ ? ଏଠାରେ ଶସ୍ତା ରାଜନୀତି କରିବା ଅପେକ୍ଷା ଓଡିଶା ଚାଷୀଙ୍କ ସ୍ୱାର୍ଥରକ୍ଷା ଲାଗି ବିଜେଡି ସାଂସଦଙ୍କ ଭଳି ସେମାନେ ପଦକ୍ଷେପ ନେବା ଉଚିତ୍ ବୋଲି ମୁଖପାତ୍ର ଶ୍ରୀମତୀ ମିଶ୍ର କହିଛନ୍ତି ।

# ଜିଲ୍ଲା ଉଦ୍ୟାନକୃଷି ଅଧିକାରୀଙ୍କ ସମୀକ୍ଷା ବୈଠକ

## ରାଜ୍ୟରେ ଉଦ୍ୟାନଭିତିକ କୃଷିର ପର୍ଯ୍ୟାପ୍ତ ସୁଯୋଗ ରହିଛି- କୃଷି ମନ୍ତ୍ରୀ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ରାଜ୍ୟରେ ଉଦ୍ୟାନଭିତିକ କୃଷିର ପର୍ଯ୍ୟାପ୍ତ ସୁଯୋଗ ରହିଛି । ଫସଲର ବିବିଧିକରଣ କରାଯାଇ ସ୍ଥାନୀୟ ଅଂଚଳର ମୃତିକା ଓ ଜଳବାୟୁ ଅନୁକୂଳ ଫଳ, ପନିପରିବା ଆଦି ଚାଷ କରାଯାଇ ଚାଷୀମାନଙ୍କ ଆୟକୁ ବହୁଗୁଣିତ କରାଯାଇପାରିବ । ଏହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଫଳ, ପନିପରିବା ଆଦି ଚାଷ ଦିଗରେ ଉଦ୍ୟାନ କୃଷି ଅଧିକାରୀମାନେ ବ୍ୟାପକ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଆଜି କୃଷି ଭବନଠାରେ ଆୟୋଜିତ ଉଦ୍ୟାନ କୃଷି ଅଧିକାରୀମାନଙ୍କ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ ଅଧିକାରୀମାନଙ୍କୁ ୫-'ଟି' ଓ 'ମୋ ସରକାର' କାର୍ଯ୍ୟକ୍ରମକୁ କଡ଼ାକଡ଼ି ଭାବେ ଅନୁପାଳନପୂର୍ବକ ଅନ୍ୟ ବିଭାଗର ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷାକରି ଉଦ୍ୟାନକୃଷି ଯୋଜନାଗୁଡ଼ିକର ସଫଳ ରୂପାୟନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟକୁ ବିଭିନ୍ନ ସମୟରେ ବାତ୍ୟା, ବନ୍ୟା, ମରୁଡ଼ି, ରୋଗପୋକ ଆଦି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡୁଥିବାବେଳେ ଓଡ଼ିଶାରେ ଚାଷୀମାନେ କଠିନ ପରିଶ୍ରମ ଏବଂ ଉନ୍ନତ ବିହନ, କୃଷି ଯନ୍ତ୍ରପାତି, ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଯୋଗୁଁ ରାଜ୍ୟ ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ହୋଇପାରିଥିବାବେଳେ କନ୍ଦମୂଳ, କଖାରୁ, ଲେମ୍ବୁ, ପାଳଛତୁ ଉତ୍ପାଦନରେ ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବାଇଗଣ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଏବଂ କାଜୁବାଦାମରେ ତୃତୀୟ ସ୍ଥାନ ହାସଲ କରିପାରିଛି । ଉଦ୍ୟାନ କୃଷିରେ ଅଳ୍ପ ଜମିରେ ଅଧିକ ଲାଭ ପାଇବାର ସୁଯୋଗ ରହିଛି । ଏହି ପରିପ୍ରେକ୍ଷୀରେ ଚାଷୀମାନେ ଅଧିକରୁ ଅଧିକ ଉଦ୍ୟାନ କୃଷି ଭିତିକ ଚାଷ ଓ ଅର୍ଥକରୀ ଫସଲ କରିବା ନିମନ୍ତେ ମାନସିକତାରେ ପରିବର୍ତନ ଅଣିବାର ଆବଶ୍ୟକତା ରହିଛି । ଜିଲ୍ଲାର ଉଦ୍ୟାନ କୃଷି ଅଧିକାରୀମାନେ ଅନ୍ୟ ଆନୁଷଙ୍ଗିକ ବିଭାଗର ଅଧିକାରୀମାନଙ୍କ ସହିତ ନିୟମିତ ବୈଠକ ଆୟୋଜନ କରି ଜିଲ୍ଲାରେ ସମନ୍ୱିତ କୃଷି ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକମାନେ ଆଗାମୀ ୩ ମାସର କାର୍ଯ୍ୟଖସଡ଼ା ଓ ଜିଲ୍ଲା ନିମନ୍ତେ ଆଗାମୀ ୩ ବର୍ଷର ଯୋଜନା ପ୍ରସ୍ତୁତ କରି ବିଭାଗକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାଦ୍ୱାରା ଓଡ଼ିଶା ଉଦ୍ୟାନକୃଷି ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବା ସହିତ ଅନ୍ୟ ରାଜ୍ୟମାନଙ୍କୁ ରପ୍ତାନୀ କରିପାରିବ । ଏଥି ସହିତ ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍.ରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ କଡ଼ାକଡ଼ି ତଦାରଖ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ସ୍ଥାନୀୟ ଚାଷୀମାନଙ୍କ ସମସ୍ୟାର ଆଶୁ ସମାଧାନ ନିମନ୍ତେ ପ୍ରତି ସୋମବାର ଦିନ ପଂଚାୟତ ସ୍ତରୀୟ ବୈଠକ ଏବଂ ବ୍ଲକ୍‌ସ୍ତରରେ ପ୍ରଥମ ଓ ତୃତୀୟ ଶନିବାରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ବୈଷୟିକ ବୈଠକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଉଦ୍ୟାନ କୃଷି ଅଧିକାରୀ ନିୟମିତ ବୈଠକରେ ଯୋଗଦାନ କରିବା ପାଇଁ କହିଥିଲ । ଅଧିକରୁ ଅଧିକ ଉଦ୍ୟାନ କୃଷି କ୍ଲଷ୍ଟର ଏବଂ ଚାରା ଉତ୍ପାଦନ ନିମନ୍ତେ ଅଧିକ ନର୍ସରୀ ପ୍ରତିଷ୍ଠା କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ଉଦ୍ୟାନ କୃଷି ଉତ୍ପାଦକୁ ମୂଲ୍ୟଯୁକ୍ତ କରିପାରିଲେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବା ସହିତ ଚାଷୀମାନଙ୍କ ଆୟବୃଦ୍ଧି ହୋଇପାରିବ ବୋଲି ସଚିବ ଡ. ଗର୍ଗ କହିଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଉଦ୍ୟାନକୃଷି ଉପନିର୍ଦ୍ଦେଶକ, ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକମାନେ ଯୋଗ ଦେଇଥିଲେ ।

# ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କଲେ କେନ୍ଦ୍ର ଶ୍ରମ ସଚିବ


ଭୁବନେଶ୍ୱର,୨୩।୦୧ (ନି.ପ୍ର): କେନ୍ଦ୍ର ଶ୍ରମ ସଚିବ ଶ୍ରୀ ଅପୂର୍ବ ଚନ୍ଦ୍ର ଶୁକ୍ରବାର ଭୁବନେଶ୍ୱର ପରିଦର୍ଶନରେ ଆସି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଛନ୍ତି । ଏହି ଅବସରରେ ଶ୍ରୀ ଅପୂର୍ବ ଚନ୍ଦ୍ର ଭୁବନେଶ୍ୱରସ୍ଥ କର୍ମଚାର ରାଜ୍ୟବୀମା ହସ୍‌ପିଟାଲ୍ ଯାଇ କର୍ମଚାରୀମାନଙ୍କ ସମସ୍ୟା ସଂପର୍କରେ ପଚାରି ବୁଝିବା ସହିତ କର୍ମଚାରୀ ରାଜ୍ୟବୀମା ହସ୍‌ପିଟାଲ୍ ରେ ସୁଧାର ଆଣିବା ସଂପର୍କରେ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷକରି ବୀମାଭୁକ୍ତ ହିତାଧିକାରୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ଏହାର ଭିତିଭୂମି ବିକାଶ କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରହିଛି କେନ୍ଦ୍ର ସରକାରଙ୍କ ତରଫରୁ ସେଗୁଡ଼ିକୁ ଦୂର କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ । ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ ଜେନା, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍, ରାଜ୍ୟ ଶ୍ରମ କମିଶନର ଡ. ଏନ୍.ଥିରୁମାଲା ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୧୨ ଲି ୯୬୦ ମିଲି ଚୋରା ମଦ ଜବତ, ୩ ଗିରଫ

କେନ୍ଦ୍ରାପଡା,୨୩।୦୧ (ନି.ପ୍ର): କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ବେପାରୀଙ୍କୁ ଧରିବ ପାଇଁ ତନାଘନା ଆରମ୍ଭ କରଯାଇଛି । କିଛିଦିନ ଶିଥିଳତା ପରେ ବିଶେଷକରି ଲକଡାଉନ ସମୟରେ ଚେରାମଦ କାରବାର ରେ ଅବକାରୀ ବିବାଗର ନିଷ୍କ୍ରିୟତା ଯୋଗୁଁ ସମାଲୋଚନା ପ୍ରକାଶ ପାଇଥିଲା । ବିଭିନ୍ନ ଆଡୁ ସମାଲୋଚିତ ହୋଇଥିବା ଅବକାରୀ ବିଭାଗ ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ ପରେ ଏବେ ଚେଇଁ ଉଠିଥିବା ଭଳି ଧରପକଡ ଆରମ୍ଭ କରିଛି ।

ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୨

(ପୂର୍ବପ୍ରକାଶିତ ଉତ୍ତାରୁ...)

### ଛପନ ସାଲର ଦୁର୍ଭିକ୍ଷ

କି ଭୟାବହ ଦୁର୍ଭିକ୍ଷ! ମନେହେଲେ ଆଜି ଦେହ ଶୀତେଇ ଉଠୁଛି। ଦ୍ୱିତୀୟଶ୍ରେଣୀର ବାର୍ଷିକ ପରୀକ୍ଷା ପରେ ଗ୍ରୀଷ୍ମାବକାଶରେ ଆଗଲପୁରକୁ ଆସି ଛୁଟି କଟାଇଲି। ଏହା ୧୮୯୯ ମସିହା, ସମ୍ବତ୍ ୧୯୫୬ ସାଲ। ସେତେବେଳେ ମୋତେ ୧୨-୧୩ବର୍ଷ ବୟସ। ସେହି କରାଳ ଦୁର୍ଭିକ୍ଷର ଯେଉଁ ମର୍ମନ୍ତୁଦ ଦୃଶ୍ୟସମୂହ ମୁଁ ଦେଖିଅଛି ସେ ସମସ୍ତ ମୋ ମାନସପଟରେ ସ୍ପଷ୍ଟ ଭାବରେ ଅଙ୍କିତ ହୋଇ ରହିଅଛି। ବାଲ୍ୟକାଳର ଅନୁଭୂତି ସେତେ ଶିକ୍ଷାପଯୋଗୀ ନୁହେଁ; କାରଣ ସମସ୍ତ ବିଷୟ ସେହି ସମୟରେ ବୁଝା ପଡ଼େନାହିଁ। କ୍ରମେ ବୟସ ବୃଦ୍ଧି ସଙ୍ଗେ ସଂସାରର ବାଲ୍ୟସ୍ମୃତିର ସମ୍ମିଶ୍ରଣରେ ପୂର୍ବାନୁଭୂତ ବିଷୟଗୁଡ଼ିକ ସ୍ପଷ୍ଟ ହୋଇପଡ଼େ।

ଗ୍ରୀଷ୍ମାବକାଶରେ ଘରକୁ ଆସି ଦେଖିଲି ଗ୍ରାମଟି ପ୍ରବାସୀ ଲୋକଙ୍କ ଦ୍ୱାରା କ୍ରମେ କ୍ରମେ ପୂର୍ଣ୍ଣ ହୋଇଯାଉଅଛି। ପ୍ରତ୍ୟହ ଦଳ ଦଳ ଲୋକ-ପୁରୁଷ, ସ୍ତ୍ରୀ, ଶିଶୁ-ଆସି ସମସ୍ତେ ଘରେ ଘରେ ଭିକ୍ଷାକରି ବୁଲୁଛନ୍ତି। ଏମାନେ ଛତିଶଗଡ଼ୀ ଲରିୟା ଭାଷା କହୁଛନ୍ତି। ଛତିଶଗଡ଼ ବୋଇଲେ ରାୟପୁର ଓ ବିଳାସପୁର ଜିଲ୍ଲା। ଉଭୟ ଜିଲ୍ଲାର ସୀମା ସମ୍ବଲପୁର, ପାଟଣା ଓ କଳାହାଣ୍ଡି ରାଜ୍ୟର ସୀମା ସହିତ ସଂଲଗ୍ନ। ସେହି ସମୟରେ ଏହି ଦୁଇ ଜିଲ୍ଲା ଓ ସମ୍ବଲପୁର ଦ୍ୱାରା ଛତିଶଗଡ଼ ବିଭାଗ ଗଠିତ ହୋଇଥିଲା। ଆଜିକାଲି ରାୟପୁର ଜିଲ୍ଲାରେ ଥିବା ଫୁଲଝର ଜମିଦାରୀ ସେହି ସମୟର ସମ୍ବଲପୁର ଜିଲ୍ଲାର ଏକାଂଶ ଥିଲା। ୧୯୦୫ ମସିହାରେ ସମ୍ବଲପୁର ଓଡ଼ିଶା ସହିତ ମିଳିତ ହେବା ସମୟରେ ଫୁଲଝର ମଧ୍ୟପ୍ରଦେଶରେ ରହିଯାଇ ରାୟପୁର ଜିଲ୍ଲାର ଅନ୍ତର୍ଭୁକ୍ତ ହେଲା। ରାୟପୁର, ବିଳାସପୁର ଓ ଫୁଲଝର ଅଂଚଳରେ କ୍ରମାଗତ ତିନିଚାରି ବର୍ଷର ଅନାବୃଷ୍ଟି ଯୋଗୁଁ ପ୍ରତିବର୍ଷ ଫସଲ ନଷ୍ଟ ହେଉଥିଲା ଓ ଅନ୍ନକ୍ଲିଷ୍ଟ ଅଧିବାସୀଗଣ ଇତସ୍ତତଃ ବିକ୍ଷିପ୍ତ ହୋଇ ସେମାନଙ୍କ ମଧ୍ୟରୁ କେତେକ ଆଗଲପୁରକୁ ଚାଲି ଆସିଥିଲେ। କିନ୍ତୁ ଏହି ଅଂଚଳ ସୁଦ୍ଧା ଏହି ବିପଦରୁ ମୁକ୍ତ ନଥିଲା। ଛତିଶଗଡ଼ର ଅବସ୍ଥା ପାଟଣାରେ ମଧ୍ୟ ଅନୁଭୂତ ହେଉଥିଲା । ମୋର ମନେହେଉଛି ଅନ୍ନାଭାବ ଆଗଲପୁରରେ ସୁଦ୍ଧା ତୀବ୍ରାକାର ଧାରଣ କରିଥିଲା। ସ୍ଥାନୀୟ ଅଧିବାସୀଙ୍କ ସହିତ ଆଗନ୍ତୁକଙ୍କୁ ଅନ୍ନ ଯୋଗାଇବା କଷ୍ଟସାଧ୍ୟ ହୋଇଥିଲା। ପ୍ରଥମରେ ନିମ୍ନଶ୍ରେଣୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟିହେଲା ଓ ଏମାନେ ସୁଦ୍ଧା ଆଗନ୍ତୁକଙ୍କ ତୁଲ୍ୟ ଭିକ୍ଷା ମାଗିବାକୁ ଘରେ ଘରେ ବୁଲିଲେ। ଚତୁର୍ଦ୍ଦିଗରେ ହା ଅନ୍ନ! ହା ଅନ୍ନର କରୁଣ ଚିତ୍କାର। ଜମିଦାରଙ୍କ ଘର ନିକଟବର୍ତ୍ତୀ ଏକ ସ୍ଥାନରେ ସାଧାରଣ କାଙ୍ଗାଳିଙ୍କ ସକାଶେ ଅନ୍ନସତ୍ର ଖୋଲି ଦିଆହେଲା। ଅନେକ ସେଠାକୁ ଯାଇ ମୁଠାଏ ମୁଠାଏ ଭାତ ଘେନି ଆସୁଥିଲେ। ସଙ୍ଗେ ସଙ୍ଗେ ଭୀଷଣ ଭାବରେ ବସନ୍ତ ଓ କଲେରାର ଆବିର୍ଭାବ ହେଲା। ଦେଖାଗଲା ପ୍ରାୟ ପ୍ରତ୍ୟେକ ଗୃହରେ କେହି ନା କେହି ଏହି ରୋଗର କବଳରେ ପଡ଼ିଅଛନ୍ତି। ଅଳ୍ପ ଅଳ୍ପ ହୋଇ ମୃତସଂଖ୍ୟା ବୃଦ୍ଧି ହେବାକୁ ଯାଉଅଛି। କେତେକ ପରିବାର ଏକାବେଳେ ନିର୍ମୂଳ ହୋଇଗଲେ। କଲେରାର ଆବିର୍ଭାବରେ ଏ ଅଂଚଳରେ ଘରଦ୍ୱାରା ପଡ଼ିଯାଏ। ଲୋକେ ଭୟଭୀତ ହୋଇ ଗୃହତ୍ୟାଗ କରି ଜଙ୍ଗଲକୁ ଯାଇ ରହନ୍ତି। ଆଉ କେହି ଗୃହ ତ୍ୟାଗ କରିନପାରିଲେ ଦ୍ୱାରରୁଦ୍ଧ କରି ତନ୍ମଧ୍ୟରେ ଯଥାସାଧ୍ୟ ଦୈନନ୍ଦିନ ଜୀବନଯାପନ କରନ୍ତି। ଯେଉଁ ଜମିଦାର ଗୃହ ଆଗଲପୁରବାସୀଙ୍କ ସକାଶେ ସର୍ବଦା ଅବାରିତଦ୍ୱାର ଥିଲା ତାହାର ସଦର ଫାଟକ ଗୋଟିଏ ବୃହତ କବାଟ ଦ୍ୱାରା ଯେଉଁଦିନ ରୁଦ୍ଧ ହେଲା ସେହିଦିନ ଦରିଦ୍ର ବ୍ୟକ୍ତିଙ୍କ ଅନ୍ନକଷ୍ଟ ଆରମ୍ଭ ହୋଇଥିଲା। ଜମିଦାର ପରିବାର ଦରିଦ୍ରଙ୍କ ପ୍ରତି ସଦୟ ଓ ସର୍ବଦା ଦାନଶୀଳ ଥିଲେ ଓ ଯେ ଯେତେବେଳେ ତାଙ୍କ ଦ୍ୱାରସ୍ଥ ହେଉଥିଲା ଶୂନ୍ୟ ହସ୍ତରେ ଫେରୁନଥିଲା। ତାହା ବନ୍ଦ ହୋଇଗଲା। ଲୋକେ ଗଛର କଅଁଳ ପତ୍ର, ମୂଳ, ପୋଖରୀ ପଙ୍କରୁ ଖୋଳି କନ୍ଦା ପ୍ରଭୃତି ଖାଇଲେ ଓ ଅଜୀର୍ଣ୍ଣରେ ପ୍ରାଣତ୍ୟାଗ କରିବାକୁ ଲାଗିଲେ। ଗାଈ, ଗୋରୁ, ବାସନ, ବର୍ତ୍ତନ ତଥା ଯାହାଘରେ ଯାହା ଥିଲା ସର୍ବସ୍ୱ ବିକ୍ରି କଲେ। ତଥାପି ଅନ୍ନକଷ୍ଟ ବହୁଦିନ ପର୍ଯ୍ୟନ୍ତ ଗଲାନାହିଁ। ଏହି ଭୟାବହ ପରିସ୍ଥିତି ମଧ୍ୟରେ ଗ୍ରୀଷ୍ମାବକାଶ ଅତିବାହିତ ହେଲା। ମୋ ମା' କଲେରାରେ ଆକ୍ରାନ୍ତ ହେଲେ। କିନ୍ତୁ ଗ୍ରାମର ବୈଦ୍ୟ, ଗୋବିନ୍ଦ ଦଳବେହେରାଙ୍କ ଚିକିତ୍ସାରେ ଆରୋଗ୍ୟ ଲାଭକଲେ।


ଗ୍ରୀଷ୍ମାବକାଶ ଶେଷରେ ଗ୍ରାମର ଆଉ ଜଣେ ବଲାଙ୍ଗିର ସ୍କୁଲର ଛାତ୍ର ସହିତ ମୁଁ ବଲାଙ୍ଗିର ଅଭିମୁଖେ ଯାତ୍ରାକଲି। ଯିବା ବାଟରେ ଭରସୁଜା ଗ୍ରାମର ଦୁଇଜଣ ପିଲା ଆମ୍ଭମାନଙ୍କ ସଙ୍ଗୀ ହେଲେ। ଆଗଲପୁରରୁ ପ୍ରାୟ ପନ୍ଦର ମାଇଲ ଦୂରସ୍ଥ ଲୋଇସିଂହା ଗ୍ରାମରେ ଆମ୍ଭେମାନେ ଉପସ୍ଥିତ ହୋଇ ଏହି ଗ୍ରାମର ସହାଧ୍ୟାୟୀମାନଙ୍କ ସାହାଯ୍ୟରେ ଏହି ସ୍ଥାନର ସ୍କୁଲ ଗୃହର ଗୋଟିଏ କକ୍ଷରେ ରୋଷେଇ କଲୁଁ। ରୋଷେଇ ସାରି ଆମ୍ଭେମାନେ ନିକଟବର୍ତ୍ତୀ ଜଳାଶୟକୁ ସ୍ନାନ ସକାଶେ ଗଲୁଁ ଓ ଫେରି ଦେଖିଲୁ ଯେ ରୋଷେଇ ସ୍ଥାନରେ ଦଶବାର ଜଣ ବାଳକ ଓ ବାଳିକା ପଶି ହାଣ୍ଡିରୁ ଭାତ ଖାଉଛନ୍ତି। ଆମ୍ଭମାନଙ୍କୁ ଦେଖି ସେମାନେ ବାହାରି ପଳାଇବାକୁ ଲାଗିଲେ। ଆମ୍ଭମାନଙ୍କ ମଧ୍ୟରେ କେହି କେହି ସେମାନଙ୍କ ପଛରେ ଗୋଡ଼ାଇବାକୁ ଲାଗିଲେ। ଅଳ୍ପଦୂର ପର୍ଯ୍ୟନ୍ତ ଯାଇ ସେହି ବାଳକ ବାଳିକାଙ୍କ ମଧ୍ୟରୁ ଅଳ୍ପ ସମୟ ମଧ୍ୟରେ ଚାରିପାଂଚ ଜଣ ତଳେ ପଡ଼ିଗଲେ ଓ ଆମ୍ଭେମାନେ ସେମାନଙ୍କ ପାଖକୁ ଯାଇ ଦେଖିଲୁ ଯେ ସେମାନଙ୍କ ପ୍ରାଣ ଚାଲି ଯାଉଅଛି। କେତେ ଦିନ ଅନ୍ନ ଛାଡ଼ି ପେଟ ଶୂନ୍ୟ ହୋଇ ଯାଇଥିଲା। ବର୍ତ୍ତମାନ ଅନ୍ନ ଚାପ ସମ୍ଭାଳି ପାରିଲା ନାହିଁ। ଏହି ଅବସ୍ଥା ଦର୍ଶନରେ ଆମ୍ଭେମାନେ ଦୁଃଖ ଓ ଭୟରେ ଅସ୍ଥିର ହୋଇ ତନ୍ମୁହୂର୍ତ୍ତରେ ଲୋଇସିଂହା ତ୍ୟାଗକଲୁ।

ବଲାଙ୍ଗିରକୁ ଆସି ଦେଖିଲି ସେଠାରେ ସୁଦ୍ଧା ଦୁର୍ଭିକ୍ଷର କରାଳ ଦୃଶ୍ୟ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ହୋଇ ରହିଅଛି। ଲୋକେ ଅନ୍ନସତ୍ରରୁ ଅନ୍ନ ନେଇ ଖାଉଅଛନ୍ତି। କଲେରା, ବସନ୍ତର ଉପଶମ ନାହିଁ। ସ୍କୁଲ ନିକଟସ୍ଥ ବୃହତ୍ କରଙ୍ଗାକଟା ଜଳଶୂନ୍ୟ ହୋଇ ପଡ଼ିଅଛି ଓ ତାହାର ହିଡ଼ ଉପରେ ସ୍ଥାନେ ସ୍ଥାନେ ଶବ ପଡ଼ିଅଛି। ରାତିରେ ବହୁସଂଖ୍ୟକ କୁକୁରର କରୁଣ ଶବ୍ଦ। ଗୋରୁ ସମୂହର ଅସ୍ୱାଭାବିକ ହମ୍ବାରବ, ଆକାଶର ଉଡ଼୍ଡ଼ୀନ କାକଗୁଡ଼ିକର କା କା ରାବ ରାତ୍ରିର ବିଭୀଷିକାକୁ ଆହୁରି ଭୟାବହ କରିଅଛି ଓ ନିକଟବର୍ତ୍ତୀ ଗୃହଗୁଡ଼ିକରୁ ଉତ୍ଥିତ ମା, ଝିଅ, ଭାଇଭଉଣୀଙ୍କ କରୁଣ ବିଳାପରେ ଆମ୍ଭମାନଙ୍କ କୋମଳ ବାଳହୃଦୟ ଆଲୋଡ଼ିତ ହୋଇଯାଉଅଛି।


ସେ କାଳର ରାସ୍ତାଘାଟର ଦୁର୍ଗମତା ଓ ଯାନବାହନର ଅଭାବ ଯୋଗୁଁ ଅଳ୍ପ ସମୟ ମଧ୍ୟରେ ଦୁର୍ଭିକ୍ଷର କରାଳତା ତୀବ୍ର ହୋଇପଡୁଥିଲା। ରେଙ୍ଗୁନର ମୋଟା ଚାଉଳ, ବଳଦଗାଡ଼ିରେ ସମ୍ବଲପୁର ଷ୍ଟେସନରୁ ଗଡିକରି ବଲାଙ୍ଗିରରେ ପହଂଚିଲାବେଳକୁ ଯେତେ ବୋଝାଇ ହୋଇଥାଏ, ପଥରେ ଚୋରଙ୍କ ଉପଦ୍ରବରେ ତହିଁରୁ ଅଧେ ରହିଥାଏ। ଏହି ଚାଉଳ ଟଙ୍କାରେ ୮/୯ସେର ଲେଖାଁଏ ବିକ୍ରୟ ହେଉଥିଲା।

ଦିନେ ଭୋର୍ ସମୟରେ ଆମ୍ଭମାନଙ୍କ ଛାତ୍ରାବାସକୁ ଲାଗି ରହିଥିବା ପାଟଣେଶ୍ୱରୀ ଦେବୀଙ୍କ ଦେଉଳ ସମ୍ମୁଖରେ ଅନେକ ଲୋକ ରୁଣ୍ଡ ହୋଇଥିବା ଦେଖି ଜଣକେତେ ପିଲା ସେଠାକୁ ଗଲୁ ଓ ଦେଖିଲୁ, ଜଣେ ବୁଢ଼ୀ ପାଟିକରୁଛି - ଆଣରେ ସେହି ପିଲାକୁ ଖାଇବିରେ, ତାକୁ ଖାଇବିରେ। ଆଉ ଉପସ୍ଥିତ ପିଲାଙ୍କ ଆଡ଼କୁ ଧାଇଁଯାଇ ୟାକୁ ଖାଇବିରେ, ତାକୁ ଖାଇବିରେ। ପିନ୍ଧିଛି ଖଣ୍ଡେ ଗାଢ଼ ହଳଦିଆ ଲୁଗା, କପାଳରେ ବୃହତ୍ ମଣ୍ଡଳାକାର ସିନ୍ଦୂର, ଆଖି ତଳପତାରେ ମଧ୍ୟ ସିନ୍ଦୂର, କଜ୍ଜଳନ୍ତ ଦେହ ହଳଦୀରେ ଜରଜର, ତାହା ସଙ୍ଗେ ଭାର ଭାର ଦହିହାଣ୍ଡି, ଘିଅ, ଖଜା, ଦଶବାରଟା ଛେଳି, ଗୁଡ଼ାଏ କୁକୁଡ଼ା। ଯେଉଁଠାକୁ ଯାଉଛି ଏ ସମସ୍ତ ସଂଗ୍ରହ କରି ଆଣୁଛି। ସମସ୍ତେ କହୁଛନ୍ତି ସେ 'ସହୀ ବୁଢ଼ୀ' କହିବୁଲୁଛି ଦୁଇଦୁଇ ଜଣ ପୁରୁଷ ହେଉନ୍ତୁ ବା ସ୍ତ୍ରୀ ହେଉନ୍ତୁ ପରସ୍ପର ସହିତ ମହାପ୍ରସାଦ ସଙ୍ଗାତ ପରି ସହୀ ବସିବେ। ଯେ ନ ବସିବ ସେ ମରିଯିବ। ଏହା କହି ବୁଢ଼ୀ ନିଜ ଶୁଳ୍କ ଆଦାୟ କରି ବୁଲୁଛି ଓ ଭୟରେ ଲୋକେ ତାକୁ ନିଜ ନିଜ ଦେୟ ଦେଉଛନ୍ତି।

ବଖରିଆ ନାମକ ଜଣେ ଆଦିବାସୀ ବିଂଝାଲ ଗୋଟାଏ ଡକାୟତ ଦଳ ଗଠନକରି ପାଟଣା ଓ କଳାହାଣ୍ଡି ମଧ୍ୟସ୍ଥ ଜଙ୍ଗଲରେ ରହି ଭୀଷଣ ଡକାଏତି ଆରମ୍ଭ କଲା। ତାହାର ଉପଦ୍ରବରେ ସେହି ଅଂଚଳରେ ଭୀଷଣ ଆତଙ୍କ ସୃଷ୍ଟି ହେଲା। ବହୁଦିନ ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ତାହାର ଉପଦ୍ରବ ଦମନ କରିପାରିଲେ ନାହିଁ। ପରିଶେଷରେ ସମ୍ବଲପୁରର ଗୋରା ପୁଲିସ ସୁପରିଟେଣ୍ଡେଂଟ ଆସିଲା ଉତ୍ତାରେ ତାଙ୍କ ସହିତ ଆସିଥିବା ପୁଲିସଦଳ ଦ୍ୱାରା ବଖରିଆ ଓ ତାହାର ସହ ଡକାଏତ ସମସ୍ତେ ଧୃତ ହେଲେ ଓ ଯଥା ସମୟରେ ବିଚାରାଳୟରେ ଦଣ୍ଡିତ ହେଲେ। ଶୁଣାଗଲା, ବଖରିଆ ଧନୀଲୋକଙ୍କ ଧନ ଅପହରଣ କରି ଦୁର୍ଭିକ୍ଷକ୍ଲିଷ୍ଟ ଲୋକଙ୍କ ମଧ୍ୟରେ ଖାଦ୍ୟ ବିତରଣ କରୁଥିଲା ଏବଂ ଏହି ଦୁଃଖ ସମୟରେ ସୁବିଧା ନେଇ ଧନବାନ ଲୋକେ ନିଜ ସଂଚିତ ଧନର ସଦ୍‌ବ୍ୟୟ କରିବା ପରିବର୍ତ୍ତେ ଧନବୃଦ୍ଧି କରିବାରେ ଲାଗିଥିବାରୁ ବଖରିଆ ଦୀନଦରିଦ୍ର ସମ୍ପ୍ରଦାୟର ଦୁଃଖ ମୋଚନାର୍ଥେ ଏହି ଭୀଷଣ ଉପାୟ ଅବଲମ୍ବନ କରିଥିଲା। (କ୍ରମଶଃ)



## ଡାଏରୀ -୪୯



ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

## ॥ ସଂଜୟ ଭଞ୍ଜର ପ୍ରିୟତମା ॥

କାନ୍‌ଭାସ୍‌ରେ ଫାଇନାଲ ଟଚ୍ ଦେଉଥିଲା ସଂଜୟ । ସଂଜୟ ଭଞ୍ଜ, ଗଳ୍ପ ଲେଖେ, କବିତା ଲେଖେ, ଚମତ୍କାର ଆର୍ଟ କରେ । ତେବେ ଏସବୁ ଅପେକ୍ଷା ବେଶି ପ୍ରେମିକ । ଚବିଶ ଘଂଟା ନିଜ ସ୍ୱପ୍ନ ଦୁନିଆରେ ଭାସି ବୁଲୁଥାଏ । ସେଦିନ ରଜନୀ ଦାଶ ସଂଜୟର ଆର୍ଟ ଷ୍ଟୁଡିଓ ଭିତରକୁ ପଶୁ ପଶୁ ଦେଖିଲା କାନ୍‌ଭାସରେ କାହାର ଗୋଟାଏ ପୋଟ୍ରେଟ୍ ଆଙ୍କୁଛି । ସୁନ୍ଦରୀ ଝିଅର ପୋଟ୍ରେଟ୍ । କଳାଧଳା ପେନ୍‌ସିଲ୍ ଗାର ଭିତରେ ଝିଅଟାର ରଂଗୀନ୍ ଚେହେରା ବାରି ହୋଇ ପଡୁଥିଲା ।

ରଜନୀ ଦାଶ ପ୍ରଶ୍ନ କଲା, "ଇଏ ତମର କେତେ ନମ୍ବର ପ୍ରେମିକା ?"

- "ମୋ ମା' ଇଏ..." ସଂଜୟ ଉତ୍ତର ଦେଲା ।

ଇଏ ସଂଜୟ ଭଞ୍ଜର ମା'ଙ୍କ ଯୌବନାବସ୍ଥାର ଫଟୋ ? ବେଳେବେଳେ ଇଡିଅଟ୍‌ଟା ଏମିତି ଦାର୍ଶନିକ ଭଳି ଅଜବ କଥା କୁହେ । ତଥାପି ସଂଜୟକୁ ଭଲପାଏ ରଜନୀ ଦାଶ । କାହିଁକିନା ସେ ହିପୋକ୍ରାଟ ନୁହେଁ ।

"ପ୍ରେମିକା କ'ଣ ମା' ହେଇପାରିବନି ଭାଇନା" ? ପୁଣି ପ୍ରଶ୍ନ । ହାଲ୍‌କା ମୁଡ୍‌ରେ ସେଦିନ ରଜନୀ ଦାଶ ଥିଲା । 'ଠିକ୍ ଅଛି ତମର ଏଇ ପ୍ରେମିକା I mean ମା'ଙ୍କୁ ଦେଖିବାର ସୌଭାଗ୍ୟ କେବେ ମିଳିବ ?" ରଜନୀ ଦାଶର ଏ ପ୍ରଶ୍ନରେ ଉତ୍ତର ଦେଲା ସଂଜୟ, "ଆସନ୍ତା କୁମାର ପୂର୍ଣ୍ଣିମା ଦିନ ମୋ ମା'ର ଜନ୍ମଦିନ । ତାକୁ ପ୍ରେଜେଣ୍ଟ କରିବା ପାଇଁ ତା'ରି ପୋଟ୍ରେଟ୍ ଆଙ୍କିବି । ଆସନ୍ତୁ ସଂଜବେଳେ ସେଦିନ । ନିଶ୍ଚୟ ନେଇଯିବି ।"

ରଜନୀ ଦାଶ ସଂଜୟର ପାଗଳାମୀ ସହ ଆଗରୁ ଅଭ୍ୟସ୍ତ । ହଠାତ୍ ଫୋନ୍ କରି ଡାକିବ । ସେ ଛକ ହେଉକି ବସ୍‌ଷ୍ଟାଣ୍ଡ ଖଟି । ଶୁଣେଇବ ନୂଆ ଗପର ପ୍ଲଟ । ଅନେକ ବର୍ଷ ତଳେ ଖଣ୍ଡଗିରି ଛକରେ ବସ୍‌କୁ ଅପେକ୍ଷା କରୁଥାଏ ରଜନୀ ଦାଶ କଲେଜ ଯିବାପାଇଁ । ହଠାତ୍ ପହଂଚିଥିଲା ନିର୍ଦ୍ଦେଶକ ସୁରେନ୍ ପୃଷ୍ଟିଙ୍କୁ ଧରି । କହିଲା, "ଭାଇନା, 'ଘାଟ' ସିରିଏଲ ପାଇଁ ଗୀତ ଲେଖିବାକୁ ହେବ । ଏବେ ଏଇ ସାଙ୍ଗେ ସାଙ୍ଗେ । ରଜନୀଦାଶ ବି ଦୁଇପଦ ଗାରେଇ ଦେଇଥିଲା । ବିନୋଦ ନନ୍ଦ ତା'ର ସ୍ୱର ଦେଇଥିଲେ । ବହୁତ ପପୁଲାର ହେଇଥିଲା ଗୀତଟି ।

ସେଦିନ ଅଙ୍କାବଙ୍କା ଗଳିରାସ୍ତା ଦେଇ ସଂଜୟ ପହଂଚିଲା ଗୋଟିଏ ବସ୍ତି ଭିତରେ । ବସ୍ତିଟି ସାଧାରଣ ଲୋକଙ୍କ ପାଇଁ ଏକ ପ୍ରକାର ନିଷିଦ୍ଧ ଇଲାକା । ୟା ଭିତରକୁ କାହିଁକି ଆଣିଛି ତାକୁ ?

ଗୋଟିଏ କୁଡ଼ିଆ ଭିତରକୁ ଟାଣିନେଲା ସଂଜୟ ଦର ଆଉଜା କବାଟକୁ ଠେଲି । ଭିତରେ ୨୨ କି ୨୪ ବର୍ଷର ଯୁବତୀଟିଏ ମୁହଁରେ ଲିପ୍‌ଷ୍ଟିକ ଲଗାଉଥିଲା । "ଆସିଗଲ, ମୁଁ ତମକୁ ହିଁ ଅପେକ୍ଷା କରୁଥିଲି ।" ଯୁବତୀଟି କହିଲା ଓ ବୁଲି ଚାହିଁଲା । ପୋଟ୍ରେଟ୍‌ଟିର ଅଙ୍କିତ ସେଇ ଝିଅଟି ହିଁ ଥିଲା ।

ଚମକି ପଡ଼ିଲା ରଜନୀ ଦାଶ । ସଂଜୟ ଯୁବତୀଟିକୁ ମା' ସମ୍ବୋଧନ କରି ପାଦ ଛୁଇଁଲା ଓ ମୋର ପରିଚୟ ଦେଲା । ନମସ୍କାର ଜଣାଇ ଖଜୁରୀପଟିର ସପ ତଳେ ପକାଇ ବସିବାକୁ କହି ଯୁବତୀଟି ପୋଟ୍ରେଟ୍‌ଟିକୁ ବଢାଇଲା ସଂଜୟ । ଖୁବ୍ ଖୁସି ହେବାପରି ମନେ ହେଲା । ଯୁବତୀଟି ଆର୍ଶୀବାଦ ଦେଲା ସଂଜୟର ମଥାଛୁଇଁ ଅବିକଳ ଜଣେ ସ୍ନେହବତ୍ସଳା ମା' ପରି ।

ରଜନୀ ଦାଶ ବୁଝିବାରେ ବାକି ରହିଲାନି । ସେ ଏ ପର୍ଯ୍ୟନ୍ତ ଭ୍ରମ କରିଆସୁଥିବା ଯୁବତୀଟି ଜଣେ କିନ୍ନର । କିନ୍ତୁ ଦେଖିବାକୁ କୌଣସି ସୁନ୍ଦରୀ ନାରୀଙ୍କଠାରୁ ବି କମ୍ ନୁହେଁ । ସେ ଆମ ପାଇଁ ଦୁଇଟି ପ୍ଲେଟ୍‌ରେ ଚାଉଳ ଖିରୀ ପରଷି ଦେଲା ଓ ନିଜ ଦୁଃଖ କାହାଣୀ ମୋ ଆଗରେ ବଖାଣି ବସିଲା ।

ଅଭିଶପ୍ତ ଜୀବନ ତା'ର । ପ୍ଲସ୍ ଟୁ ପରେ ନିଜର ଅସ୍ୱାଭାବିକ ଆଚରଣ ପାଇଁ ଘରୁ ତଡିଦେଲେ । ସେହିଦିନଠୁ କିନ୍ନର ସଂଘରେ ଯୋଗ ଦେଇ ଏଇଠି ରହୁଛି । ଅଚାନକ ସଂଜୟ ସାଥିରେ ଭେଟ ଓ ସଂଜୟ ସହ ଘନିଷ୍ଠତା ।

କଥା ଶେଷରେ ଅଶ୍ରୁଳ ଆଖିରେ ନିଜ ଜୀବନର ଅବସୋସ ଓ ଦୁଃଖକୁ କହିଲା । ବିଧାତାର ଅଭିଶାପ ବୋଲି ଧରି ନେଇଥିଲା ସେ । ମା' ହେଇନପାରିବାର ଦୁଃଖ ତା ଭିତରେ ସନ୍ତୁଳିତ ହେଉଥିଲା । ଆଉ ପୁନର୍ଜନ୍ମ ନହେବା ପାଇଁ ଠାକୁରଙ୍କୁ ଡାକୁଥିଲା ।

ସେଦିନ ଫେରିବାବେଳେ ଅବିଭୂତ ହୋଇ ପଡିଥିଲା ରଜନୀ ଦାଶ । ତା'ର ପାଦଛୁଇଁ ପ୍ରଣାମ କରି କହିଲା, "ଈଶ୍ୱରଙ୍କୁ ଡାକୁଛି ତମେ ଆର ଜନ୍ମରେ ମୋରି ମା' ହୋଇ ଜନ୍ମନିଅ" । "ସେ ରଜନୀ ଦାଶର ମଥା ସାଉଁଳିଲା । ଅବିକଳ ତା ବୋଉ ହାତର ସ୍ପର୍ଶ ପରି ଅନୁଭବ କଲା ରଜନୀ ଦାଶ।

## ॥ ଅମେରୁଦଣ୍ଡି ॥

ଭବାନୀ ଭୂୟାଁ



ଆମେ ସବୁ ସ୍ୱପ୍ନଖୋଜୁ
ସତ୍ୟ ଖୋଜୁନା ।

ସତ ଖୋଜିଲେ କାଳେ ଉଖୁରି ଆସିବ
ଇତିହାସର ତରବାରିରେ
ଲାଗିଥିବା ଯେତେସବୁ ଦମନର
ରକ୍ତଛିଟା ମୁଖା ଉପରକୁ ।

ବଦଳିଯିବ ଚେହେରା ।

ଖୋଲିଯିବ ନିଜକୁ ସୁହାଇଲା ଭଳି
ସାଇତିଥିବା ଯେତେସବୁ ମନଗଢା
କାହାଣୀର ପେଡି ।

ଜଳ ଜଳ ହୋଇ ଦିଶିବ
ଅହଲ୍ୟା, ଦ୍ରୌପଦୀ, ସୀତା
ଉର୍ମିଳାର ଅନ୍ତଃଦାହ ।

ଉକୁଟି ଉଠିବ ଭୀଷ୍ମ , ଦ୍ରୋଣ ,
ରାମ, ପର୍ଶୁରାମର ଯେତେସବୁ
ଅପାରଗତା । ନଂପୁସକତା ।

ସ୍ପଷ୍ଟ ଦିଶିବ ଗୋ ମେଧ , ଅଶ୍ୱମେଧ
ଯଜ୍ଞର ରକ୍ତ ଜୁଡୁବୁଡୁ କାନ୍ଧର ପଇତା

କେତେ ମଣିଷ ମାରିଲେ
ଦସ୍ୟୁ ରତ୍ନାକର ବାଲ୍ମୀକି ହୁଏ ।

କେତେ ରକ୍ତର ନଦୀ ବୋହିଲେ
ଚଣ୍ଡାଶୋକ ଧର୍ମାଶୋକ ପାଲଟେ ।

କେତେ ମଣିଷର ମେରୁଦଣ୍ଡ ହାଡରେ
ସିଂହାସନଟିଏ ସୁଦୃଢ଼ ହୁଏ ।

ବୁଝିପାରେନା ବିଚାରା ମଣିଷ
ସବୁବେଳେ ଅର୍ଗଳିରେ ମୁଣ୍ଡ ଆପିଥାଏ ।
ସିମେଂଟ ଗାଈରୁ କ୍ଷୀର ଦୁହେଁ ।
ଅଭାବୀ ଶ୍ରାବଣରେ ଇନ୍ଦ୍ର ପୂଜାକରେ
ଚନ୍ଦ୍ରାୟନର ଶୁଭମନାସି
ନଡିଆ ବାଢ଼ାଏ ।

ନିଜ ଛାଇର ପ୍ରାୟଶ୍ଚିତକୁ ଡରି
ଭାଗ୍ୟ, ଭଗବାନକୁ ଆପଣେଇ ନିଏ

ଆତ୍ମ ସନ୍ତୋଷ ଲାଭକରେ
ନିଜର ବିନାଶରେ ।

ନା ବଢାଇପାରେ ପାଦ ଆଗକୁ
ଭୟରେ, ଭ୍ରାନ୍ତିରେ, ଆତଂକରେ ।

ମରିପାରେ ସିନା
ନା ଦେଖିପାରେ
ନା ଶୁଣିପାରେ
ନା କହିପାରେ ।
ମେରୁଦଣ୍ଡ ନଥିବା ମଣିଷଟିଏ ପରି
ଖାଲି ଘୁଷୁରୁ ଥାଏ
ମାଟି ଉପରୁ କ୍ରମଶଃ ମାଟିକୁ ॥

+ ପୁରୀ, (ମୋ) ୯୩୪୮୫୬୩୫୧୦

କବିତା.... ଆମ ସମୟର



## ॥ ନୀରବତା ଡାକୁଚି ॥

ନକୁଳ ଚନ୍ଦ୍ର ସାହୁ

ହେ ଜୀବନ, ତୁମର ନିଶ୍ୱାସ ଓ ପ୍ରଶ୍ୱାସ
ଆଲୋକର ଲୋତକ
ଥପଥପ୍ ନିଗିଡ଼ି ପଡୁଚି ଶାଶ୍ୱତ
ବୃଥାମୟକୁ ତୁମ ମୁଠା କରିଛି ଜବତ !

ହୃଦୟ କେବେ ଥିଲା ଜୀବଂତ
ମୁହଁର ସୁଷମା ଥିଲା ହସଂତ
ପୁନର୍ଜୀବନ ଭିତରେ ଡୁବୁଥିଲା ଶୂନ୍ୟତା
ଚୌଡ଼ା ହେଉଥିଲା ସଂସାରର ଆତ୍ମା !

ପବନ ହସୁଚି, ମୁଁ କୁଆଡ଼େ ବାହାରିଛି;
ଯେମିତି ଆଲୋକର ସଂକେତ
ପୃଥିବୀର ଆକାଶରେ ଅବାସ୍ତବ ସମୃଦ୍ଧ ସୁଖ
ସେହି ଅଦେଖା ଦୃଶ୍ୟ !

ଗୋଟିଏ ସ୍ଥାୟୀ ସ୍ଥିରତା
ହୋଇପାରେ ଏକ ଶକ୍ତ ନୀରବତା,
ମାତ୍ର ମୁଁ ତ ଈଶ୍ୱରଙ୍କ ପକ୍ଷୀ
ତାଙ୍କ ନୀଳ ଆକାଶକୁ ଛାଡ଼ି ଯିବି କୁଆଡ଼ିକି ?

ଶବ୍ଦ ଘର, ଗୋଡ଼ିସାହି, କଟକ
ମୋ: ୯୪୩୭୭୪୦୨୬୪

## ॥ ଆତ୍ମଦାହ ॥

ବିକେଶ ସାହୁ





କେବେ କାହାକୁ ବିନା ନିଆଁରେ
ଜଳିବା ଦେଖିଛ ?

କେଡେ ଅସମ୍ଭବ ନା !

କିନ୍ତୁ ମୁଁ ଜଳେ,
ସେମିତି ବିନା ନିଆଁରେ
ଅଣନିଶ୍ୱାସୀ ହୁଏ ବିନା ଧୂଆଁରେ
ମୋ ଶରୀରର
ହାଡ଼, ମାଂସ, ରକ୍ତ, ମେଦ
ସବୁକିଛି ହଠାତ୍ ସିଝିବା ଆରମ୍ଭ ହୁଏ
ତଦ୍ ପରାନ୍ତେ ମୁଁ ପୋଡ଼ି ପାଉଁଶରେ
ରୂପାୟିତ ହୋଇଯାଏ..

ଏମିତି ପର୍ଯ୍ୟାୟକ୍ରମେ ମୁଁ
ତୁମ ଆଖି ସାମ୍ନାରେ
ନିଃଶେଷ ହୋଇଯିବି ମୁହୂର୍ତ୍ତକ ମଧ୍ୟରେ
ଅଥଚ,
ତମେ ସ୍ଥାଣୁ ପରି ଠିଆ ହୋଇଥିବ
ଦ୍ୱନ୍ଦ୍ୱ ଆଉ ସନ୍ଦେହର ମୁହାଣ ସେପାରେ..

ହୁଏତ ତୁମ ହୃଦୟରେ
ଏ ପ୍ରକାର ପରିକଳ୍ପନା କେବେ
ଆସିଥାଇ ନପାରେ
ଅବଶ୍ୟ ନ ଆସିବା ବି ସ୍ୱାଭାବିକ

କିନ୍ତୁ ଏମିତି ବି ହୁଏ
ଜଣେ ବିନା ନିଆଁରେ ବି ଜଳି
ପାଉଁଶ ହୋଇଯାଇପାରେ
ଅଥଚ କେହି ଜାଣିପାରନ୍ତିନି ସହଜରେ

କିନ୍ତୁ ସେ ଜଳେ,
ନିଆଁଠୁ ଆହୁରି ବେଶୀ ଉତ୍ତାପରେ ।

+ ସ୍ନାତକୋତ୍ତର ଓଡ଼ିଆ ଭାଷା ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋ - ୯୩୩୭୧୬୬୧୭୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୪ ଜାନୁଆରୀ, ୨୦୨୧

## ମନେପଡେ....(୪୯)

# ଦିପାବଳୀ ଉତ୍ସବରେ ବାଣ ଫୁଟା



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ପ୍ରତିବର୍ଷ ଦିପାବଳୀ ସନ୍ଧ୍ୟା ଆସିଲେ ସହର ହାବେଳି ଆଲୋକ ଓ ବାଣ ଶବ୍ଦରେ ପ୍ରକମ୍ପିତ ହୋଇଉଠେ । ଚଉରିଆଡ଼େ ସୁନ୍ଦର ଆଲୋକରେ ଉଦ୍‌ଭାସିତ ହେଇଯାଏ ସହର । ମୋ ପୁଅ ପ୍ରତିବର୍ଷ ସକାଳଠୁଁ ଲାଗିଯାଏ ବାଣ ଓ ହାଭେଳି କିଣିବାରେ । ଆଲୋକରେ ଘରକୁ ସଜାଇବା ପାଇଁ ବିଜୁଳୀ ଆଲୋକରେ ସମଗ୍ର ଘରକୁ ସଜ୍ଜିତ କରେ । ଦିନରେ ସାଂଗ ମାନଙ୍କ ସହ କିଛି ଅର୍ଥ ସଂଗ୍ରହ କରି ଅନାଥାଶ୍ରମର ଦରିଦ୍ର ପିଲାମାନଙ୍କୁ ଖାଇବାକୁ ଦେବା ସହ କିଛି ବାଣ ସେମାନଙ୍କୁ ଫୁଟାଇବା ପାଇଁ ଦେଇ ଆସେ ।

ମୁଁ କିନ୍ତୁ ଏଇ ଦିନଟା ଯାକ ଅସମ୍ଭବ ନିରବ ହୋଇ ମୋ ରୁମ୍ ଭିତରେ ବସି ରହେ । ମୋ ଅଜାଣତରେ ବି ମୋ ଆଖିରୁ ବେଳେ ବେଳେ ଲୁହ ନିଗିଡ଼ି ଆସେ । ସତକଥା ହେଲା ଖୁବ୍ ଏକା ହେଇଗଲେ ମୋ ସାମ୍ନାରେ ମୋ ଅସହାୟ ଅତୀତ ଛିଡ଼ା ହେଇଯାଏ । ସେତେବେଳେ ଆମ ଘରର ଆର୍ଥିକ ସ୍ଥିତି ଖୁବ୍ ଦୁର୍ବଳ ଥିଲା । କିନ୍ତୁ ବାପା ସବୁ ଅସୁବିଧା ସତ୍ୱେ ବି ପିଲାମାନଙ୍କୁ ଟିକେ ଟିକେ ଖୁସି ଦେବାକୁ ସତତ ତତ୍‌ପର ଥିଲେ ।

ଠିକ୍ ଦିପାବଳୀ ସକାଳ ବଡି ଅନ୍ଧାରରୁ ମୁଠେ ପଖାଳ ଖାଇ ଦେଇ ମାମୁ ଘର ଗାଁ ଭୀମପୁରକୁ ବାହାରି ପଡୁଥିଲେ । ବାପା ମାମୁ ଘରକୁ ବାହାରିବାର ଦେଖିଲେ ମୁଁ ଭାରି ଖୁସି ହେଇ ତାଙ୍କ ସହ ଯିବାକୁ ପ୍ରସ୍ତୁତ ହେଇଯାଉଥିଲି । ମୁଁ ଜାଣିଛି ବାପା ମାମୁ ଘରକୁ ଯାଇ ଭୂଆଁ ଘରୁ ବାଣ ଆଣିବେ । ମାମୁ ଘର ଗାଁରେ ଭୂଆଁ ଘର ବାଣ ତିଆରି କରିବାରେ ସେତେବେଳେ ଆମ ଖଣ୍ଡମଣ୍ଡଳରେ ପ୍ରସିଦ୍ଧି ଥିଲା । ଆଉ ଗୋଟେ କଥା ହେଲା ମାମୁ ଘର ଗାଁରେ ବାପାଙ୍କୁ ସମସ୍ତେ ଖୁବ୍ ଭଲ ପାଉଥିଲେ । ବାପାଙ୍କ ପୁରାଣ ଚର୍ଚ୍ଚା ଓ ଆମାୟିକ ବନ୍ଧୁତ୍ୱ ସମସ୍ତଙ୍କୁ ଅଭିଭୂତ କରି ରଖିଥିଲା ।

ବାପା ମାମୁ ଘର ପହଞ୍ଚିଗଲା ମାତ୍ରେ ମାମୁ ଘର ଗୋଟେ ଖୁସିର ଲହରୀ ଖେଳି ଯାଉଥିଲା । ଯେମିତି ବାପାଙ୍କ ପାଖରେ ଥିଲା ଖୁସିର ଯାଦୁ । ପିଲାଠୁଁ ବୁଢାଯାଏଁ ପାଗଳ ହେଇ କହୁଥିଲେ ଆରେ ଆସିଗଲେ "ସୁରେନ୍ଦ୍ର / ସୁର ଭାଇ / ସୁର ପିଇସା" ବାପା କାହାକୁ କେମିତି କଥା କହି ଖୁସି କରିପାରୁଥିଲେ ତାର କୌଶଳ ମୁଁ ତାଙ୍କର ପୁଅ ହେଇ ଶିଖି ପାରିନଥିବା ହେତୁ ଆଜିବି ଅବସୋସ କରେ ।

ବାପା ସଂଗେ ସଂଗେ ବଡ ମାଈଁଙ୍କୁ କହୁଥିଲେ 'ନୂଆବୋଉ, ମୋତେ ଦି'ଟା କିଛି ଖାଇବାକୁ ଦିଅ ।' ବାପାଙ୍କ ଭିତରେ କିଛିବି ଆବିଳତା ନଥିଲା । ମାମୁ ଘରେ ସେ ସମସ୍ତଙ୍କୁ ନିଜ ମଣିଷ ବୋଲି ଭାବୁଥିଲେ । କେବଳ ମାମୁ ଘରେ କାହିଁକି ବୋଧହୁଏ ସମଗ୍ର ପୃଥିବୀର ମଣିଷ ମାନଙ୍କୁ ସେ ନିଜ ମଣିଷ ବୋଲି ଭାବୁଥିଲେ । ତାଙ୍କ ଭିତରେ ଅହଂ ବା ବଡପଣ କିଛି ବି ନଥିଲା । ପ୍ରକୃତରେ ମୁଁ ଆଜି ଯେତେ ଚେଷ୍ଟା କଲେବି ବାପା ପରି ମଣିଷଟେ ହୋଇ ପାରିଲି ନାହିଁ । ସେୟା ହିଁ ମୋ ଭିତରେ କ୍ଷୋଭ ଆଜି ଅନ୍ତିମ ବୟସରେ । ବାପା କେମିତି ମଣିଷ ମାନଙ୍କ ହୃଦୟ କିଣି ପାରୁଥିଲେ ତାହାର ଟେକନିକ୍ ମୁଁ ଆୟତ୍ତ କରି ପାରିନଥିବାରୁ ଆଜି ବି ମୁଁ ଅନୁତାପ କରେ ।

ବାପା ଭୂଆଁ ଘରକୁ ଗଲାବେଳେ ଓ ମୋତେ ସାଙ୍ଗରେ ନେଇ ଯାଉଥିଲେ । ସେଠି ବହୁ ଲୋକ ବାଣ ତିଆରି କରୁଥିଲେ । ବାପା ନିର୍ଦ୍ୱନ୍ଦରେ ତାଙ୍କ ମାଲିକଙ୍କ ପାଖକୁ ଯାଇ ବାଣ କଥା କହୁଥିଲେ । ସେଠୁ ସଂଗେ ସଂଗେ ଝୁଡ଼ିଏ ବାଣ ବାପାଙ୍କୁ ଧରାଇ ଦେଉଥିଲେ । ବାପାଙ୍କ କଥାରେ ଏତେ ଦମ୍ ଅଛି ମୁଁ ସେଇଠି ଦେଖି ସ୍ତମ୍ଭିଭୂତ ହେଇଯାଉଥିଲି । ପ୍ରକୃତରେ ବାପାଙ୍କୁ ଲୋକମାନେ ଏତେ ଖାତିର କରନ୍ତି, ମୁଁ କେବେ ଭାବି ନଥିଲି ।

ବାଣ ଧରି ଆମେ ଘରକୁ ଫେରିଲା ବେଳକୁ ଦିନ ରତରତ ହେଇ ଆସୁଥିଲା । ବାଣ ଦେଖି ମୋ ସାନ ଭଉଣୀ ଉରୀ ଓ ଭାଇ ଅଜ ଖୁସିରେ ନାଚି ଯାଉଥିଲେ । ଜେଜେ କାଉଁରିଆ କାଠି ସଂଗ୍ରହ କରି ରଖିଥାନ୍ତି । ସଞ୍ଜ ହେଲା ମାତ୍ରେ ସାହି ତୁଳସୀ ଚଉରା ପାଖରେ ସମସ୍ତ ଘରର ମୁରବୀ ମାନେ କାଉଁରିଆ କାଠି ଓ ଭୋଗ ସାମଗ୍ରୀ ଧରି ଉପସ୍ଥିତ ହେଉଥିଲେ । ସେଠି ବ୍ରାହ୍ମଣ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଉଥିଲେ । ବାପା କେବଳ ସବୁ ବଂଶଜ ମାନଙ୍କ ନାମ କହୁଥିଲେ । ଶ୍ରାଦ୍ଧ ପରେ କାଉଁରିଆ କାଠି ଜାଳି ବଡ଼ବଡ଼ିଆଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଥିଲେ । ତା'ପରେ ଚାଲୁଥିଲା ପିଲାମାନଙ୍କ ବାଣ ଫୁଟା ।

ବାପା ଓ ମୁଁ ଆଣିଥିବା ବାଣ ଆମ ସାହିର ସମସ୍ତଙ୍କ ଘରଠୁଁ ଅଧୀକ ଉନ୍ନତ ବୋଲି ସମସ୍ତେ ଆମକୁ ଈର୍ଷା କରୁଥିଲେ । ପ୍ରକୃତରେ ସେଦିନର ବାଣ ଫୁଟାଇବା ଓ ବାପାଙ୍କର ବାଣ ସଂଗ୍ରହ କରିବାର କଥା ମନେ ପଡିଲେ ଦେହ ରୋମାଂଚିତ ହୋଇଯାଏ । ବାପାଙ୍କ ପରି ମଣିଷଟେ ଆଜି ଯେତେ ଖୋଜିଲେବି ମୋ ନଜରକୁ ଆଉ କେହି ଆସନ୍ତି ନାହିଁ । ଆଜିକାଲି ପ୍ରତି ମଣିଷ ଭିତରେ ଝୋଡ଼ିଏ ଅହଂ ଓ ଗର୍ବର ପାହାଡ଼ ଅଛି ।

## ଧାରାବାହିକ ଉପନ୍ୟାସ

# ନାତି



ଭାଗ-୧୨

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଡାକ୍ତରଖାନାର ଡ୍ରେନ୍ କଡ଼ରେ ଜମା ହୋଇଥିବା ଦେଖଣାହାରୀ କ୍ରମଶଃ ପତଳା ହୋଇଗଲେଣି । ନିଜ ନିଜ ଧନ୍ଦାରେ ହୁଏତ ଗଲେଣି । ଭବେଶ ନର୍ସିଂହୋମ୍‌ରୁ ଫେରି ନିଜର ଚେୟାର୍ ଦଖଲ କରିନେଲାଣି । କିଛି ଲୋକ ହୁଏତ ଆଶା ବାନ୍ଧିଛନ୍ତି ଖବରକାଗଜରେ ଫଟୋ ସହିତ ସଂବାଦ ବାହାରିଲା ପରେ ଡାକ୍ତରଖାନା ଏସ୍.ଏନ୍.ସି.ୟୁ.ର ଭାଗ୍ୟ ବଦଳିଯିବ । ଆଉ ଏଠି ଲୋକେ ଠିଆଦଣ୍ଡ ଭୋଗିବେ ନାହିଁ । ଅନ୍ତତଃ ଟିକେ ଭଲରେ ବସି ପାରିବେ ।

ନାତି କେମିତି ଅଛି ଦେଖିବା ପାଇଁ ମନ ଛଟପଟ କଲାଣି । ଦୀନନାଥ ଉଠିଗଲେ ଏସ୍.ଏନ୍.ସି.ୟୁ. ଭିତରକୁ । ପ୍ରଥମ କାଚ କବାଟ ଠେଲି ପ୍ରବେଶ କଲେ ପ୍ରଥମ କୋଠରୀରେ । ଖଣ୍ଡେ ଖଣ୍ଡେ ଚେୟାର୍ ଟେବୁଲ୍, ଦୁଇ ତିନୋଟି ଢ଼ାଙ୍କୁଣୀ ଲଗା ଡଷ୍ଟବିନ୍ ଉତ୍ତମ ଭେଟ୍ରୋଫାଏଡ୍ ଟାଇଲ୍ ଚଟାଣରେ ଥୁଆ ହୋଇଛି । ଚଟାଣରେ ମା'ଟିଏ ତା'ର ଶିଶୁକୁ ସ୍ତନ୍ୟପାନ କରଉଛି । ଏଇ ସାମ୍ନା ପ୍ରକୋଷ୍ଠକୁ କେବଳ ମା'ମାନେ ହିଁ ଆସିପାରିବେ ଏବଂ ନର୍ସକୁ ସେମାନଙ୍କର ନବଜାତକ ପିଲାମାନଙ୍କୁ ମାଗି କ୍ଷୀର ଦେଇ ପାରିବେ । ସେଥିପାଇଁ ଦୁଆର ଝର୍କାରେ ଏମିତି ଗ୍ଲାସ୍ ଲାଗିଛି । ବାହାରକୁ କିଛି ଦୃଶ୍ୟ ହେବ ନାହିଁ । ଭିତରୁ ଥାଇ ବାହାର ସଂପୂର୍ଣ୍ଣ ଦୃଶ୍ୟ ହେବ । ଏମିତି ବ୍ୟବସ୍ଥା । ହେଲେ ବାହାର ଲୋକ ଭିତରକୁ ଆସି ପାରିବେ ନାହିଁ, କେବଳ ଡାକ୍ତରଙ୍କ ବ୍ୟତୀତ ।

ଦୀନନାଥଙ୍କୁ ଦେଖି ସ୍ତ୍ରୀ ଲୋକଟି ତାଙ୍କୁ ଜଣେ ଡାକ୍ତର ବୋଲି ଭାବିଲା ଏବଂ ବିନା ସଂକୋଚରେ ପଚାରିଲା -

"ସାର୍ ଦେଖିଲେ, ପିଲାଟା ସକାଳେ ଭଲକରି କ୍ଷୀର ଟାଣି ଖାଉଥିଲା । ଏବେ ଜମା ଶୋଷି ପାରୁନାହିଁ !"

ମା'ଟିର କରୁଣ ନିବେଦନରେ ଅଟକିଗଲେ ଦୀନନାଥ ।

ଦେଖିଲେ ପିଲାଟା ନିସ୍ତେଜ ହୋଇ ପଡ଼ି ରହିଛି ମା' କୋଳରେ । ହାତଗୋଡ଼ ହଲଉ ନାହିଁ । ଟିକେ ଟିକେ ନିଶ୍ୱାସ ନେଉଛି ଯାହା । ଭଗବାନଙ୍କ କୃପାରୁ ତା' ପିଲାଟା ବଂଚିଯାଉ । କହିଲେ -

"ସେ ଧୀରେ ଧୀରେ ଖାଇବ । ତୁମେ ବ୍ୟସ୍ତ ହୁଅନାହିଁ । କ୍ରମେ ତାକୁ ଅଭ୍ୟସ୍ତ କରାଅ । ବୋଧହୁଏ ପିଲା ଏଠି ରହିବାର ତିନିଦିନ ହେଲାଣି ?" - କାହିଁକି କେଜାଣି, ଏମିତି ଅନୁମାନ କରି କଥାଟିଏ ପଚାରିଦେଲେ ଦୀନନାଥ !

"ଆଜ୍ଞା ହଁ, ଆଜକୁ ତିନିଦିନ ହେଲାଣି ? ଦିଦି ମୋତେ କହିଛନ୍ତି ପ୍ରତି ତିନିଘଣ୍ଟା ଅନ୍ତରରେ ଆସି ପିଲାକୁ କ୍ଷୀର ଦେବାକୁ ।" - ସ୍ତ୍ରୀ ଲୋକଟି କହିଲା ।

ବୋଧହୁଏ ସ୍ତ୍ରୀଲୋକଟିର ଶେଷ କଥା କେଇପଦ ଶୁଣିପାରିଲେ ନାହିଁ ଦୀନନାଥ । ଭିତରେ ଦୁଇ ଦୁଇଟି କାଚ କବାଟ ଠେଲି ସେ ଯାଇ ପହଞ୍ଚିଲେ ନାତି ପାଖରେ । କାର୍ତ୍ତିକ ତାଙ୍କୁ ଚିହ୍ନେଇ ଥିବା ସତ୍ତ୍ୱେ ସେପାଖ କେବିନ୍ ଭିତରୁ ନର୍ସଟି ପାଟିକଲା ଏବଂ ତାଙ୍କ ପର୍ଯ୍ୟନ୍ତ ଆସି କହିଲା -

"ଆପଣ ୟା' ଭିତରକୁ କାହିଁକି ବାରମ୍ବାର ଆସୁଛନ୍ତି ? ଶୀଘ୍ର ଯାଆନ୍ତୁ । ଡାକ୍ତର ଆସିଲେ ଆମ ଉପରେ ବିଗିଡ଼ିବେ । ଆପଣ କ'ଣ ଜାଣନ୍ତି ନାହିଁ ଯେ ବାହାର ଲୋକ ଏଠିକି ଆସିବା ମନା ?"

ପକେଟ୍‌ରୁ ଶହେ ଟଙ୍କିଆ ନୋଟ୍‌ଟେ ବାହାର କରି ନର୍ସଟିକୁ ଦେଲେ ଦୀନନାଥ । ବାସ୍, ମନଭରି ଏବେ ନାତି ପାଖରେ ବେଶ୍ କିଛି ସମୟ ଛିଡ଼ା ହେଲେ ଏବଂ ନିଠେଇ ନିଠେଇ ଦେଖିଲେ ନାତିକୁ । କାନ୍ଦୁଛି, ଖୁବ୍ ଭଲଭାବରେ କାନ୍ଦୁଛି ।

ଚାରିଆଡ଼କୁ ଲକ୍ଷ୍ୟ କଲେ ସେ । ଦୁଇ ଗୋଟି ପ୍ରକୋଷ୍ଠରେ ଛ'ଛ' ହୋଇ ବାରଟି ବେଡ୍ । କେଉଁ କେଉଁ ବେଡ୍‌ରେ ଦୁଇ ଦୁଇ ଜଣ ପିଲା । ଦୀନନାଥ ଆଶ୍ଚର୍ଯ୍ୟ ହେଲେ "ଜନ୍ମ ହେଉଥିବା ଏତେ ପିଲା କ'ଣ କାନ୍ଦୁ ନାହାନ୍ତି ?" ପଚାରିଲେ ନର୍ସକୁ । ନର୍ସ କହିଲା -

"ଏଠି ଭିନ୍ନ ଭିନ୍ନ ସମସ୍ୟା ନେଇ ପିଲା ଆସିଛନ୍ତି । କେହି ଅଣ୍ଡର୍‌ୱେଟ୍, କେହି ପ୍ରିମେଚିଓର୍, କେହି ବା କାନ୍ଦୁନାହିଁ ।"

ଦୀନନାଥ ଦେଖିଲେ ପ୍ରକୋଷ୍ଠ ସାରା ସ୍ତିମିତ ଆଲୁଅ କିନ୍ତୁ ବେଡ୍ ଉପରେ ଲାଗିଥିବା ଲାଇଟ୍ ବୋର୍ଡ୍ (ୱାର୍‌ମର୍) ତଳେ ଦେବ ଶିଶୁମାନେ କେହି କାନ୍ଦୁଛନ୍ତି, କେହି ହାତଗୋଡ଼ ହଲଉଛନ୍ତି, କେହି ବା ନିସ୍ତେଜ ହୋଇ ପଡ଼ି ରହିଛନ୍ତି ।

ମନଭରି ନାତିକୁ ଦେଖିସାରିଲା ପରେ ବାହାକୁ ଆସିଲେ ଦୀନନାଥ ଏବଂ ଜ୍ୱାଇଁ ଭବେଶ ପାଖରେ ବସି ଏକ ଦୀର୍ଘଶ୍ୱାସ ଛାଡ଼ିଲେ ।

ଉତ୍ସୁକତାର ସହ ଚାହିଁ ରହିଲା ଭବେଶ ଦୀନନାଥଙ୍କୁ ।

"ପିଲା ତ ଖୁବ୍ ଭଲ ଅଛି । କାନ୍ଦୁଛି, ହାତଗୋଡ଼ ହଲଉଛି । ଅଥଚ ତାକୁ ଏସ୍.ଏନ୍.ସି.ୟୁ.ରେ ରଖିବା ପାଇଁ ସେମାନେ କାହିଁକି ନିର୍ଦ୍ଦେଶ କଲେ ? ତୁମେ ଜଣେ ଡାକ୍ତର, ଅବଶ୍ୟ ଅନ୍ୟ ବିଭାଗର । ତୁମ ପାଠ ଏବଂ ଅଭିଜ୍ଞତା କ'ଣ କହୁଛି ? କିନ୍ତୁ ମୋର ତ ହୃଦବୋଧ ହେଉଛି, ନାତି ଶତ ପ୍ରତିଶତ ଭଲ ଅଛି !" - କହିଲେ ଦୀନନାଥ ।

"ନାଇଁ ବାପା ! ତା'ର କିଛି ବିଶେଷ ଅସୁବିଧା ଅଛି, ଯାହା ଆମ ଆଖିକୁ ଦିଶୁନି, ଡାକ୍ତରଙ୍କ ଆଖିକୁ ଦିଶୁଛି ।" - ବୁଝେଇଲା ଭଳି କହିଲା ଭବେଶ ।

ଦୀନନାଥ ଆଉ ପାଟି ଖୋଲିଲେ ନାହିଁ । ଭିତରେ ଅନୁଶୋଚନା ଆସୁଥିଲା, ନର୍ସିଂହୋମ୍‌ରେ ଆଡ଼ମିସନ୍ ନକରି ବରଂ ଶୁଭଦାର ଡେଲିଭରି ପାଇଁ ଏଇ ସରକାରୀ ମେଡ଼ିକାଲ୍‌ରେ ଭି.ଆଇ.ପି. କେବିନ୍‌ଟିଏ ବୁକିଂ କରିଥିଲେ ଭଲ ହୋଇଥାନ୍ତା ! ଏଇଠି ଶୁଭଦା ପିଲାକୁ କ୍ଷୀର ଦେଇପାରିଥାନ୍ତା, ଆଉ ଯେତେଦିନ ଇଚ୍ଛା ନାତି ଏସ୍.ନ୍.ସିୟୁ.ରେ ରହି ପାରିଥାନ୍ତା ! ମା' ପୁଅକୁ ଭିନ୍ନ ଭିନ୍ନ ଜାଗାରେ ରଖି ଏପରି ବାର ହୀନସ୍ତା ହେବାକୁ ପଡ଼ିନଥାନ୍ତା !

ଶିଶୁ ବିଭାଗର ଅନତିଦୂରରେ ରହିଛି ଜିଲ୍ଲା ଚିକିତ୍ସାଳୟର ଜେନେରାଲ ଷ୍ଟୋର୍ । ଏଇଠୁ ଜିଲ୍ଲାର ବିଭିନ୍ନ ମେଡ଼ିକାଲ୍‌କୁ ଔଷଧ ଓ ଅନ୍ୟାନ୍ୟ ଜିନିଷପତ୍ର ପ୍ରେରଣ କରାଯାଏ । ଦାୟିତ୍ୱରେ ଅଛନ୍ତି କାର୍ତ୍ତିକ । ଅନ୍ୟମନସ୍କ ଭାବେ ଦୀନନାଥ ସେଇ ଆଡ଼କୁ ଆଗେଇଲେ ।

"ବସନ୍ତୁ !" - ପାଖରେ ପଡ଼ିଥିବା ଏକ ଖାଲି ଚେୟାର୍‌କୁ ଦେଖେଇ ଦେଲେ କାର୍ତ୍ତିକ । ସମସ୍ୟାଟିକୁ ଆମୂଳଚୂଳ ଜାଣନ୍ତି ସେ । ଏଣୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଉଭୟେ କିଛିକ୍ଷଣ ଏହି ସମ୍ପର୍କରେ କଥାହେଲେ । ଆଉ ଶେଷରେ ସେଇଆ ହିଁ କହିଲେ -

"ମୋ ସହିତ ଯୋଗାଯୋଗ କରିଥିଲେ, ଶୁଭଦା ପାଇଁ ଏଠି ଗୋଟେ ଭଲ କେବିନ୍ ଯୋଗାଡ଼ ହୋଇ ପାରିଥାନ୍ତା ! ଅନେକଟା ମୁଁ ସଂଭାଳି ନେଇଥାନ୍ତି ।"

କାର୍ତ୍ତିକ ପାଖରୁ ଫେରି ବାହାରେ ଛିଡ଼ାହୋଇ ଶୁଭକାନ୍ତକୁ ଫୋନ୍ ଲଗେଇଲେ ଦୀନନାଥ । ସେପାଖରୁ ଶୁଭକାନ୍ତ ପଚାରିଲା -

"ହଁ, କ'ଣ ହେଲା ବାପା ? ପିଲା କେମିତି ଅଛି ? ଭବେଶ ସହିତ ଏବେ ଫୋନ୍‌ରେ କଥା ହେଉଥିଲି । ସେ କହୁଥିଲା, ତୁମେ କୁଆଡ଼େ ଭିତରକୁ ଯାଇଥିଲ, ପୁଅ ପାଖକୁ ?"

"ହଁ, ଯାଇଥିଲି । ମୁଁ ଯାହା ଅନୁଭବ କଲି, ତୁମ ମେଡ଼ିକାଲ୍ ସାଇନ୍‌ସ କ'ଣ କହୁଛି, କେଜାଣି ! ବାହାରକୁ ଦୃଶ୍ୟ ହେଲା ଭଳି ତା'ର କିଛି ଅସୁବିଧା ହୋଇନାହିଁ । ଅଥଚ ସେମାନେ ଏଠିକି ପଠେଇ ଦେଲେ କାହିଁକି ?"

"ନାଇଁ ବାପା ! ପିଲାର ଏସ.ଏନ୍.ସି.ୟୁ.ରେ ଆଡ଼ମିସନ୍ ନେବା ଉଚିତ ହୋଇଛି । ମୁଁ ଶିଶୁ ବିଶେଷଜ୍ଞ ନୀଳମାଧବ ବାବୁଙ୍କ ସହିତ ଫୋନ୍‌ରେ କଥା ହୋଇଛି, ପିଲାର ଟିକେ ଅସୁବିଧା ଥିଲା । ଆପଣ ତ ଆଉ ଡାକ୍ତର ନୁହଁନ୍ତି ଯେ, ତା'ର ଭିତର ଅସୁବିଧାକୁ ଦେଖିପାରନ୍ତେ ବା ଦୃଶ୍ୟ ହୁଅନ୍ତା ! ଛିଡ଼ିଗଲେ, ଘା' ହେଲେ, ଖଣ୍ଡିଆ ଖାବରା ହେଲେ ବାହାରକୁ ଦୃଶ୍ୟ ହୋଇଥାଏ । କିନ୍ତୁ ଭିତରେ ଥିବା ଜଟିଳ ତତ୍ତ୍ୱଗୁଡ଼ିକର ଅସୁବିଧା, ଯାହା ସାଧାରଣ ଆଖିକୁ ଦେଖାଯାଏ ନାହିଁ, ତାହାକୁ ଆପଣ କିପରି ନିର୍ଣ୍ଣୟ କରିପାରିବେ ? ତେଣୁ ଆପଣ ଏ ସମ୍ପର୍କରେ ଅଧିକ କିଛି ବିଶ୍ଳେଷଣ କରନ୍ତୁ ନାହିଁ । ଆଜି ମୁଁ ଫ୍ଲାଇଟ୍ ଟିକେଟ୍ ପାଇଁ ଚେଷ୍ଟା କରୁଛି । କାଲି ସକାଳେ ଛ'ଟାରେ ଏଠୁ ଫ୍ଲାଇଟ୍ ଧରିଲେ ଦୁଇଟା ସୁଦ୍ଧା ବାଲେଶ୍ୱରରରେ ପହଞ୍ଚିଯାଇ ପାରିବି । ତାପରେ ସବୁଟାକୁ ମୁଁ ମ୍ୟାନେଜ୍ କରିନେବି, କଥା ଦେଉଛି ।"

ଏକ ରୁଢ଼ିବାଦୀ ସଂସ୍କାର ଓ ପାରଂପାରିକ ଚେତନାରେ ଉବେଇ ଟୁବେଇ ହେଉଥିବା ଦୀନନାଥ ପୁଅ, ଝିଅ ଓ ଜ୍ୱାଇଁଙ୍କ ସିଦ୍ଧାନ୍ତରେ କେଉଁଠି ପ୍ରତିବାଦ କରିପାରୁ ନଥିଲେ । ଲକ୍ଷ୍ୟ କରୁଥିଲେ ସବୁଠିଁ ଯେମିତି ଏକ ପରିବର୍ତ୍ତନର ସ୍ରୋତ ପ୍ରବାହିତ ହୋଇଯାଉଛି । ପାରଂପାରିକ ବିଚାର ଓ ସିଦ୍ଧାନ୍ତ ସବୁ ଭୁଲ ପ୍ରମାଣିତ ହେଲାଣି । ନିଜକୁ ଏବଂ ନିଜର ବିଚାରଧାରାକୁ ପ୍ରାଚୀନ ପଦ୍ଧତିରେ ଆଉ ଚଳେଇ ନେଇ ପାରିବେ ନାହିଁ । ସମୟ ଏବେ ବଦଳି ଗଲାଣି । ମଣିଷ ପରା ବ୍ରହ୍ମାଣ୍ଡ ପରିକ୍ରମା କରିବାକୁ ବସିଲାଣି !

ହେଲେ ଗୋଟିଏ କଥା ତାଙ୍କୁ ସର୍ବଦା ଆନ୍ଦୋଳିତ କରୁଛି । ଏବେ ନବଜନ୍ମିତ ଶିଶୁମାନଙ୍କ ଠାରେ ଅଧିକ ସମସ୍ୟା ଦେଖାଯାଉଛି ନା ପୂର୍ବରୁ ଥିଲା ? ଶିଶୁ ମୃତ୍ୟୁହାର ଭାରତରେ ବର୍ତ୍ତମାନ ସୁଦ୍ଧା ଆଖିଦୃଶିଆ ଭାବେ କମିନାହିଁ । ପୂର୍ବପରି ବର୍ଷକୁ ଲକ୍ଷ ଲକ୍ଷ ଶିଶୁ ଜନ୍ମ ସଂଗେ ସଂଗେ ମୃତ୍ୟୁ ଦ୍ୱାରା କବଳିତ ହେଉଛନ୍ତି । ଯଦିଓ ତିରିଶ ବର୍ଷ ତଳେ ଏବଂ ଆଜିର ସ୍ୱାସ୍ଥ୍ୟସେବାର ଉନ୍ନତି ବହୁ ପରିମାଣରେ ବୃଦ୍ଧି ପାଇଛି । ସେହି ତୁଳନାରେ ଶିଶୁ ମୃତ୍ୟୁହାର କମିନାହିଁ । ମାନସିକ ଅନଗ୍ରସର ପିଲାଙ୍କ ସଂଖ୍ୟା, ମାନସିକ ବିକଳାଙ୍ଗ ଶିଶୁଙ୍କ ସଂଖ୍ୟା ପୂର୍ବାପେକ୍ଷା ଅଧିକ ।

ଏ ସଂପର୍କରେ ଭିନ୍ନ ଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ମତଦ୍ୱାରା ଆନ୍ଦୋଳିତ ହୁଅନ୍ତି ଦୀନନାଥ । ଜଣେ ପରିବେଶବିତ୍ ଯେଉଁ ଆଡ଼କୁ ଆଙ୍ଗୁଳି ଦେଖାଏ, ଜଣେ ମନସ୍ତତ୍ତ୍ୱବିତ୍ ଅନ୍ୟ ଆଡ଼କୁ ଅଂଗୁଳି ନିର୍ଦ୍ଦେଶ କରେ, ଜଣେ ଯୋଗୀ ଯାହା କହେ, ଜଣେ ଡାକ୍ତର ବି ଭିନ୍ନ କଥା କୁହନ୍ତି । ବରଂ ଦୀନନାଥ ଭାବନ୍ତି ଅତୀତ ବ୍ୟବସ୍ଥା ଯାହା ଥିଲା, ବୋଧହୁଏ ଠିକ୍ ଥିଲା । ସଂସାରରେ ବଡ଼ବଡ଼ିଆମାନେ ତ ଏହାକୁ ସମର୍ଥନ କରିଥାନ୍ତି ।

ବଡ଼ ଗୋଲକଧନ୍ଦାରେ ପଡ଼ିଗଲେ ଦୀନନାଥ । ଟିକେ ଦୂରରେ ଦୃଶ୍ୟ ହେଉଛନ୍ତି ଅଶ୍ୱିନୀବାବୁ । ସମୟ ବାରଟା ଦଶମିନିଟ୍ । ଆଉଟ୍‌ଡୋର୍‌ରୁ ଡାକ୍ତର ବାହାରିଛନ୍ତି । ତାଙ୍କ ପଛରେ ଅଶ୍ୱିନୀବାବୁ ।

ଏହି ସମୟରେ ଦୀନନାଥଙ୍କ ମୋବାଇଲ ରିଂ ହେଲା, ସମୁଦି ଫୋନ୍ କରିଛନ୍ତି ।

"ଆମେ ପହଞ୍ଚି ଯାଇଛୁ ସମୁଦି । ଏବେ ଶୁଭଦା ପାଖରେ । ସିଧା ନର୍ସିଂହୋମ୍ ଚାଲି ଆସିଛୁ । ଟିକେ ପରେ ମେଡ଼ିକାଲ୍‌ରେ ଯାଇ ପହଞ୍ଚିବୁ । ଆପଣ ମେଡ଼ିକାଲ୍‌ରେ ଥିବେ ନିଶ୍ଚୟ ।"

ଦୀନନାଥ ଫୋନ୍ କାଟିଦେଲେ । ଅଧିକ କିଛି କଥା ହେବାର ଆବଶ୍ୟକତା ନଥିଲା । ଭିନ୍ନ ଏକ ସଂକଟବୋଧରେ ଘାରି ହେଉଥିଲେ ସେ । ଦ୍ୱି-ପ୍ରହରର ଖରା ଆହୁରି ଟାଣ, ଆହୁରି ତୀବ୍ର ବୋଧ ହେଲା ତାଙ୍କୁ । (କ୍ରମଶଃ)

## ଏ ସପ୍ତାହର ଗଳ୍ପ........

# ବାଲିଘର- ବତୀଘର - ଶାମୁକା



ଅରବିନ୍ଦ ଦାସ
ବିଶାଖାପାଟଣା

- ଏଇଟା ବିଲେଇ ଘର, ବାଲିଘର ନୁହେଁ।

ସ୍କୁଲ ସାଙ୍ଗ ରଜତ ମୁହଁରୁ କଥା ପଦକ ଶୁଣି ଚମକି ପଡିଥିଲା ସିପ୍ରା।

ସବୁଥର ଭଳି ନିଜର ଗୋଟେ ପାଦକୁ ସମୁଦ୍ର ବାଲିରେ ପୁରାଇ ତା ଉପରେ ତ୍ରିଭୁଜ ଆକାରର ବାଲି ଥାପି, ଟିକେ ଚାପି ଧୀରେ କିନା ପାଦକୁ ବାହାର କରି ଆଣିଲା ପରେ ବାଲିଘରର ପ୍ରାଥମିକ ଢାଞ୍ଚା ପଡେ ବୋଲି ସେ ଜାଣିଛି। ତା ପରେ ନଡ଼ିଆ ପିଞ୍ଚ ବା ପତଳା କାଠିରେ ଫୁଲ, ପତ୍ର ଚିତ୍ର ସହ ନାଁ ଲେଖାହୁଏ ସେଇ ଘର ଉପରେ। ବେଳେବେଳେ ଛୋଟ ପତକାଟିଏ ସବା ଉପରେ ଲଗାହୁଏ। ସମସ୍ତେ ପ୍ରଶଂସା କରନ୍ତି ତା ବାଲିଘରକୁ। ଅଥଚ ଆଜି ରଜତ କହୁଛି ଏଇଟା ବିଲେଇ ଘର !

- 'ଆରେ ପାଦ ପଶାଇ ଘର କଲେ, ସେଇଟା ବିଲେଇ ନିଜ ଘର ତୋଳିଲା ଭଳି ହୁଏ। ତୁ ବରଂ ବାଲି ଏକାଠି କରି ହାତ ପାପୁଲି ଓ ଆଙ୍ଗୁଠିରେ ଘର ରୂପ ଦେ। ସୁନ୍ଦର ଦେଖାଯିବା ପାଇଁ ଏଇ ବାଲିରେ ପଡିଥିବା ଆଇସକ୍ରିମ କାଠି, ବାଦାମ ଚୋପାରେ ଘର'ର ବାଡ଼ ଓ ଶାମୁକାରେରେ ଡିଜାଇନ।'

ନୂଆ ଆଇଡ଼ିଆ ଶୁଣି ଖୁସି ହୋଇଯାଇଥିଲା ସିପ୍ରା। ଦୁହେଁ ମିଶି ପ୍ରଥମ ଥର ପାଇଁ ଭିନ୍ନ ଏକ ଡିଜାଇନର ବାଲିଘର ଗଢ଼ିଥିଲେ। କିଛି ଶାମୁକା ସମୁଦ୍ର କୂଳରୁ ଗୋଟାଇ ଆଣିଥିଲା ରଜତ ଓ ସିପ୍ରାକୁ ଦେଇଥିଲା। ଖୁସିରେ ଆତ୍ମହରା ହୋଇଥିଲା ସିପ୍ରା।

ନିଜେ ସେଇ ଶାମୁକାରୁ ବାଛି, ଗୋଟାଏ ଲମ୍ବାଳିଆ ଶାମୁକା ଦେଇଥିଲା ରଜତକୁ।

- 'ଏଇଟା ମୁଁ କଣ କରିବି ?' ପଚାରିଥିଲା ରଜତ।

- 'ସାଇତିକି ରଖିବୁ, ଆମ ବାଲିଘର ସ୍ମୃତିରେ।'

ହସିଥିଲା ରଜତ। ଦୁହେଁ ଅନାଇଥିଲେ ସମୁଦ୍ରକୂଳରେ ଥିବା ବତୀଘରକୁ।

ସିପ୍ରା ପଚାରିଥିଲା - 'ଏଠି ତ ପାଣିଜାହାଜ ଆସୁନି, ବତୀଘର କାହିଁକି ଅଛି ?'

- 'ବଡ଼ ଜାହାଜ ସିନା ନାହିଁ, ହେଲେ ମାଛଧରା ଟ୍ରଲର, ହୁଲି ଡ଼ଙ୍ଗା ତ ଆସୁଛି। ଆଉ ଅନ୍ଧାର ଭିତରେ ଲୋକମାନେ ବି ଜାଣିପାରିବେ ଦିଗ।'

ଘରକୁ ଫେରି ସିପ୍ରା ଗୋଟେ ପ୍ଲାଷ୍ଟିକ ଡ଼ବାରେ ସାଇତି ରଖୁଥିଲା ସବୁ ଶାମୁକା। ତା ଇଛାଥିଲା ଗୋଟେ ହାର କରି ପିନ୍ଧିବ।

ରଜତ କିନ୍ତୁ ସେଇ ଲମ୍ବାଳିଆ ଶାମୁକାକୁ ଗୋଟେ ଚାବି ରିଙ୍ଗରେ ଲକେଟ ଭଳି ଲଗାଇ ସିପ୍ରାକୁ ଦେଖାଇଥିଲା।

- ଯାକୁ ଦେଖି ଆମ ବାଲିଘର କଥା ମନେ ପକାଇବୁ।' କହିଥିଲା ସିପ୍ରା।

ପ୍ରତ୍ୟେକ ଥର, ସମୁଦ୍ର ବେଳାଭୂମି ଦେଖିଲାକ୍ଷଣି କାହିଁକି କେଜାଣି ଆନମନା ହୋଇଯାଏ ସିପ୍ରା।

ଛୋଟପିଲା ପାଲଟିଯାଇ, ବାଲିଘର ବନାଇ ଦେହହାତ ବାଲି ସରସର ହେବା ତା ଅଭ୍ୟାସ। ଛୋଟବେଳେ ଯେବେ ବି ପରିବାର ସହ ପୁରୀ, ଗୋପାଳପୁର, ଦୀଘା ବୁଲିବାକୁ ଯାଉଥିଲା, ଆଗେ ସେ ସମୟ ବାହାର କରି ଲାଗିଯାଏ ବାଲିଘର ତୋଳିବା ପାଇଁ।

ମୁଣ୍ଡରେ ବାଲି ପଶେ ବୋଲି ବୋଉ ପାଖରୁ ଗାଳି ଶୁଣେ।ତେବେ ସମୁଦ୍ର ପାଣିକୁ ଭାରି ଡର ତାର।

-'ସମୁଦ୍ର ଯଦି ମୋତେ ଭସାଇ ନେବ ?'

ବଡ଼ ଭାଇ ଚିଡାଇକି କୁହେ, -ଡରକୁରୀ କେଉଁଠିକାର। ଦେଖେ କେତେ ଲୋକ ପାଣିରେ ଗାଧୋଉଛନ୍ତି, ଲହଡି ଭାଙ୍ଗୁଛନ୍ତି। କେହି ତ ଭାସିଯାଉ ନାହାନ୍ତି। ଗଭୀର ପାଣିକୁ ଗଲେ ସିନା ଭୟ।'

ବାପା ବି ହସିଦେଇ କୁହନ୍ତି - 'ମା ଭଳି ଝିଅ ବି ଡ଼ରୁଆ ହୋଇଛି।'

ବୋଉ ସେପଟୁ ନାଲି ଆଖି ଭାଇକୁ ଦେଖାଇ କୁହେ, -ଏତେ ବୀର ପଣିଆ ଦେଖାଇବା ଦରକାର ନାହିଁ। ଝିଅ ପିଲା ସେ, ତାର ଯଦି ଇଚ୍ଛା ନାହିଁ ତେବେ ବାଧ କାହିଁକି ?'

ହସିଦେଇ ନିଜେ ବାଲିଘର ତୋଳିବାରେ ମନଦିଏ ସିପ୍ରା। ଶାମୁକା ଗୋଟାଇ ବତୀଘରକୁ ଅନାଏ। ରଜତ କଥା ମନେପଡେ। ରଜତ ଏବେ ଭିନ୍ନ ଏକ ସହରରେ।

କେତେବର୍ଷ ପରେ କଲେଜ କ୍ୟାମ୍ପସରେ ପୁଣି ଭେଟ ରଜତ ସହ। ସିପ୍ରା ପ୍ରଥମେ ନିଜ ଆଖିକୁ ବିଶ୍ୱାସ କରିପାରି ନଥିଲା। ବହୁତ ଗପିଥିଲେ ଦୁହେଁ। ହଷ୍ଟେଲରେ ରହୁଥିଲା ରଜତ। ଦେଖା ସାକ୍ଷାତ, ଗପସପ ଭିତରେ ଅଙ୍କୁରିତ ହେଉଥିଲା ଗୋଟେ ପ୍ରେମ ସମ୍ପର୍କ।

- 'କାଲି କୋଣାର୍କ ଯିବା ? ମୋ ମଟର ସାଇକେଲରେ ?'ପଚାରିଥିଲା ରଜତ।

- 'କାହିଁକି ?'

- 'ବାଲିଘର ତୋଳିବା, ଶାମୁକା ଗୋଟାଇବା। ଏମିତି ଆଉ ଗୋଟେ ଶାମୁକା ଏଥର ମିଳିବ କି ନାହିଁ କେଜାଣି ?'

ରଜତ ନିଜ ଚାବି ରିଙ୍ଗ ଘୁରାଇ କହିଲା। ଚାବିରିଙ୍ଗରେ ଲାଗିଥିବା ଶାମୁକାକୁ ଦେଖି ଆଶ୍ଚର୍ଯ୍ୟ ହୋଇ ସିପ୍ରା ପଚାରିଲା, - 'ଇସ୍ ମା ! ଏଇଟା ସେଇ ଶାମୁକା ! ତମେ ଆଜି ଯାଏଁ ରଖିଛ ?'

- ହଁ,ଏଥର ଘରକୁ ଗଲାବେଳେ ଏଇ ରିଙ୍ଗକୁ ଆଣିଥିଲି।'

ପରଦିନ ଦୁହେଁ ଯାଇଥିଲେ କୋଣାର୍କ, ସମୁଦ୍ରକୂଳ।

ବାଲିଘର ତୋଳି ସେଥିରେ ଦୁହିଁଙ୍କ ନାଁ ଲେଖିଥିଲା ସିପ୍ରା।

- ପିଲାଳିଆମୀ ଯାଇନି ତୁମର ।ବାଲିଘର କଣ କେବେ ସତ ସତିକା ଘର ଯେ......ଭାଙ୍ଗି ତ ଯିବ।

ଏ ସମୁଦ୍ର ବେଳାରେ ଯେତେ ପାଦ ଚିହ୍ନ, ଯେତେ ବାଲିଘର ସବୁ ଲିଭାଇ ଦିଏ ସମୁଦ୍ର ଢେଉ।'

- ଯାଉ, କିଏ ଖାତିର କରିଛି, ମୁଁ ପୁଣି ଗଢିବି। ସମୁଦ୍ରକୁ ମୁଁ ଡ଼ରେ, ହେଲେ ଯଦି ସେ ତା ଜିଦିରେ ଅଟଳ, ମୁଁ ମୋ ଜିଦିରେ। ସେ ସିନା ଲିଭାଇ ଦେବ, ହେଲେ ଏଇ ବତୀଘର ସାକ୍ଷୀ ରହିବ ଆଉ ଶାମୁକା ସବୁ ଆମ ପାଖରେ।'

ସେଦିନ ଘରକୁ ଫେରିବା ପୂର୍ବରୁ ଗୋଟେ ବଡ଼ ଶାମୁକା ରଜତକୁ ଦେଇ ସିପ୍ରା କହିଲା ଏଇଟା ତୁମର, ଆଉ ବାକିତକ ଶାମୁକା ମୋର, କିନ୍ତୁ ତମ ପାଖରେ ରଖିଥାଅ। ଘରକୁ ଆଜି ନେଲେ ବୋଉ ସନ୍ଦେହ କରିବ।'

କଲେଜ ପିକ୍‌ନିକ ଗୋପାଳପୁରରେ ପଡିବା ଜାଣି ବହୁତ ଖୁସି ହୋଇଥିଲେ ଦୁହେଁ। ବସ୍‌ର ଦୁଇ ଟିକିଆ ସିଟରେ ପାଖାପାଖି ବସିଥିଲେ ଦୁହେଁ। ରଜତ ଗୋଟେ ଜରିରେ ସିପ୍ରା ଦେଇଥିବା ଶାମୁକାତକ ବଢ଼ାଇ ଦେଇ କହିଲା,

- 'ତମ ସମ୍ପତ୍ତି ତମେ ସମ୍ଭାଳ।'

ରଜତ ପକେଟରେ ଓହଳି ଥିବା ଚାବିରିଙ୍ଗକୁ ଦେଖି ହସିଦେଇ ସିପ୍ରା କହିଲା,

- 'ଆଚ୍ଛା, ଆଉ ଗୋଟେ ଶାମୁକା ପୁଣି ଯୋଡ଼ା ହେଲା ?'

- 'ସେଦିନ ତମେ ଦେଇଥିବା ସ୍ମୃତି।'

- 'ହଉ, ଆଜି ଆଉ ଗୋଟେ ସ୍ମୃତି ଦେବି। କେତେ ଶାମୁକା ଓହଳାଇବ ମୁଁ ଦେଖିବି।'

- 'ତମକୁ ବାହାହେଲା ଯାଏଁ ।'

- 'ଆଉ ବାହାଘର ପରେ ?'

- 'ଶାମୁକା ମୋ ବେକରେ ଲକେଟ କରି ଝୁଲାଇବି।'

ହସୁଥିଲା ସିପ୍ରା।

ଆଜି ଏତେ ବର୍ଷ ପରେ ସିପ୍ରା ପୁଣି ଆସିଛି ସମୁଦ୍ର କୂଳକୁ। ବାଲିଘର ତୋଳୁଥିଲା ବେଳେ ହଠାତ ଗୋଟେ ଶକ୍ତ ଜିନିଷ ତା ହାତରେ ବାଜିଲା। ଜିନିଷଟି ବାହାର କରି ଆଣି ଦେଖିଲା ବେଳକୁ ଗୋଟେ ସୁନ୍ଦର, ଲମ୍ବାଳିଆ ଛୋଟ ଶଙ୍ଖ ଆକୃତିର ଶାମୁକା।

- ଆରେ ବାଃ, ଏଇ ଶାମୁକାଟା ମୁଁ ଲକେଟ କରି ବେକରେ ଓହଳାଇବି। ବ୍ଲୁ ଜିନ୍ସ, ଧଳା ହାଫ କୁର୍ତ୍ତା ସାଙ୍ଗକୁ ଏଇ ଶଙ୍ଖ ଆକୃତିର ଶାମୁକା ଲକେଟ ବଢିଆ ମାନିବ। ତମ ବାଲିଘର ସ୍ମୃତି ମୋ ଛାତିରେ।'

ସ୍ୱାମୀଙ୍କ ମୁହଁକୁ ଅନାଇ ହସିଦେଇ ସିପ୍ରା କହିଲା

- 'ହଉ ନିଅ।'

ସାମ୍ନାରେ ବତୀଘର। ସ୍ମୃତି ସବୁ ଝାପ୍ସା ହୋଇ ଆଖି ଆଗରେ ଭାସି ଉଠିଲା।

ନିଜ ଭ୍ୟାନିଟି ବ୍ୟାଗ ଖୋଲି ଚୁପଚାପ ଗୋଟେ ଜିନିଷ ସମୁଦ୍ର ପାଣିକୁ ଫୋପାଡ଼ି ସିପ୍ରା ଫେରିଆସିଲା ତା ବାଲିଘର ପାଖକୁ।

ପଛପଟୁ ସ୍ୱାମୀ'ଙ୍କ ସ୍ୱର,

- 'ସିପ୍ରା, ଦେଖ ମୋତେ କଣ ମିଳିଛି ?'

ବୁଲିପଡ଼ି ସିପ୍ରା ଅନାଇଲା ।

- 'ଦେଖ, ବଢିଆ ହୋଇଛି ନା ? ତିନିଟା ସୁନ୍ଦର ଶାମୁକା ଲାଗିଛି ଏ ଚାବି ରିଙ୍ଗରେ। କିନ୍ତୁ ଚାବି କାଠି ନାହିଁ।'

ଅଭିଜିତ ହାତରେ ସେଇ ଚାବି ରିଙ୍ଗ ଯାହାକୁ କିଛି ସମୟ ଆଗରୁ ସେ ପାଣିକୁ ଫୋପାଡ଼ି ଦେଇଥିଲା।

ଓଃ, ରଜତ.....ସେଦିନ ପିକନିକରେ ଆଉ ଗୋଟାଏ ଶାମୁକା ଯୋଡିଥିଲା ତା ଚାବି ରିଙ୍ଗରେ।

ସିପ୍ରା ଆଖିରେ ଲୁହ ଜକେଇ ଆସୁଥିଲା।

ସିପ୍ରା ଭାବୁଥିଲା, ବାଲିଘର ଭାଙ୍ଗିଗଲା ପରି, ଅନେକ ପ୍ରେମ ସମ୍ପର୍କ ଭାଙ୍ଗିଯାଏ। ହୁଏତ ନିଷ୍ଠୁର ନିୟତି।

କିନ୍ତୁ କିଛି ଅଧାଲେଖା ପ୍ରେମ କାହାଣୀର ମୂକ ସାକ୍ଷୀ ଭଳି ବତୀଘର ଠିଆ ହୋଇଥାଏ ଆଉ ଏ ଶାମୁକା କେବଳ ସ୍ମୃତି ହୋଇ ରହିଯାଏ।

ଦୀର୍ଘନିଶ୍ୱାସଟିଏ ସିପ୍ରା ଛାତିରୁ ବାହାରି ଆସିଲା। ସେଦିନ ପିକିନିକରେ ତା ହାତକୁ ଏଇ ଚାବି ରିଙ୍ଗଟି ବଢ଼ାଇ ଦେଇ, ରଜତ ସମୁଦ୍ରରେ ଗାଧେଇବାକୁ ଯାଇ, କରେଣ୍ଟରେ ଭାସିଗଲା। ଆଉ ଫେରିଲାନି ରଜତ। ବତୀଘର ଦେଖି ପାରିଲାନି କି ????

ଅଜଣାତରେ ସିପ୍ରା ପାଦ ଆଜି ନିଜ ବାଲିଘର ଉପରେ ହିଁ ପଡି ସାରିଥିଲା।

# ପାକିସ୍ତାନ ଅଧିକୃତ କାଶ୍ମୀର

## ଡାକ୍ତର ସୁରେନ୍ଦ୍ର ନାଥ ଦାଶ

ନିକଟରେ ସାରା ଭାରତବାସୀ ଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହେଇପଡିଛି । ହିନ୍ଦି ଚଳଚିତ୍ର ଅଭିନେତ୍ରୀ କଙ୍ଗନା ରାନୱାତ ମୁମ୍ବାଇ ମହାନଗରୀକୁ ପାକିସ୍ତାନ ଅଧିକୃତ କାଶ୍ମୀର(ପି.ଓ.କେ.) ସହ ତୁଳନା କଲାପରେ ଆଲୋଚନା ଯୋର ଧରୁଛି । କଣ ଏହି ପି ଓ କେ ? କିପରି ଏହା ଗଠିତ ହେଲା ? କିଭଳି ଅଛି ସେଠା ଲୋକମାନଙ୍କର ଜୀବନ ଯାତ୍ରା ? ଏହି ପ୍ରଶ୍ନର ଉତ୍ତର ଓ ଏହାର ସୃଷ୍ଟି ସମ୍ବନ୍ଧରେ ସମ୍ୟକ ଧାରଣା ଦେବା ପ୍ରବନ୍ଧର ଉଦ୍ଦେଶ ।

**ପି.ଓ.କେ. କିପରି ସୃଷ୍ଟି ହେଲା ?** : ସ୍ୱାଧିନତା ପୁର୍ବରୁ କାଶ୍ମୀର ଏକ ସ୍ୱାଧିନ ଦେଶୀୟ ରାଜ୍ୟ ଥିଲା । ୧୮୪୬ ମସିହା ପୂର୍ବରୁ ଏହା ମହାବୀର ରଣଜିତ ସିଂ ଙ୍କର ଶିଖ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ୧୮୪୩ ମସିହାରେ୨ୟ ଶିଖ ସମରରେ ଶିଖ ଦରବାର ଇଂରେଜ ମାନଙ୍କ ସହ ଯୁଦ୍ଧ କରି ପରାସ୍ତ ହେଲେ । ଯୁଦ୍ଧ ର କ୍ଷତି ଭରଣା ପାଇଁ ଇଂରେଜ ମାନେ ଶିଖ ଦରବାର ଠାରୁ ଏକ କୋଟି ଟଙ୍କା ଦାବି କଲେ । ଶିଖ ମାନେ ଅର୍ଥ ଦେଇ ନ ପାରିବାରୁ ଇଂରେଜ ମାନେ ତାଙ୍କ ରାଜ୍ୟର କାଶ୍ମୀର ଅଂଚଳ କୁ ୮୦ ଲକ୍ଷ ଟଙ୍କାରେ ଜଣେ ଡୋଗ୍ରା ସାମନ୍ତ ଗୁଲାବ ସିଂଙ୍କୁ ବିକ୍ରୟ କରିଦେଲେ । ସେବେ ଠାରୁ ଗୁଲାବ ସିଂ ଙ୍କର ବଂଶ କାଶ୍ମୀର ଶାସନ କରିବାକୁ ଲାଗିଲେ ।

ଭାରତ ସ୍ୱାଧିନତା ପାଇଲା ବେଳେ ଇଂରେଜ ମାନେ ତତ କାଳିନ ଶାସକ ହରିସିଂ ଙ୍କୁ ସମସ୍ତ କ୍ଷମତା ଅର୍ପଣ କଲେ । କାଶ୍ମୀରର ଶାସକ ହିନ୍ଦୁ ହେଲେ ମଧ୍ୟ ଅଧିକାଂଶ ପ୍ରଜା ମୁସଲମାନ ଥିଲେ । ତେଣୁ ତାକୁ କୋଣସି ପ୍ରକାରେ ପାକିସ୍ତାନ ସହ ମିଶାଇବା ପାଇଁ ଯିବା ପୁର୍ବରୁ ଇଂରେଜ ମାନେ ପାକିସ୍ତାନ ସହ ମିଶି ଚକ୍ରାନ୍ତ ଆରମ୍ଭ କଲେ । ପି.ଓ.କେ. ରେ ତିନୋଟି ଅଂଚଳ ରହିଅଛି । ୧-କାଶ୍ମୀରର ଉତରାଂଚଳ, ପଶ୍ଚିମାଂଚଳ ଗିଲଗଟ-ବାଲଟିକ, ଚିତ୍ରାଲ,ହୁଞ୍ଜା, ଡାର ଆଦି ସୀମାନ୍ତ ଅଂଚଳ କୁ ସୁରକ୍ଷା ପାଇଁ ଇଂରେଜ ମାନେ ନିଜର ପ୍ରତ୍ୟକ୍ଷ ଅଧିନରେ ରଖିଥିଲେ ଓ ସେଠାରେ ଗିଲଗର୍ଟ ସ୍କାଉଟ ନାମରେ ଏକ ସାମରୀକ ବାହିନୀ ମୁତୟନ ଥିଲେ । ଇଂରେଜ ମାନେ ଗଲା ପରେ ସେସବୁ ଅଂଚଳର ସୁରକ୍ଷା ରକ୍ଷା କରିବା ହରିସିଂ ଙ୍କ ପକ୍ଷରେ ସମ୍ଭବ ହେଲାନାହିଁ । ଗିଲଗଟ ସ୍କାଉଟର ଇଂରେଜ ସେନାପତି ବିଦ୍ରୋହ କରି ରାଜାଙ୍କର ଗଭର୍ଣ୍ଣର ଘାସିରାମ ସିଂ କୁ ବନ୍ଦି କରି ଗିଲଗଟକୁ ପାକିସ୍ତାନ ସହ ମିଶିଲା ବୋଲି ଘୋଷଣା କଲେ । ୪ ନଭେମ୍ବର ୧୯୪୭ ଦିନ ଗିଲଗଟ୍ ର ସେନାଧ୍ୟାକ୍ଷ ମେଜର ବ୍ରାଉନ ସେଠାରେ ପାକିସ୍ତାନ ପତାକା ଉଡାଇ ଏକ ଅସ୍ଥାୟୀ ସରକାର ପ୍ରତିଷ୍ଠା କଲେ । ୪ ନଭେମ୍ବର ଦିନ ଗିଲଗଟ ପାକିସ୍ତାନ ସହ ମିଶିଲା ବୋଲି ପାକିସ୍ଥାନ ସ୍ୱିକୃତି ଦେଲା ଓ ତୃତୀୟ ସପ୍ତାହରେ ପାକିସ୍ତାନ ସରକାରଙ୍କ ଏଜେଂଟ ସେଠାରେ ପହଂଚି କ୍ଷମତା ଗ୍ରହଣ କଲେ ।

**୨-ଆଜାଦ କାଶ୍ମୀର:** ଅକ୍ଟୋବର ୨୨ ତାରିଖ ଦିନ ପ୍ରାୟ ୫ ହଜାର ସୀମାନ୍ତ ପଠାଣ ଆତଙ୍କବାଦୀ ୨୦୦ ସରିକି ଟ୍ରକରେ ବନ୍ଧୁକ,ମୋର୍ଟାର ଗ୍ରେନେଡ ଧରି କାଶ୍ମିର ଭିତରକୁ ମାଡି ଆସିଲେ । ସେମାନେ ମୁଜାଫରବାଦ, ଡୋମାଲ, ଉରି, ମିରପୁର ଅଧିକାର କରି କାଶ୍ମୀରର ରାଜଧାନୀ ଶ୍ରୀନଗର ଠାରୁ ମାତ୍ର ୨୦ ମାଇଲ ଦୂର ବରମୁଲା ସହର ଠାରେ ପହଂଚି ଲୁଟପାଟରେ ବ୍ୟସ୍ତ ରହିଲେ । ସେମାନଙ୍କୁ ବାଧା ଦେବାପାଇଁ ଯାଇ ରାଜ୍ୟର ପ୍ରଧାନ ସେନାପତି ରାଜେନ୍ଦ୍ର ସିଂହଙ୍କର ମୃତ୍ୟୁ ଘଟିଲା । ଆତଙ୍କ ବାଦୀ ମାନେ ବଡଗ୍ରାମ ବିମାନ ଘାଟୀ ଆଡକୁ ମାଡିଚାଲିଲେ । ଏହା ମଧ୍ୟରେ କାଶ୍ମୀର ମହାରାଜା ରାଜ୍ୟର ସୁରକ୍ଷା ପାଇଁ ଭାରତ ସରକାରଙ୍କୁ ସାହାଯ୍ୟ ପ୍ରାର୍ଥନା କରି ଭାରତ ସହ କାଶ୍ମୀରର ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ (ଅକ୍ଟୋବର ୨୬)। ଏହି କାର୍ଯ୍ୟକୁ କାଶ୍ମୀରର ପ୍ରଧାନ ରାଜନୈତିକ ଦଳ ନେସନାଲ କନଫରେନସର ମୁଖ୍ୟ ସେଖ ଅବଦୁଲା ସମର୍ଥନ ଦେବାରୁ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଗଲା । କାଶ୍ମୀରର ସୁରକ୍ଷା ପାଇଁ ଭାରତୀୟ ସେନା ମାନେ ବିମାନ ଦ୍ୱାରା ଯାଇ କାଶ୍ମୀରରେ ପହଂଚି ଶ୍ରୀନଗର ଉପକଣ୍ଠ ରୁ ଆକ୍ରମଣକାରୀଙ୍କୁ ପଛକୁ ଘୁଂଚାଇ ଦେଲେ । ଅବଶିଷ୍ଟ ଅଂଚଳ ରୁ ଆକ୍ରମଣ କାରୀ ମାନଙ୍କୁ ତଡିବା ପାଇଁ ୧୯୪୮ମସିହା ଯାକ ଯୁଦ୍ଧ ଚାଲିଲା । ପାକିସ୍ଥାନ ସେନା ଆସି ଯୁଦ୍ଧରେ ଯୋଗ ଦେଲେ । ଉଭୟ ପକ୍ଷ ସ୍ଥିତାବସ୍ଥାରେ ରହି ସୁଯୋଗକୁ ଅପେକ୍ଷା କଲେ । ଶେଷକୁ ଜାତିସଂଘର ମଧ୍ୟସ୍ଥତାରେ ୧୯୪୮ ମସିହା ମଧ୍ୟରାତ୍ରି ଡିସେମ୍ବର ୩୧ ତାରିଖରୁ ଯୁଦ୍ଧ ବିରତି ଘୋଷଣା ହେଲା । ଯୁଦ୍ଧ ବିରତି ରେଖାରେ ଜାତିସଂଘର ସେନା ଓ ପର୍ଯ୍ୟବେକ୍ଷକ ରହିଲେ । ପାକିସ୍ତାନ ଅଧିକାର କରିଥିବା ଅଂଶ କୁ ଆଜାଦ କାଶ୍ମୀର ନାମ ପାକିସ୍ଥାନ ଦେଲା । ଭାରତ ଏହାକୁ ପି.ଓ.କେ. ବା ପାକିସ୍ତାନ ଅଧିକୃତ କାଶ୍ମୀର ବୋଲି ନାମ ଦେଲା । ମଝିରେ ଯୁଦ୍ଧ ବିରତି ରେଖା ରହିଲା । ୧୯୭୨ ସିମଳା ଚୁକ୍ତି ପରେ ଯୁଦ୍ଧବିରତି ରେଖାକୁ ଲାଇନ ଅଫ୍ କଂଟ୍ରୋଲ କୁହାଗଲା ।

**ପୁଂଚ ବିଦ୍ରୋହ:** ପୁଂଚ ଜାମୁ ସୀମାକୁ ଲାଗି ଏକ ପାହାଡିଆ ଅଂଚଳ । ଦ୍ୱିତୀୟ ମହାଯୁଦ୍ଧରେ ଲଢି ପ୍ରାୟ ୬୦ ହଜାର ପୂର୍ବତନ ସୈନ୍ୟ ଯୁଦ୍ଧ ପରେ ଏଠାରେ ପହଂଚି ଗଲେ । ୧୯୪୭ ମସିହା ଜୁନ ମାସରେ ପୁଂଚ ସହରରେ ପୁର୍ବତନ ସୈନ୍ୟ ମାନେ ରାଜା ଶାସନ ବିରୁଦ୍ଧରେ ବିଦ୍ରୋହ କଲେ । ରାଜା ସାମ୍ବିଧାନିକ ସରକାର ଗଢିବା ଦାବିରେ ବିକ୍ଷୋଭ ଚାଲି ଅନେକ ଲୋକ ପୁଲିସ ଗୁଳିରେ ମଲେ । ସେମାନଙ୍କର ନେତା ସର୍ଦ୍ଦାର ଇବ୍ରାହିମ ପାକିସ୍ତାନ ସରକାରଙ୍କ ସହାୟତାରେ ଅକ୍ଟୋବର ଦିନ ପାଲାଣ୍ଡ୍ରି ଠାରେ ସରଦାର କୟୁମଙ୍କ ନେତୃତ୍ୱରେ ଆଉ ଏକ ସରକାର ଗଠିତ ହେଲା । ଏହଦିନକୁ (ଅକ୍ଟୋବର-୨୪)ସାରା ପାକିସ୍ଥାନରେ ଆଜାଦ କାଶ୍ମୀର ଦିବସ ରୂପେ ପାଳନ କରାଯାଉଛି । ଫେବୃଆରୀ ୫ ତାରିଖ ଦିନ ସାରା ପାକିସ୍ତାନରେ ଭାରତର କାଶ୍ମୀର ଅଧୀକାର ବିରୁଦ୍ଧରେ ପ୍ରତିବାଦ ଦିବସ ପାଳନ କରାଯାଇ ଛୁଟି ଦିବସ କରାଯାଇଛି । ଆଜାଦ କାଶ୍ମୀରରେ ଅକ୍ଟୋବର ୨୭ ତାରିଖକୁ ଭାରତ କାଶ୍ମୀର ଅଧିକାରର ପ୍ରତିବାଦ ଦିବସ ପାଳନ କରାଯାଏ । ବିଦ୍ରୋହି ମାନେ ପୁଂଚ ସହର କୁ ବର୍ଷେକାଳ ଘେରାଉ କରିରଖିଲା ପରେ ଭାରତୀୟ ସେନା ତାହାକୁ ମୁକ୍ତ କଲେ । ମାତ୍ର ପୁଂଚ ଜିଲ୍ଲାର ଅନେକ ଅଂଶ ପାକିସ୍ତାନ ଅଧିନରେ ରହିଗଲା ।

୩-ଏହି ଅଧିକୃତ ଅଂଚଳର ଏକ ବୃହତ ଅଂଶ ଗିଲଗଟ ବାଲଟିସ୍ତାନ (୭୨ ହଜାର ବର୍ଗ କିମି) ବା ଏଫ.ଏ ଏ.ଏ. (**Federally Administered Agency Area**) ନାମରେ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଂଚଳ ପାକିସ୍ତାନ ଗଠନ କରିଛି । (**Shankagam Corrider**) ନାମରେ ଏକ ସରୁଆ ଅଂଶ ଚିନକୁ ହସ୍ତାନ୍ତର କରିଛି (୫୧୦୦ ବର୍ଗ କିମି) । ଅବଶିଷ୍ଟ ୪୦୦ କିମି ଲମ୍ବ ଓ୨୦ରୁ ୫୦ କିମି ଓସାର ୧୩ ହଜାର ବର୍ଗ କିମି ଆୟତନ ଓ ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଆକାରର ସଂକୀର୍ଣ୍ଣ ତଥା ପୁରାତନ କାଶ୍ମୀର ଉପତ୍ୟକା ର ପଶ୍ଚିମ ଅଂଶ ଆଜାଦ ଜାମୁ ଓ କାଶ୍ମୀର ରୂପେ ପାକିସ୍ତାନ ନାମିତ କରିଛି ।ଏହାଏକ ସ୍ୱଂୟ ଶାସିତ ଅଂଚଳ ରୂପେ ନିଜର ଆସେମ୍ଲି ଦ୍ୱାରା ଶାସିତ ହେଉଅଛି । ଏହାର ଜଣେ ପ୍ରେସିଡେଂଟ ଓ ପ୍ରଧାନ ମନ୍ତ୍ରୀ ଅଛନ୍ତି । ୧୯୭୪ ମସିହାରେ ସ୍ୱତନ୍ତ୍ର ସମ୍ବିଧାନ ରଚିତ ହୋଇଛି । ଏହାର ନିଜର ହାଇକୋର୍ଟ, ସୁପ୍ରିମ କୋର୍ଟ. ଓ ସ୍ୱତନ୍ତ୍ର ପତାକା ଅଛି । ମାତ୍ର ବାସ୍ତବରେ ପାକିସ୍ତାନ ସରକାର ତାଙ୍କ ମନ୍ତ୍ରୀ ମଣ୍ଡଳର କାଶ୍ମୀର ବିଭାଗ ଦ୍ୱାରା ଏହାକୁ ନିୟନ୍ତ୍ରଣ କରନ୍ତି । ୨୦୦୫ ମସିହାରେ ଭୂମିକମ୍ପ ଦ୍ୱାରା ଏହାର ଏକ ଲକ୍ଷ ଲୋକ ମରିଥିଲେ ଓ ୩୦ ଲକ୍ଷ ଲୋକ ଗୃହହୀନ ହୋଇଥିଲେ । ପାକିସ୍ତାନର ଏହା ବେଶ ସମୃଦ୍ଧ ଅଂଚଳ । ଝେଲମ ନଦୀରେ ମଙ୍ଗଳା ଡ୍ୟାମ ହେଲାପରେ ଜଳବିଦ୍ୟୁତ ଶକ୍ତି ବିକ୍ରୟ କରି ପ୍ରଚୁର ଅର୍ଥ ଆୟ ହେଉଛି । ୭୫ ଭାଗ ଲୋକ ଙ୍କର କୃଷି ଫାର୍ମ ଅଛି । ଶିକ୍ଷିତ ହାର ୭୨ ଶତକଡା, ପାକିସ୍ତାନ ରେ ସର୍ବାଧିକ । ମଙ୍ଗଳା ଡ୍ୟାମ ତିଆରି ଦ୍ୱାରା ପାକିସ୍ତାନ ଦେଉଥିବା ରୟାଲଟି ମଧ୍ୟ ପ୍ରଗତିର ସହାୟକ ହୋଇଛି । ସମୁଦାୟ ପ୍ରାୟ ୧୫ ଟି ବିଶ୍ୱବିଦ୍ୟାଳୟ ଆଜାଦ କାଶ୍ମିର ରେ ରହିଛି ।ଏଠାରେ ଚାରିଟି ମେଡାକାଲ କଲେଜ ଅଛି ।ଏ ଅଂଚଳରୁ ହଜାର ହଜାର ଲୋକ ବିଦେଶରେ ବିଶେଷତଃ ଇଂଲଣ୍ଡରେ କାମ କରନ୍ତି । ସେମାନେ କୋଟି କୋଟି ଟଙ୍କା ନିଜଗ୍ରାମକୁ ପଠାନ୍ତି । ବିଶେଷତଃ ମିରପୁର ସହର ସେହି ଟଙ୍କାରେ ଅତି ସମୃଦ୍ଧ ହୋଇପାରିଛି । ବଡ ବଡ କୋଠା, ସୁନ୍ଦର ପାର୍କ, ଶିକ୍ଷା ଅନୁଷ୍ଠାନ ସବୁ ଆଡେ ଶୋଭା ପାଇଛି । ମୁଜାଫରବାଦ ଆଜାଦ କାଶ୍ମୀରର ରାଜଧାନୀ । ଏଠାରେ ନେସନାଲ ଆସେମ୍ଲି, ରେଡ ଫୋର୍ଟ ଓ ଅନ୍ୟ ଦର୍ଶନୀୟ ସ୍ଥାନ ଅଛି । ଭୂମିକମ୍ପ ୨୦୦୫ପରେ ବିଦେଶରୁ ଆସୁଥିବା ସାହାଯ୍ୟରେ ସାରା ରାଜ୍ୟରେ ପ୍ରଗତିର ଧାରା ଆଗେଇ ଚାଲିଛି । ଏହି ଅଂଚଳରେ ସୁଫି, ସିଆ ସଂପ୍ରଦାୟ ଙ୍କର ପ୍ରଭାବ ବେଶି । ସେମାନଙ୍କର ଦରଘାକୁ ଉଭୟ ହିନ୍ଦୁ ଓମୁସଲମାନ ମାନେ ପୂଜା କରୁଥିଲେ, ସାଂପ୍ରଦାୟିକ ବିଦ୍ୱେଷ ଆଦୌ ନଥିଲା । ମାତ୍ର ବିଭାଜନ ବେଳେ ପ୍ରାୟ ସମସ୍ତ ହିନ୍ଦୁଓ ଶିଖ ରାଜ୍ୟ ଛାଡି ଜାମୁ କୁ ପଳେଇ ଆସିଲେ । ଏହା ପ୍ରାକୃତିକ ସୌନ୍ଦର୍ଯ୍ୟ ସ୍ୱାଜରଲାଣ୍ଡ ସହ ତୁଳନୀୟ । ଅନେକ ଭ୍ରମଣକାରୀ ଏଠାକୁ ବୁଲିବାକୁ ଆସନ୍ତି । ଏହା ମାନବ ବିକାଶ ସୂଚକ ୦.୬୨, ଭାରତ ସହ ପ୍ରାୟ ସମାନ । ଆମର ଶତ୍ରୁ ଦେଶ ବୋଲି ଯେ ତାହାର ସବୁ ଖରାପ ଏହା ଧାରଣା କରିବା ଭୂଲ ।




ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬




# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ।। ଶଶି ଭାଇଙ୍କ ନିରବତା ।।

ଶୀର୍ଷକ ପାଠକରି ଶଶିଭାଇ ସଂକୀର୍ଣ୍ଣ ଭାବରେ ରାଜନୀତିରୁ ସନ୍ୟାସ ନେଇଯାଇଛନ୍ତି ବୋଲି କେହି ଭାବିବେନି ।




ଶଶିଭାଇଙ୍କ ନିରବତା ମାନେ ଆଜିକାଲି ଟି.ଭି ସାମ୍ନାରେ ଶଶିଭାଇଙ୍କୁ ଆଉ ଦେଖିବାକୁ ମିଳୁନି । କେମିତିବା ଦେଖିବାକୁ ମିଳନ୍ତା; ସେ'ତ ଏବେ କୌଣସି ଦଳୀୟ ପଦପଦବୀ ବା ମୁଖପାତ୍ର ନାହାନ୍ତି, ନିଜ ନିର୍ବାଚନ ମଣ୍ଡଳୀ ନେଇ ବ୍ୟସ୍ତ । ତାଛଡ଼ା ଉପରେ ପଡ଼ି ମନ୍ତବ୍ୟ ଦେବା, ଅଯଥା ତୈଳ ମର୍ଦ୍ଦନ କରିବା ଶଶିଭାଇଙ୍କ ଜାତକରେ ନାହିଁ । ଶ୍ରେଷ୍ଠ ଯୁବ ବିଧାୟକ ଭାବରେ ସମ୍ମାନିତ । ଦଳୀୟ ନିର୍ଦ୍ଦେଶରେ କେତେବେଳେ ବିଧାୟକ କେତେବେଳେ ରାଜ୍ୟସଭା ସଦସ୍ୟ, ଦଳୀୟ ମୁଖପାତ୍ର ପୁଣି ଦୁଇଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ । ଯେତେବେଳେ ଯୋଉ ନିର୍ଦ୍ଦେଶ ମିଳେ ବିନା ପ୍ରତିବାଦରେ ଶଶିଭାଇ ପାଳନ କରନ୍ତି ଜଣେ ଶୃଙ୍ଖଳିତ କର୍ମୀ ଭାବରେ । ହେଲେ ଗତ ନିର୍ବାଚନରେ ଯେଉଁଭଳି ଭାବରେ ନିଜ ନିର୍ବାଚନ ମଣ୍ଡଳିରୁ ଠେଲି କେନ୍ଦ୍ରାପଡ଼ା ଭଳି ସମ୍ବେଦନଶୀଳ ଆସନରୁ ପ୍ରାର୍ଥୀ କରାଗଲା ତାହା ପନିସ୍‌ମେଣ୍ଟରେ ଟ୍ରାନ୍ସଫର ଭଳି ଲାଗିଲା । ଶଶିପ୍ରେମୀ ମାନଙ୍କର ଆଶାଥିଲା ହୁଏତ ଶଶି ଭାଇଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ମିଳିବ । ହେଲେ ସେପରି କିଛି ଘଟିଲା ନାହିଁ । ତଥାପି ଶଶି ଭାଇ ନିରବ । ଭାରତୀୟ ରାଜନୀତିରେ ଆତ୍ମ ଅଭିମାନକୁ ଅହଂକାର ବୋଲି ବିବେଚନା କରାଯାଏ ଏକଥା ବୋଧେ ଅନେକଂକୁ ଅଜଣା ।

## ।। ନବୀନଙ୍କ ବର୍ଣ୍ଣବୋଧ ।।

କିଛିଦିନ ତଳେ ଶାସକ ଦଳର ଜଣେ ପୂର୍ବତନ ବରିଷ୍ଠ ନେତା ତାଙ୍କ ଅଭିନେତ୍ରୀ ବୋହୂଙ୍କୁ ବର୍ଣ୍ଣବୋଧ ପଢ଼ାଇ ଓଡ଼ିଆ ଶିକ୍ଷା ଦେବାର ଭିଡିଓଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଥିଲା । ତେବେ ଏହାକୁ ଦେଖି କେତେକ ପୁରୁଣା ସାମ୍ବାଦିକ ମନ୍ତବ୍ୟ ଦେଲେ ଉକ୍ତ ନେତା କୁଆଡ଼େ ଅସଲି ବର୍ଣ୍ଣବୋଧ ବା ନବୀନଙ୍କ ବର୍ଣ୍ଣବୋଧ ପଢ଼ିନାହାନ୍ତି । ନହେଲେ ଆଜିଯାଏ କଣଠେସା ହୋଇ ରହିନଥାନ୍ତେ । ବର୍ଣ୍ଣବୋଧର ବହୁ ସଂସ୍କରଣ ବାହାରିଥିଲେ ବି ମୂଳ ମଧୁବାବୁଙ୍କ ବର୍ଣ୍ଣବୋଧର ଲୋକପ୍ରିୟତା ଏଯାଏଁ ଅକ୍ଷୁର୍ଣ୍ଣ । ତେବେ ନବୀନଙ୍କ ପ୍ରଣୀତ ଅଲିଖିତ ବର୍ଣ୍ଣବୋଧଟିକୁ ଯେ ପଢ଼ି ନାହାନ୍ତି କି ବୁଝିନାହାନ୍ତି ତାଙ୍କ ଅବସ୍ଥା ସେହି ବୟୋଜ୍ୟେଷ୍ଠ ନେତାଙ୍କ ଭଳି ହେଉଛି । ଏବେ ଜଣେ ଯୁବ କିଙ୍ଗମେକର କୁଆଡ଼େ ନବୀନଙ୍କ ନୂତନ ବର୍ଣ୍ଣବୋଧକୁ ଦଳୀୟ ସଂଗଠନିକ କାର୍ଯ୍ୟକର୍ତ୍ତାଙ୍କୁ ପଢ଼ାଉଥିବାର ଶୁଣାଯାଉଛି ।

# ବିଭକ୍ତ ଭାରତ

ଧର୍ମୀୟ ଉନ୍ମାଦନାରେ ଭାରତବର୍ଷ ବିଖଣ୍ଡିତ ହେଲାବେଳେ ସଂକଟରେ ପଡିଥିଲା ଯେଉଁ ସ୍ନେହ, ସମ୍ପର୍କ ଓ ବିଶ୍ୱାସ, ସେଇସବୁ ଜୀବନ୍ତ ଦଲିଲ୍‌ର କଳ୍ପରୂପ.. ଗଳ୍ପଗୁଚ୍ଛ...ଦୀପକଙ୍କ ନିଜସ୍ୱ ଶୈଳୀରେ... ପ୍ରତି ସଂଖ୍ୟାରେ ।





୨୦

ଦୀପକ ରଂଜନ ମିଶ୍ର

## ।। ଆ ଦା ବ୍ ।।



ସମରେଶ ବସୁ (୧୯୨୪-୨୦୮୮)

ଠାକୁର ମଣିଷକୁ କେବଳ ମଣିଷ ରୂପେ ହିଁ ଗଢ଼ିଥିଲେ । କିନ୍ତୁ କାଳକ୍ରମେ ସେ ନିଜେ ନିଜ ପାଇଁ ବାଛିନେଲା କିଛି ଚନ୍ଦ୍ର, ବର୍ଗ ତଥା କୁଟିଳ ବନ୍ଧନୀ । ଭାଗ ଭାଗ କରିନେଲା ନିଜକୁ ଜାତି, ଧର୍ମ ତଥା ସମ୍ପ୍ରଦାୟରେ । କିଛିରେ ବିଭେଦ ଉପୁଜିଲେ ଚାଲେ ଗାଳି ତକରାଳ, ଖଣ୍ଡା ବର୍ଚ୍ଛାର ରକ୍ତାକ୍ତ ଖେଳ । ହେଲେ ସେଇ ପରିସ୍ଥିତିରେ ବି କିଛି ମଣିଷଙ୍କ ମନରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ପାରେନା ମଣିଷପଣିଆଁ, ପରସ୍ପର ପ୍ରତି ପ୍ରେମଭାବ । ସୁଖ ଶାନ୍ତିରେ ବଞ୍ଚିବାକୁ ଇଚ୍ଛା କରୁଥିବା ଆଗାମୀର ବଂଶଧରମାନଙ୍କ ପାଇଁ ସେଇମାନେ ହିଁ ସାଜନ୍ତି ଆଲୋକ ବର୍ତ୍ତିକା । ଏଥର ବଙ୍ଗଳା ଭାଷାର ବିଶିଷ୍ଟ କଥାକାର ସମରେଶ ବସୁଙ୍କ ଦ୍ୱାରା ରଚିତ ଗଳ୍ପ 'ଆଦାବ୍'ରେ ଭିନ୍ନ ଭିନ୍ନ ସମ୍ପ୍ରଦାୟର ଦୁଇଜଣ ସମ୍ପୂର୍ଣ୍ଣ ଅପରିଚିତ ବ୍ୟକ୍ତିଙ୍କୁ ଏକାଠି ଭେଟିବା, ଏକା ପରିସ୍ଥିତିରେ, ଏକା ମନଃସ୍ଥିତିରେ ।

ରାତ୍ରିର ନିଃସ୍ତବ୍ଧତାକୁ ଚିରି ମିଲିଟାରୀ ଭେନ୍ ପଇଁତରା ମାରି ଚାଲିଯାଏ ଭିକ୍ଟୋରିଆ ପାର୍କ ବାଟଦେଇ । ସାରା କଲିକତା ସହରରେ ହିନ୍ଦୁ-ମୁସଲମାନ ଦଙ୍ଗା ଯୋଗୁଁ ଜାରି ହୋଇଥାଏ ୧୪୪ ଧାରା । ଦେଖିଲା ମାତ୍ରେ ଗୁଳି ମାରିବାକୁ ଆଦେଶ ପୋଲିସ୍ କମିଶନରଙ୍କର । ତଥାପି ବେଳ କାଳ ଦେଖି ଏଠି ସେଠି କୁହୁଳି ଉଠୁଥାଏ ଧୂଆଁ । କୋଉଠି ଠେଙ୍ଗାବାଡ଼ି ତ କୋଉଠି ଛୁରୀ ଭୁଜାଲି ଆପଣା କାମ କରି ଚାଲିଥାନ୍ତି । ଗୁଣ୍ଡା ଶ୍ରେଣୀର ଲୋକେ ସୁଯୋଗ ଉଣ୍ଡୁଥାନ୍ତି ଆକ୍ରମଣ ପାଇଁ । ଲୁଟେରାମାନେ ଦଳବଦ୍ଧ ହୋଇ ଘୂରି ବୁଲୁଥାନ୍ତି । ଲୁଟ୍ ପରେ ବସ୍ତିମାନଙ୍କୁ ନିଆଁ ଲଗାଇ ପୋଡ଼ି ଦିଆଯାଉଥାଏ । ନିରୀହ ମହିଳା ଓ ଶିଶୁଙ୍କ କରୁଣ ଚିତ୍କାରରେ ଥରି ଉଠୁଥାଏ ସମଗ୍ର ପରିବେଶ । ଏଭଳି ପରିସ୍ଥିତିରେ ରାସ୍ତା କଡ଼ରେ ଲେଉଟି ପଡ଼ିଥିବା ଗୋଟେ ଡଷ୍ଟବିନ୍ ପଛରେ ଲୁଚି ରହିଥାଏ ଜଣେ । ମୁଣ୍ଡ ଉଠାଇ କୁଆଡ଼େ ଚାହିଁବାକୁ ବି ଖୁବ୍ ଭୟ ଲାଗୁଥାଏ ତାକୁ । ରହି ରହି କେତେବେଳେ ଦୂରରୁ ତ କେତେବେଳେ ପାଖରୁ ଭାସି ଆସୁଥିବା ଚିତ୍କାରକୁ କାନଡେରି ସେ ଚିହ୍ନିବାକୁ ଚେଷ୍ଟା କରୁଥାଏ, ତାହା ଆଲ୍ଲା ହୋ ଅକ୍‌ବର କି ବନ୍ଦେ ମାତରମ୍, ତାହା ମୁସଲମାନର କି ହିନ୍ଦୁଙ୍କର । ଡଷ୍ଟବିନ୍ ଟି ଅଳ୍ପ ହଲିବାରୁ ଲୋକଟି ଚମ୍‌କି ପଡ଼େ । ତରକି ଯାଇ ରାତ୍ରିର ଅନ୍ଧାର ଭିତରେ ଜାଣିବାକୁ ଚେଷ୍ଟାକରେ କ'ଣ ଗୋଟେ ଅଛି କି ବୋଲି । କୁକୁର ବି ହୋଇଥାଇ ପାରେ । ଡଷ୍ଟବିନ୍‌କୁ ଆସ୍ତେ ଠେଲିବାରୁ କିଛି ଜଣା ପଡ଼େନି । କିଛି ସମୟ ପରେ ପୁଣି ଦୋହଲେ ଡଷ୍ଟବିନ୍ । ଉହୁଁକି ଚାହିଁବାରୁ ଆଉଜଣେ ଲୋକର ମୁଣ୍ଡ ଦେଖାଯାଏ । ତେବେ ମଣିଷଟିଏ । ଦୁହେଁ ଦୁହିଁଙ୍କୁ ଭୟ ତଥା ସନ୍ଦେହଭରା ଆଖିରେ ଅନାନ୍ତି । ଉଭୟଙ୍କ ଛାତି ଉଠୁଥାଏ ପଡୁଥାଏ । ବେଳକାଳ ଦେଖି ସାମ୍ନା ଜଣକ ଆକ୍ରମଣ କରିବ କି ? ହତ୍ୟାକାରୀ ହୋଇଥିବ ଯଦି ?? କେହି ଆଗକୁ ବଢ଼ିବାକୁ ସାହସ କରି ପାରୁ ନଥାନ୍ତି । ହିନ୍ଦୁ କି ମୁସଲମାନ କିଏ ଜାଣିଛି ? ଏଇ ସଂକଟଜନକ ପରିସ୍ଥିତିରେ ଏଇଟା ହିଁ ତ ମୁଖ୍ୟ ପ୍ରଶ୍ନ । ଏହା ନିର୍ଣ୍ଣୟ କରିବ ସେମାନଙ୍କର ଭବିଷ୍ୟତ । ହେଲେ ସେଇ ଭୟାନକ ପ୍ରଶ୍ନଟି ପଚାରିବାକୁ କେହି ସାହସ କରୁ ନଥାନ୍ତି । କିଛି ସମୟ ପରେ ପ୍ରଥମ ବ୍ୟକ୍ତି ପଚାରେ, - ତୁମେ ହିନ୍ଦୁ କି ମୁସଲମାନ ? ଦ୍ୱିତୀୟ ବ୍ୟକ୍ତି ଉତ୍ତର ଦେବା ବଦଳରେ କହେ, - ତୁମେ ପ୍ରଥମେ କହୁନ, ମୋତେ କାହିଁକି ପଚାରୁଛ ? କେହି ଆପଣା ପରିଚୟ ଦେବାକୁ ଉଚିତ୍ ମଣୁ ନଥାନ୍ତି । କୌଶଳପୂର୍ବକ ବୁଲେଇ ବଙ୍କେଇ ଅନ୍ୟ ପ୍ରଶ୍ନରୁ ଆରମ୍ଭ ହୁଏ କଥୋପକଥନ । ଏଇ ଯେମିତି - "ତୁମେ କୋଉଠୁ ଆସିଛ ? - ବୁଢ଼ୀଗଙ୍ଗା ସେପାରି ସୁବେଦା ଗାଁରୁ, ଆଉ ତୁମେ ? - ଚାଶ୍‌ଦା, ନାରାୟଣଗଞ୍ଜ ପାଖରୁ, ତୁମେ କ'ଣ କର ? - ମୁଁ ଜଣେ ଧୀବର, ଫେରିଘାଟରେ ଡଙ୍ଗା ବାହେ, ଆଉ ତୁମେ ? - ମୁଁ ନାରାୟଣଗଞ୍ଜ ସୁତାମିଲ୍‌ରେ କାମ କରେ, ଜଣେ ଶ୍ରମିକ ।" ପୁଣି କିଛି ସମୟର ନିରବତା । ଦୁହେଁ ଠଉରେଇବାକୁ ଚେଷ୍ଟା କରୁଥାନ୍ତି କିଏ କେମିତିକା ପୋଷାକ ପନ୍ଧିଛି, କେମିତି ଦେଖା ଯାଉଛି । ହେଲେ ଅନ୍ଧାର ଭିତରେ ପୁଣି ଡଷ୍ଟବିନ୍‌ର ଏପାଖ ସେପାଖରେ ରହି ତାହା ସମ୍ଭବ ହୋଇ ପାରେନି । ହଠାତ୍ ଅତି ପାଖରେ କୋଉଠି ଦୁଇଗୋଷ୍ଠୀ ମଧ୍ୟରେ ହେଉଥିବା ହୋହଲ୍ଲା ଶୁଣି ଭୟରେ ଦୁହେଁ ଟିକେ ଟିକେ ଘୁଞ୍ଚିଯାଆନ୍ତି, ପରସ୍ପର ପାଖକୁ । ଶ୍ରମିକ ଜଣକ ଭୟରେ କହେ ଅତି ପାଖରେ କୋଉଠି ହଣାକଟା ହେଉଛି ବୋଲି । ଧୀବର ସେଇଠି ଲୁଚିରହିବାକୁ ସୁରକ୍ଷିତ ନମଣି ସେଇଠୁ ଚାଲିଯିବାକୁ ଇଚ୍ଛା ପ୍ରକାଶ କରିବାରୁ ଶ୍ରମିକଟି ତାକୁ ବାରଣ କରେ । ଏଇ ସମୟରେ ଏଭଳି ପାଗଳାମୀ ଠିକ୍ ନୁହେଁ । ଆଖି ମିଟିକା ମାରୁ ମାରୁ କେତେବେଳେ ଖଣ୍ଡା ଚୋଟ ବସିଯିବ ଆସି ବେକରେ ଜାଣି ହେବନି । ଧୀବର ସନ୍ଦେହ ଭରା ଆଖିରେ ଶ୍ରମିକ ଆଡ଼କୁ ଚାହେଁ । ଚାରି ଚକ୍ଷୁର ମିଳନ ହୁଏ । ଯେଉଁଠି ଯେମିତି ଅଛି ସେଇମିତି ବସି ରହିବାକୁ ଶ୍ରମିକଟି ତାକୁ ନିର୍ଦ୍ଦେଶ ଦେଉଥାଏ । ହଲ୍‌ଚଲ୍ ନହୋଇ ବସି ରହିଥିବା ବେଳେ ଧୀବର ଭାବୁଥାଏ ଏ ଲୋକଟି ତାକୁ ଏମିତି ବାଧ୍ୟ କାହିଁକି କରୁଛି ଯେ ? ୟା'ର କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ତ ? ତା'ର କଥାବାର୍ତ୍ତା ଆଦୌ ଭଲ ଲାଗୁନି । ଆରେ, ଏମିତି ଅନ୍ଧାରରେ କ'ଣ ସାରାରାତି ସିଏ ବସି ରହିବ ? ଶ୍ରମିକ ଜଣକ ସେପଟେ ଭାବୁଥାଏ ଇୟେ ଯିବାକୁ ଏତେ ଛାନିଆଁ ହେଉଛି କାହିଁକି ? ଯାଇ ତାଙ୍କ ଧର୍ମର ଲୋକଙ୍କୁ ଡାକି ଆଣିବ ନାହିଁ ତ ? ସେମାନେ ଆସି ତାକୁ ଟିକ୍ ଟିକ୍ କରି ହାଣି ପକାଇଲେ ....

ପୁଣି କିଛି ସମୟ ନିରବତାରେ ବିତେ । ଦୁହିଁଙ୍କୁ ବ୍ୟସ୍ତ ବିଚଳିତ କରୁଥାଏ ଆଗାମୀର ଭୟଙ୍କର ଚିତ୍ର । ମନେ ପଡୁଥାଏ ଘରକଥା, ମା' କଥା, ସ୍ତ୍ରୀ ଓ ପୁଅଝିଅଙ୍କ କଥା । ତାଙ୍କ ସହିତ ଆଉ ଭେଟ ହୋଇ ପାରିବ କି ନାହିଁ କିଏ ଜାଣିଛି ? ଜୀବନ କେତେ ସୁନ୍ଦର ବାଗରେ ଚାଲିଥିଲା ତା' ପଥରେ ସୁଖଦୁଃଖ ସବୁକୁ ସାଥୀରେ ନେଇ । କ'ଣ ଏମିତି ହୋଇଗଲା ଯେ ସମସ୍ତେ ପାଲଟିଗଲେ ରକ୍ତମୁଖା ! ଏତେ ହୃଦୟହୀନ କେମିତି ହୋଇପାରେ ମଣିଷ ? ଉଭୟେ ଦୀର୍ଘଶ୍ୱାସ ଛାଡ଼ନ୍ତି । ଧୂଆଁ ଟିକେ ଟାଣିବ କି ବୋଲି ପଚାରି ବିଡ଼ିଖଣ୍ଡେ ବଢ଼ାଇ ଦିଏ ଶ୍ରମିକ । ହେଲେ ଝାଳରେ ବତୁରି ଯାଇଥିବାରୁ ଦିଆସିଲି ଜଳେଇ ପାରେନି । ଧୀବର ତା' ହାତରୁ ନେଇ ଜଳେଇବାର ଉଦ୍ୟମ କରି ଥରକରେ ସଫଳ ହେବାରୁ କହି ପକାଏ - "ଶୁଭାନ୍ ଅଲ୍ଲା... ନିଅ ଜଲଦି ଲଗାଅ ।" ଶ୍ରମିକ ଜଣକ ଏକଥା ଶୁଣି ଭୂତ ଦେଖିଲା ଭଳି ଠାଏ କି ଚମକିପଡ଼େ । ରକ୍ତ ଜମାଟ ବାନ୍ଧିଯାଏ ବିଚରାର । ବିଡ଼ି ଖଣ୍ଡିକ ଓଠରୁ ଖସିପଡ଼େ ତଳକୁ । "ତୁମେ ତା'ହେଲେ... ।" କାଠିରୁ ନିଆଁ ଲିଭିଯାଉଥିବା ବେଳେ ଉଭୟେ ଉଭୟଙ୍କୁ ଭୟାର୍ତ୍ତ ଚକ୍ଷୁରେ ଚାହିଁ ରହିଥାନ୍ତି । "ହଁ ମୁଁ ଜଣେ ମୁସଲମାନ । କ'ଣ ହୋଇଗଲା ସେଇଠୁ ?" ଧୀବର ଦୃଢ଼ କଣ୍ଠରେ ପଚାରେ । ନାଇଁ, କିଛି ନାଇଁଯେ ବୋଲି କହିବା ସହ ସିଏ କାଖରେ ଜାକିଥିବା ପୁଟୁଳିରେ କ'ଣ ରଖିଛି ବୋଲି ପଚାରେ ଶ୍ରମିକ । ପୁଟୁଳିଟି ତା' ଆଡ଼କୁ ବଢ଼େଇଦେଇ ଧୀବର କହେ, "ଛୁଆଙ୍କ ପାଇଁ କପଡ଼ା କିଛି କିଣିଥିଲି । ଆସନ୍ତା କାଲି ଇଦ୍ ବୋଲି ତୁମେ ଜାଣିନ କି ?" ଶ୍ରମିକର ଭୟ କିଛିମାତ୍ରାରେ ହ୍ରାସ ପାଏ । କ'ଣ କରାଯିବ ? ଏଇ ପରିସ୍ଥିତିରେ କାହାରି ଉପରେ ଆଉ ବିଶ୍ୱାସ କରି ହେଉନି ପରା । ଧୀବରର ବିଶ୍ୱାସ ସକାଶେ ଶ୍ରମିକ ଠାକୁରଙ୍କ ରାଣ ଖାଇ କହେ ତା' ପାଖରେ ସେଇ ପିନ୍ଧା ବସ୍ତ୍ର ଛଡ଼ା ଆଉ ଛୁଞ୍ଚିଟିଏ ବି ନାହିଁ । ଦୁହେଁ ଦୁହିଁଙ୍କୁ ଦେଖି ପରଖି ଏଥର ନିଶ୍ଚିନ୍ତ ମନରେ ପାଖାପାଖି ବସି ବିଡ଼ି ଟାଣନ୍ତି । ଏତେସବୁ ହିଂସାର କାରଣ ବିଷୟରେ ଧୀବର ପଚାରିବାରୁ ଶ୍ରମିକ ତାକୁ ବୁଝାଇବାକୁ ଲାଗେ । ବାର୍ତ୍ତାଳାପର ଭଙ୍ଗୀ ବଦଳି ଯାଇଥାଏ । କେହି ଅପରିଚିତ ଦେଖିଲେ ଭାବିବ ଯେମିତି ରକ୍ତ ସମ୍ପର୍କର ଦୁଇଭାଇ ଅଳିଆଗଦା ପାଖରେ ବସି ଆଳାପ ଆଲୋଚନା କରୁଛନ୍ତି । ପ୍ରତିଦିନ ଖବରକାଗଜ ପଢ଼ାରୁ ଶ୍ରମିକ ସେତେବେଳର ପରିସ୍ଥିତି ବିଷୟରେ ଜାଣିଥାଏ । ଏସବୁ ପାଇଁ ମୁସଲିମ୍ ଲିଗ୍ ହିଁ ମୁଖ୍ୟତଃ ଦାୟୀ । ଗୋଟେ ବେକାରିଆ ଲକ୍ଷ୍ୟ ନେଇ ସେମାନେ ଭାଇ ଭାଇ ଭିତରେ ହଣାକଟା ଲଗେଇ ଦେଇଛନ୍ତି । ଦୋ ଅଖରୀ ଶୋଧି ଧୀବର ସେସବୁ କିଛି ବୁଝେନି ବୋଲି କହେ, "ଏଇ ଝଗଡ଼ାରୁ ଆମକୁ କ'ଣ ମିଳିବ ? ଉଭୟ ସମ୍ପ୍ରଦାୟର କିଛି ଲୋକଙ୍କ ମରିବା ଛଡ଼ା ଆଉ କ'ଣ ଅଧିକ ହେବ ? ଆମେ ମରିବା ଓ ଆମ ଛୁଆମାନେ ଦାଣ୍ଡର ଭିକାରୀ ହେବେ । ଏଇୟା ହିଁ ଆମ ଲାଭ । ଦଙ୍ଗାକାରୀମାନେ ଗତବର୍ଷ ମୋ ଭିଣେଇକୁ ମାରିଦେଲେ । ବିଧବା ଭଉଣୀ ଓ ଭଣଜାଭାଣିଜୀର ଦାୟିତ୍ୱ ଏଥର ମୋ ମୁଣ୍ଡ ଉପରେ । ନେତାମାନେ ତ ତାଙ୍କ ସାତମହଲିଆ କୋଠାରେ ଶୋଇ ଆରାମରେ ଘୁଙ୍ଗୁଡ଼ି ମାରୁଛନ୍ତି । ସେମାନେ ଲଗେଇ ଦେଇଥିବା ନିଆଁ ଜାଳୁଛି ଆମ ଘରଦ୍ୱାର ସର୍ବସ୍ୱ । ଆମେ ଭୋଗୁଛୁ ତା'ର ଫଳାଫଳ । ଆମେ ଶଳା କୁକୁର ପାଲଟି ଯାଇଛୁ ହୋ । ନିଜ ନିଜ ଭିତରେ ଚଲେଇଛୁ ଆମ୍ପୁଡ଼ା କାମୁଡ଼ା । ଦଙ୍ଗା ପରେ କେହି ଜଣେ ହେଲେ ନେତା ସାଧାରଣ ଲୋକଙ୍କ ଖୋଜ ଖବର ନେବାକୁ ଆସନ୍ତିନି । ଜାଣିଛ, ବାଦାମତଳି ଘାଟରେ ସେମାନେ ମୋ ଡଙ୍ଗା ଭାଙ୍ଗି ବୁଡ଼େଇ ଦେଇଛନ୍ତି । ସେଥିରୁ ଦୁଇ ପଇସା ରୋଜଗାର କରି ମୋ କୁଟୁମ୍ବ ପୋଷୁଥିଲି ମୁଁ ।"

ଏତିକିବେଳକୁ କିଛି ଭାରି ବୁଟ୍‌ର ଶବ୍ଦ ଶୁଭେ । ମିଲିଟାରୀ ବାଲେ ବୋଧେ ତାଙ୍କ ଆଡ଼କୁ ଆସୁଛନ୍ତି । ଭୟରେ ଉଭୟେ ଦେଖାଦେଖି ହୁଅନ୍ତି । ଧୀବର ତା' ଲୁଗା ପୁଟୁଳିକୁ କାଖରେ ଚାପିଧରି ପଚାରେ ଏବେ କ'ଣ କରାଯିବ ବୋଲି । ଏଠୁ ସେମାନେ ଖସିଯିବା ଭଲ । ହେଲେ କୁଆଡ଼େ ଯିବେ ଯେ ? ଶ୍ରମିକ ଜଣକ ସହରର ଗଳିକନ୍ଦି ସହ ଆଦୌ ପରିଚିତ ନୁହେଁ । ଧୀବର ଦକ୍ଷିଣ ଦିଗରେ ଥିବା ଗଳି ଭିତର ଦେଇ ଚାଲିଯିବାର ପ୍ରସ୍ତାବ ରଖେ । ସେପଟେ ଗଲେ ସେମାନେ ବାଦାମତଳି ଘାଟ ପାଖରେ ପହଞ୍ଚିପାରିବେ । ଲୁଚି ଛପି ସେଇ ଦକ୍ଷିଣ ଦିଗରେ ଥିବା ଗଳି ବାଟେ ଯାଇ ପତୁଆତୁଲି ରାସ୍ତାରେ ପହଞ୍ଚନ୍ତି । ବତୀଖୁଣ୍ଟର ଆଲୋକରେ ସମଗ୍ର ରାସ୍ତା ଆଲୋକିତ । କିଏ କୋଉଠି ତାଙ୍କୁ ଦେଖୁଛି କି ? ଏପଟ ସେପଟ ଟିକେ ନିଘା କରି ପୁଣି ସେମାନେ ପଶ୍ଚିମ ଦିଗକୁ ମୁହାଁନ୍ତି । ପଛପଟୁ ଘୋଡ଼ାର ଟାପୁଶବ୍ଦ ଶୁଣି ଦୁହେଁ ଗୋଟେ ବୁଦା ଆଢୁଆଳରେ ଛପି ଯାଆନ୍ତି । ଇଂରେଜ ବନ୍ଧୁକଧାରୀ ସୈନିକଟିଏ ଘୋଡ଼ା ଝପଟାଇ ଆଗକୁ ଚାଲିଯାଏ । ସେ ଚାଲିଯିବାରୁ ଏମାନଙ୍କ ପିଣ୍ଡରେ ପ୍ରାଣ ପଶେ । ସେମାନେ ପୁଣି ଆଗକୁ ଧାଇଁବାକୁ ଲାଗନ୍ତି । ହଠାତ୍ କିଛି ଦେଖି ଧୀବରର ଅଟକିବାକୁ ଆଦେଶ । ଗୋଟେ ପାନଗୁମୁଟି ପଛକୁ ଟାଣିନିଏ ଶ୍ରମିକକୁ । ପ୍ରାୟ ଶହେଗଜ ଦୂରରେ ପୋଲିସ ମାନେ ଠିଆ ହୋଇଥାନ୍ତି । ସମସ୍ତଙ୍କ ହାତରେ ଥାଏ ବନ୍ଧୁକ । ଜଣେ ଅଫିସର ଚୁରୁଟ୍ ପାଟିରେ ଧରି ଧୂଆଁ ଟାଣି ଟାଣି ହାତ ହଲାଇ କିଛି ନିର୍ଦ୍ଦେଶ ଦେଉଥାନ୍ତି ସେମାନଙ୍କୁ । ସେଇଟା ଇସ୍‌ଲାମ୍‌ପୁର ପୋଲିସଷ୍ଟେସନ । ତାକୁ ପାର ହୋଇ ବାଁ ହାତି ଗଲେ ସେମାନେ ବାଦାମତଳି ଘାଟରେ ପହଞ୍ଚିପାରିବେ ବୋଲି ଧୀବର ଚୁପି ଚୁପି କହେ । ଥାନା ପାରି ହୋଇ ଯିବାକଥା ଶୁଣି ଶ୍ରମିକ ଖୁବ୍ ଡରିଯାଏ । ତା' ପିଠି ଥାପୁଡ଼ି ଭୟ ଦୂର କରିବା ଉଦ୍ଦେଶ୍ୟରେ ଧୀବର କହେ, "ତୁମେ ଆଗକୁ ନଯାଇ ଏଇଠି ରହିଯାଅ ଭାଇ । ଏଇଟା ହିନ୍ଦୁଙ୍କ ଇଲାକା । ଆଉ ଇସ୍‌ଲାମ୍‌ପୁର ମୁସଲମାନଙ୍କର । ଏଇଠି ରାତିଟା କଟେଇ ଦେଇ ସକାଳକୁ ତୁମେ ଆରାମରେ ଘରକୁ ଯାଇ ପାରିବ ।" "ଆଉ ତୁମେ ?" ଶ୍ରମିକ ପଚାରେ । "ମୋତେ ଯିବାକୁ ପଡ଼ିବ ।" ଧୀବର କହୁଥାଏ, "ମୁଁ ରହି ପାରିବିନି ଭାଇ । ସପ୍ତାହେ ହେଲା ଘରର ଖବର ଅନ୍ତର କିଛି ବି ଜାଣେନି । ସେମାନଙ୍କର କ'ଣ ଯେ ହୋଇଥିବ ତାହା ଆଲ୍ଲାଙ୍କୁ ହିଁ ଜଣା । କୌଣସି ପ୍ରକାରେ ସେଇ ଗଳିମୁହଁ ପର୍ଯ୍ୟନ୍ତ ପହଞ୍ଚିଗଲେ ଆଉ କିଛି ଅସୁବିଧା ନାହିଁ । ଡଙ୍ଗା ନପାଇଲେ ବୁଢ଼ୀଗଙ୍ଗା ପହଁରିକି ପାର ହୋଇଯିବି ।" ଧୀବର କାନ୍ଧକୁ ଚାପିଧରି ଥରୁଥିବା କଣ୍ଠରେ ଶ୍ରମିକ କହୁଥାଏ, "ପାଗଳ ହେଲକି ମିଆଁ ? ସେଇ ଗଳିମୁହଁ ଯାଏ ଯିବ କେମିତି ? ପୋଲିସ ଜଗିଛନ୍ତି ପରା ହାତରେ ବନ୍ଧୁକ ଧରି ।" ଧୀବର ବୁଝାଇବା ଢଙ୍ଗରେ କହେ, "ମୋତେ ଯେମିତି ହେଲେ ଯିବାକୁ ହେବ । ରାତି ପାହିଲେ ପରା ଇଦ୍ । ଆଜି ସନ୍ଧ୍ୟାରେ ଛୁଆମାନେ ନିଶ୍ଚିତ ଜହ୍ନ ଦେଖିଥିବେ । ଚାତକସମ ଚାହିଁ ରହିଥିବେ ମୋ ଫେରିବା ବାଟକୁ । ମୋ କାନ୍ଧଉପରକୁ ଚଢ଼ିବାର, ନୂଆ ପୋଷାକ ପିନ୍ଧିବାର କେତେ ସ୍ୱପ୍ନ ଢେଉ ଖେଳୁଥିବ ତାଙ୍କ ଆଖିରେ । ବିବି ଭିତରେ ଭିତରେ ଲୁହ ଗଡ଼ାଉଥିବ । ମୋତେ ମୋ ଘର ତଥା ପରିବାର ହାତଠାରି ଡାକୁଛିରେ ଭାଇ । ମୁଁ ଆଉ ଏଠି ରହି ପାରିବିନି ।" ଆଗକୁ ଆଉ କିଛିବି ସେ କହି ପାରେନି । କୋହ ରୁନ୍ଧି ପକାଏ ତା ଛାତି । ଶ୍ରମିକ ବିକଳ ହୋଇ ପଚାରେ, "ଆଉ ଯଦି ପୋଲିସବାଲେ ତୁମକୁ ଦେଖି ପକାନ୍ତି.... ?" ଧୀବର ମୁଣ୍ଡ ହଲାଇ କହୁଥାଏ, "ନା, ତୁମେ ଚିନ୍ତା କରନି । ସେମାନେ ଦେଖି ପାରିବେନି । ତୁମେ କିନ୍ତୁ ମୋତେ କଥାଦିଅ, ଏଠୁ ଆଗକୁ ବଢ଼ିବନି । ଏଇଠି ଅପେକ୍ଷା କରିବ ରାତି ପାହିବା ଯାଏ । ବିଦାୟ ଭାଇ । ଏଇ ରାତି ସାରା ଜୀବନ ମନେ ରହିବ । ବିଧାତା ଚାହିଁଲେ ପୁଣି କେବେ ଭେଟ ହେବା । ଆଦାବ୍ ।" ଶ୍ରମିକ ଆଖିରୁ ଲୁହ ପୋଛି, ସେ ମଧ୍ୟ ତାକୁ କେବେ ଭୁଲି ପାରିବନି ବୋଲି କହିବା ସହ ଦଣ୍ଡେ ଅଟକି କହେ ଆଦାବ୍ ।

ଧୀବର ସନ୍ତର୍ପଣରେ ଆଗେଇଯାଏ ଗଳିମୁହଁ ଆଡ଼କୁ । ଧଡ୍ ଧଡ୍ ଛାତିରେ ଶ୍ରମିକ ହାତଯୋଡ଼ି ଠାକୁରଙ୍କୁ ପ୍ରାର୍ଥନା କରୁଥାଏ । ଅଳି କରୁଥାଏ ତା' ବନ୍ଧୁଙ୍କୁ ସୁରକ୍ଷିତ ଘରେ ପହଞ୍ଚାଇ ଦେବାକୁ । ଆଖି ଆଗରେ ଭାସି ଯାଉଥାଏ ବନ୍ଧୁ ତାଙ୍କ ଘରେ ପହଞ୍ଚିବା ପରର ଦୃଶ୍ୟ । ପିଲାଙ୍କ ଖୁସି ଓ ପତ୍ନୀଙ୍କ ହସ ହସ ମୁହଁ .... । ଏତେବେଳକୁ ଉଚ୍ଚ ସ୍ୱରରେ ପୋଲିସ୍‌ର କଠୋର ଆଦେଶ ଶୁଭେ । "କିଏ ସେଇଠି ? ରହିଯାଅ କହୁଛି ।" ଶ୍ରମିକର ହୃତ୍‌ସ୍ପନ୍ଦନ ଅଟକିଯାଏ । କିଛି ପୋଲିସ୍ ସେଇ ଗଳିମୁହଁ ଆଡ଼େ ଧାଆଁନ୍ତି । ସ୍ପଷ୍ଟ ଶୁଭୁଥାଏ ପୋଲିସ୍‌ର ଭାରି ବୁଟ୍‌ର ଶବ୍ଦ । ତା'ପରେ ଗୁଳି ଫୁଟେ । ଶ୍ରମିକ ଜଣକ ସ୍ଥାଣୁ ପାଲଟି ପାନ ଗୁମୁଟି କଡ଼କୁ ବସିପଡ଼େ । କଳ୍ପନା ଚକ୍ଷୁରେ ତାକୁ ଦୃଷ୍ଟିଗୋଚର ହେଉଥାଏ ଧୀବରର ଛାତିରୁ ଧାର ଧାର ରକ୍ତ ଝରି କାଖରେ ଚାପିଥିବା ପୁଟୁଳିକୁ ଭିଜାଉଥିବାର ଦୃଶ୍ୟ । ସେଥିରେ ତା ଛୁଆଙ୍କ ପାଇଁ ନୂଆ ପୋଷାକପତ୍ର ଅଛି । ଶାଢ଼ିଟିଏ ଅଛି ପତ୍ନୀଙ୍କ ପାଇଁ । ତା' କାନରେ ଶୁଭି ଯାଉଥାଏ ଧୀବରର ଶେଷକଥା - ମୁଁ ଯାଇ ପାରିଲିନି ଭାଇ । ସେମାନେ ମୋତେ ଯିବାକୁ ଦେଲେନି । ମୋ ବିବି ଓ ଛୁଆଙ୍କୁ ଆସନ୍ତା କାଲିର ପର୍ବ ଆଖିଲୁହ ସହ ପାଳିବାକୁ ପଡ଼ିବ । (ସମାପ୍ତ)


ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୪ ଜାନୁଆରୀ, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଆଉଜା କବାଟ (୨୫)



# କଥା ସମ୍ରାଟ୍‌ଙ୍କ ଚିତ୍ର ଓ ଚିରିତ୍ର

ଡ. ରାଧାରଂଜନ ପଟ୍ଟନାୟକ

ମାଟିର ମଣିଷ କଥାସମ୍ରାଟ୍ ଫକୀରମୋହନ ଅବକ୍ଷୟୀ ଅଭିଜାତର ଖଣ୍ଡିତବିଳାସ ସାରସ୍ୱତ ଚେତନାର ଉର୍ଦ୍ଧ୍ୱରେ ରହି ଆଧୁନିକ କଥା ସାହିତ୍ୟର ପ୍ରାଣ ପ୍ରତିଷ୍ଠା କରିଥିବା ଜଣେ ମହାନାୟକ। ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଏବଂ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଆ ଭାଷା ସାହିତ୍ୟର କଣ୍ଠରୋଧ ଉଦ୍ଦେଶ୍ୟରେ ଯେଉଁ ହୀନ ଚକ୍ରାନ୍ତ ଚାଲିଥିଲା, ତା'ର ପ୍ରତିରୋଧ ପାଇଁ ଅଣ୍ଟା ଭିଡ଼ିଥିବା ଫକୀର ମୋହନଙ୍କ ବଳିଷ୍ଠ ନେତୃତ୍ୱ ସମ୍ପ୍ରତି ଆମର ମାତୃଭାଷାକୁ ଏକ ସମ୍ମାନଜନକ ଆସନ ପ୍ରଦାନ କରିଛି।

> ଫକୀର ମୋହନ ଥିଲେ ଜୀବନ ଜୀଜ୍ଞାସୁ। ବାସ୍ତବରେ ବଳିଷ୍ଠ ରୂପକାର। ଜୀବନକୁ ଜାଣିବା କ୍ରମରେ ସେ ସମୟ ଏବଂ ସମାଜକୁ ଖୁବ୍ ନିବିଡ଼ତାର ସହ ବିଶ୍ଳେଷଣ କରିଛନ୍ତି। ମାନବିକାତକୁ ବଳିଦେଇ ସମାଜର ମଣିଷ ଯେଉଁଠି ପଥଭ୍ରଷ୍ଟ ହେବାକୁ ବସିଛି, ସେଠାରେ ସେ ନିର୍ମମ ଚାବୁକ ପ୍ରହାର କରିଛନ୍ତି।

୧୮୪୩ ମସିହା ଜାନୁଆରୀ ୧୪ ତାରିଖ ବାଲେଶ୍ୱର ସହରସ୍ଥିତ ମଲ୍ଲିକାଶପୁର ବାସିନ୍ଦା ଲକ୍ଷ୍ମଣ ଚରଣ ସେନାପତିଙ୍କ ଔରସ ଏବଂ ତୁଳସୀ ଦେବୀଙ୍କ ଗର୍ଭରୁ ଭୂମିଷ୍ଠ ହୋଇଥିବା ସେ ଦିନର ବ୍ରଜମୋହନ ପ୍ରତ୍ୟେକଙ୍କ ମନରେ ଆନନ୍ଦର ଲହରୀ ଖେଳାଇ ଦେଇଥିଲେ। ମାତ୍ର ନିୟତିର କ୍ରୁର ଅଟ୍ଟହାସ୍ୟରେ ତାସ୍ ଘର ପରି ସେନାପତିଙ୍କ ପରିବାରରେ ଘୋଟିଆସିଛି ଅଦିନିଆ ଝଡ଼। ଲକ୍ଷ୍ମଣ ଚରଣ ସେନାପତି ଜଗନ୍ନାଥଙ୍କ ରଥଯାତ୍ରା ଦର୍ଶନ ନିମିତ୍ତ ପୁରୀ ଯାଇ ପ୍ରତ୍ୟାବର୍ତ୍ତନ ସମୟରେ ହଇଜା ରୋଗରେ ଆକ୍ରାନ୍ତ ହୋଇ ବିନ୍ଦୁ ସାଗରର ପାହଚ ଉପରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ନିଜ ସ୍ୱାମୀଙ୍କର ମୃତ୍ୟୁ ଜନିତ ଆଘାତରେ ସଦ୍ୟ ବୈଧବ୍ୟ ଯନ୍ତ୍ରଣା ଭୋଗୁଥିବା ତୁଳସୀ ଦେବୀ ଦୁଃଖରେ ମ୍ରିୟମାଣ ଏବଂ ବ୍ୟାଧିଗ୍ରସ୍ତା ହୋଇ ଶେଷରେ ସବୁଦିନ ପାଇଁ ଆଖି ବନ୍ଦ କରି ଦେଇଛନ୍ତି।

ବାପା-ମାଆ ଛେଉଣ୍ଡ ମାତ୍ର ଦୁଇବର୍ଷର ଶିଶୁ ବ୍ରଜମୋହନକୁ କୋଳେଇ ନେଇଛନ୍ତି ଆପଣାର ଜେଜୀମା' କୁଚିଳା ଦେବୀ। ଶିଶୁପୁତ୍ରର ଦୀର୍ଘ ଜୀବନ କାମନା କରି ପୀରଙ୍କ ପାଖରେ ପିଲାଟିକୁ ଉତ୍ସର୍ଗ କରିଦେଇଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଫକୀରମୋହନ ନାମରେ ପରିଚିତ ହୋଇଛନ୍ତି। ଗାଁ ଚାଟଶାଳୀରୁ ସ୍ୱଳ୍ପ ଶିକ୍ଷା ଲାଭ କରିଥିବା ଫକୀରମୋହନ ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ଜନକର ସ୍ୱୀକୃତି ଲାଭ କରିଛନ୍ତି।

ଫକୀରମୋହନ ଶିକ୍ଷକତା ଏବଂ ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ଦେୱାନ ପଦରେ ରହି ଯେଉଁ ନୂତନ ଦୃଷ୍ଟିକୋଣର ପରିଚୟ ପ୍ରଦାନ କରିଛନ୍ତି, ତାହା ଅଧୁନାତନ ସାରସ୍ୱତ ସାଧନମାନଙ୍କୁ ବେଶ୍ ଖୋରାକ୍ ଯୋଗାଇ ଆସୁଛି। ବିଳାସୀ ସାହିତ୍ୟ ଦରବାରରେ ବହୁ ଦୂରରେ ରହି ଧୂଳି ଧୂସରିତ ମଣିଷମାନଙ୍କ ସହିତ ନିଜକୁ ଅଙ୍ଗୀଭୂତ କରି ମାଟିର ମଣିଷମାନଙ୍କ ସହ କଥା ହୋଇଛନ୍ତି। 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପରେ ଭଦ୍ରଖିଆ ଟୋକା ଓ ଚାକର ମକରାଠାରୁ ଆରମ୍ଭ କରି 'ଗାରୁଡ଼ି ମନ୍ତ୍ର'ରେ ପଦୀ ଓ ଶୁକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ଫକୀର ମୋହନଙ୍କ ସାହିତ୍ୟ ପରିଧିରେ ଘୂରିବୁଲିଛନ୍ତି। କେବଳ ସେତିକି ନୁହେଁ, ଫକୀର ମୋହନଙ୍କ ଆଖି ଦେଖିଛି - "ଅସୁର ଦୀଘି ଏକ ସାଧାରଣ ଦୃଶ୍ୟ - ଦୀଘିରେ କଇଁ ଫୁଟିଛି ଠିକ୍ ହିନ୍ଦୁ ଘରର ଭୁଆଷୁଣୀମାନଙ୍କ ପରି। ରାତିରେ ତୁନିତୁନି ଫୁଟନ୍ତି ଦିନବେଳେ ଢ଼ାଙ୍କିତୁଙ୍କି ରହନ୍ତି। କେତେକ ସୁନ୍ଦରୀ ମୁହଁର ସୌନ୍ଦର୍ଯ୍ୟ ବଢ଼ାଇବା ନିମନ୍ତେ ପଣନ୍ତ କାନିରେ ମୁହଁ ରଗଡ଼ୁଛନ୍ତି। ବିମଳି ଅପଣା ହାତରେ ବାଇଶି ପଳିଆ ପିତଳ ବାହିବଳା ଅଧବୋଝ ବାଲି ପକାଇ ମର୍ଦ୍ଦନ କରିବା ସହ ଅଜ୍ଞାତନାମା ଲୋକ ଉଦ୍ଦେଶ୍ୟରେ ଅଭିଧାନ ବର୍ହିଭୂତ ଶବ୍ଦ ପ୍ରୟୋଗ ପୂର୍ବକ ଏକ ଦୀର୍ଘ ବକ୍ତୃତା ଦେଉଛି।"

ଫକୀର ମୋହନ ଥିଲେ ଜୀବନ ଜୀଜ୍ଞାସୁ। ବାସ୍ତବରେ ବଳିଷ୍ଠ ରୂପକାର। ଜୀବନକୁ ଜାଣିବା କ୍ରମରେ ସେ ସମୟ ଏବଂ ସମାଜକୁ ଖୁବ୍ ନିବିଡ଼ତାର ସହ ବିଶ୍ଳେଷଣ କରିଛନ୍ତି। ମାନବିକାତକୁ ବଳିଦେଇ ସମାଜର ମଣିଷ ଯେଉଁଠି ପଥଭ୍ରଷ୍ଟ ହେବାକୁ ବସିଛି, ସେଠାରେ ସେ ନିର୍ମମ ଚାବୁକ ପ୍ରହାର କରିଛନ୍ତି। ଚନ୍ଦ୍ରମଣି ପଟ୍ଟନାୟକ କିମ୍ବା ରାଘବ ମହାନ୍ତିଙ୍କୁ ସେ ଫିଙ୍ଗିଦେଇ ନାହାନ୍ତି। କଥାଶିଳ୍ପୀ ଏତାଦୃଶ କକ୍ଷଚ୍ୟୁତ ମାନବ ମାନବମାନଙ୍କୁ ଆଧୁନିକତାର ରୁଚି ବନ୍ୟାରେ ଭାସୁଥିବା ଅବସ୍ଥାରେ ଦେଖିଛନ୍ତି।

ଫକୀର ମୋହନଙ୍କ ଆଖି ସାମ୍ନାରେ ସାହିତ୍ୟର ସମସ୍ତ ଉପାଦାନ ମାଟିର ମହକୁମା ଭିତରେ ହିଁ ପୂରି ରହିଛି। ଏଥିପାଇଁ ତାଙ୍କୁ ଉଦ୍ଧାର କରା ଚରିତ୍ରର ଆଶ୍ରୟ ନେବାକୁ ପଡ଼ିନାହିଁ। ଗାଁ ମାଟିର ଚିତ୍ର-ଚରିତ୍ର ଏବଂ ଲୋକ ମୁଖର ପ୍ରତିଟି ଉଚ୍ଚାରଣ ଶବ୍ଦକୁ ସେ ବାନ୍ଧି ରଖିଛନ୍ତି ତାଙ୍କର ପ୍ରତିଟି ସୃଜନ କଳାକର୍ମରେ ଦାଣ୍ଡର କଥା ଓ ତୁଣ୍ଡର ଭାଷା ହିଁ ଫକୀର ମୋହନଙ୍କ କଥା ସାହିତ୍ୟର ବୈଶିଷ୍ଟ୍ୟ। ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ଆମ ମାତୃଭାଷାର ରକ୍ଷକ ଭାବେ ଏଯାବତ୍ ପ୍ରତ୍ୟେକ ପ୍ରାଣକୁ ଭାବୋତ୍କୃଷ୍ଟ କରିଛି।

ବାଘସିଂହ ବା ପ୍ରତାପୀ ଉଦିତ ମଲ୍ଲରାୟ କିମ୍ବା ବାଦଲ ସିଂହ, ଲଛମା ପ୍ରଭୃତିଙ୍କ ବ୍ୟକ୍ତିତ୍ୱ ଉପସ୍ଥାପନରେ ହେଉ କିମ୍ବା ରକ୍ତକ୍ଷରା ଜୀବନ କାହାଣୀ ହେଉ ସବୁଥିରେ ଫକୀର ମୋହନଙ୍କ ସୃଜନ କଳାର ସଫଳତାକୁ କେହି ଅସ୍ୱୀକାର କରି ପାରିବେ ନାହିଁ। ପ୍ରତିଟି ଚରିତ୍ରମାନଙ୍କ ଅନ୍ତରକୁ ଭେଦ କରିଛି ଫକୀର ମୋହନଙ୍କ ତିର୍ଯ୍ୟକ୍ ଦୃଷ୍ଟି। କି ସାମନ୍ତ କି ସେବକ। କେହି ବାଦ୍ ପଡ଼ି ନାହାନ୍ତି ଏଥିରୁ। ତାଙ୍କ ଦ୍ୱାରା ସୃଷ୍ଟ ମୁଖ୍ୟ ଏବଂ ଗୌଣ ଚରିତ୍ର ନିଜସ୍ୱ ବ୍ୟକ୍ତି ସତ୍ତାରେ ଶକ୍ତିଶାଳୀ ହୋଇଉଠିଛନ୍ତି। କେହି ଅର୍ବାଚିନ ନୁହଁନ୍ତି। ସମସ୍ତେ ପାଠକମାନଙ୍କ ଚେତନାରେ ସ୍ମରଣୀୟ ହୋଇ ରହିଛନ୍ତି।

ମଙ୍ଗରାଜ ବା ନାଜର ନଟବର ଦାସଙ୍କ ପରି ଗୋବିନ୍ଦା ଭଣ୍ଡାରୀ କିମ୍ବା ଚିତ୍ରା, ନାକଫୋଡ଼ି ମା' ପ୍ରତ୍ୟେକ ଜଣେଜେଣ ଅଭୁଲା ଚରିତ୍ର। ନାରୀ, ପୁରୁଷ ଯେ କେହି ହୁଅନ୍ତୁ ନା କାହିଁକି ସେମାନଙ୍କ ଚରିତ୍ରକୁ ତର୍ଜମା କରି ତହିଁରେ ଆପଣାର ବିଚାର ବିଶ୍ଳେଷଣକୁ ବିନିଯୋଗ କରିଛନ୍ତି କଥାକାର। ନାରୀକୁ ମାନବୀ-ଦାନବୀ ଓ ଦେବୀ ରୂପରେ ସେ ଦେଖିଛନ୍ତି। ଜଣେ ସଫଳ ଚରିତ୍ରକାର ଭାବରେ ବହୁଭିନ୍ନ ଚରିତ୍ରମାନଙ୍କ ସହ ସାମ୍ନା କରିଛନ୍ତି। କେଉଁଠି ଦେବାତାର ସ୍ୱର୍ଶ ତ ପୁଣି କେଉଁଠି ରାକ୍ଷସର ଅରୋପ। ଆମ ଭିତରୁ ଫକୀର ମୋହନଙ୍କୁ କେହି ଦେଖି ନଥିବେ। ମାତ୍ର କଲମର ନିଷ୍ଠୁର ସତ୍ୟ କାହାଣୀର କ୍ରମକୁ ସଭିଏଁ ଅନୁଭବ କରିପାରୁଥିବେ।

ଫକୀରମୋହନଙ୍କ ଆଖି ଯେମିତି କଥା କହୁଛି, ସେ 'ରେବତୀ' ହେଉ କିମ୍ବା 'ରାଣ୍ଡିପୁଅ ଅନନ୍ତା' ସମସ୍ତଙ୍କ ଉପରେ ନଜର ତାଙ୍କର। ଗାଁ ମାଟିର ମହମହ ବାସ୍ନାରେ ମହକି ଉଠୁଥିବା ଘରଅଗଣା ଭିତରୁ ଦୁଶି ଯାଉଛିଥିବା ଫକୀର ମୋହନୀୟ ସାହିତ୍ୟ ଆଜିବି କାଳଜୟୀ ହୋଇପାରିଛି। ଏଥିପାଇଁ ହିନ୍ଦୀ ସାହିତ୍ୟର ପ୍ରେମଚନ୍ଦ ଏବଂ ଋଷ୍ ସାହିତ୍ୟର ଟଲଷ୍ଟୟଙ୍କ ପରି ଫକୀରମୋହନଙ୍କୁ ଜାତୀୟ କଥାକାର କହିଲେ କିଛି ଭୁଲ ହେବନାହିଁ। ଅପର ପକ୍ଷରେ 'ଛ'ମାଣ୍ ଆଠଗୁଣ୍ଠ' ଉପନ୍ୟାସ ସାହିତ୍ୟ କ୍ଷେତ୍ରରେ ନୋବେଲ ପୁରସ୍କାର ଦାବି କରିବା ଭଳି ସର୍ବୋତ୍କୃଷ୍ଟ କଳାକର୍ମ ହୋଇଥିଲା ବେଳେ ଆଜିବି ଫକୀର ମୋହନଙ୍କୁ ବିଶ୍ୱ ସାହିତ୍ୟ ଦରବାରରେ ଉଚିତ ଆସନ ମିଳିନାହିଁ। ଫକୀର ମୋହନଙ୍କ ଜନ୍ମର ପ୍ରାୟତଃ ୧୭୭ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା ପିନ୍ଧି ପାରିଲେ ନାହିଁ ଯୁଗସ୍ରଷ୍ଟାର ମୁକୁଟ। ଏହାଠାରୁ ବଳି ବିଡ଼ମ୍ବନା କ'ଣ ଥାଇପାରେ!

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୧୮୦



# ॥ ପୁଣ୍ୟର ବ୍ୟାଙ୍କ୍ (ଭାବୀ ଡାକ୍ତର ସିଦ୍ଧାର୍ଥ) ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆଶାର ଉଜ୍ଜ୍ୱଳ ଆଲୋକ ଜୀବନରେ ଏକ ସୁନ୍ଦର ରାସ୍ତା ଦେଖାଇ ଦିଏ, ଯେଉଁଠି ନିଷ୍ଠା, ଆଗ୍ରହ ଓ ସାଧନା ସହ ଉତ୍ତରୋତ୍ତର ଉନ୍ନତି କରିବାର ନିଶା ଥାଏ, ଏବଂ ଠିକ୍ ସେଇଠି ନିଷ୍ଚୟ ପ୍ରଭୁ ବିଜୟର ଉଚ୍ଚତମ ଶିଖରକୁ ଆରୋହଣ କରିବାକୁ ରାସ୍ତାଟିଏ ଦେଖାଇ ଦିଅନ୍ତି । ଆମର ଅଖଣ୍ଡ ଅଧ୍ୟବସାୟ ଓ ପରିଶ୍ରମର ଫଳ ପୁଅ ସିଦ୍ଧାର୍ଥକୁ ମିଳିଥିଲା- ତା'ର ଆଇ.ସି.ଏସ୍. ସି ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ ଖୁବ୍ ଭଲ ନମ୍ବର ରଖି ପାଶ୍ କରିଥିଲା । ଶୂନ୍ୟସ୍ଥାନକୁ କେଉଁଥିରେ ପୂରଣ କରିହୁଏ, ଅକ୍ଷରରେ, ଶବ୍ଦରେ, ନାଁ ବାକ୍ୟରେ ନାଁ, କେଉଁ ଅନନ୍ୟ ଅଂକର ଅକ୍ଷାଂଶରେ ? ମଣିଷ ଜୀବନର ସବୁ ଶୂନ୍ୟ ସ୍ଥାନକୁ କାଳେ ସେଇ ଅପ୍ରମେୟ ଜଗତର ନାଥ ଜଗନ୍ନାଥ ପୂରଣ କରିଦିଅନ୍ତି, କିନ୍ତୁ ବେଳେବେଳେ ସେ ଶୂନ୍ୟସ୍ଥାନ ପୂରଣ ହୋଇଯାଏ ତ, ଆଉ କେତେବେଳେ ହୋଇଯାଏ ଅପୂରଣୀୟ ।

ସେ ଭଲ ମାର୍କ ରଖିଥିବାରୁ ରେଭେନ୍ସା କଲେଜରେ ବିଜ୍ଞାନରେ ଆଡ଼ମିଶନ୍ ନେଲା । ଦୁଇଟି ବର୍ଷ ତା ପାଇଁ ଥିଲା କଠିନ ଅଧ୍ୟବସାୟର ବର୍ଷ । ଠାକୁରଙ୍କ କୃପାରୁ ସେ ପ୍ଲସ୍ ଟୁ ମଧ୍ୟ ହାଇଅର୍ ଫାଷ୍ଟ ଡିଭିଜନ୍‌ରେ ପାଶ୍ କରିଥିଲା । ତେବେ ଆଶ୍ଚର୍ଯ୍ୟ ଜନକ ଭାବେ ତା' ବେଳକୁ ମେଡ଼ିକାଲ ଓ ଇଂଜିନିୟରିଂ ପାଇଁ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା ଆରମ୍ଭ ହୋଇ ଯାଇଥିଲା । ପ୍ଲସ୍ ଟୁ ପରୀକ୍ଷା ପରେ ସେ ମାତ୍ର ମାସକ ପାଇଁ 'ସଚ୍ଚଦେବା ମେଡ଼ିକାଲ୍ କୋଚିଂ ସେଣ୍ଟର୍"ରେ ପଢ଼ିଥିଲା । ସେ ଓ ତା'ର ସାଙ୍ଗ ମୈନାକ୍, ଜନ୍ ଓ ନାଇନାନ୍ ଏକାଠି ପଢୁଥିଲେ । ଏକା ସାଙ୍ଗରେ ଏମ୍ସ୍, ଅଲ୍‌ଇଣ୍ଡିଆ, ଏ.ଏଫ୍.ସି. ପୁନେ ମେଡ଼ିକାଲ କଲେଜରେ ଏଣ୍ଟ୍ରାନ୍ସ ଟେଷ୍ଟ୍ ପାଇଁ ସେମାନଙ୍କୁ ପରୀକ୍ଷା ଦେବାକୁ ପଡ଼ିଥିଲା । ଏ.ଏଫ.ସି. ପାଇଁ ଏଣ୍ଟ୍ରାନ୍ସ ଟେଷ୍ଟ ଥିଲା ଚିଲିକାରେ । ତା' ସବୁ ସାଙ୍ଗମାନଙ୍କର ବାପା ମା' ମାନେ ଗୋଟିଏ ଦିନ ଆଗରୁ ଯାଇ ଚିଲିକାରେ ହୋଟେଲ୍ ବା' ଗେଷ୍ଟହାଉସ୍‌ରେ ରହି ବୁଲାବୁଲି କରି ଚିଲିକାର ଅବର୍ଣ୍ଣନୀୟ ଦୃଶ୍ୟଦେଖି ତା' ପରଦିନ ଏଣ୍ଟ୍ରାନ୍ସ ଦେଇ ଫେରୁଥିଲେ । କିନ୍ତୁ ସିଦ୍ଧାର୍ଥ ପାଇଁ ପରୀକ୍ଷା ଦିନ ସକାଳୁ ଡଃ ରମାରମଣ ନିଜେ ଡ୍ରାଇଭିଂ କରି ଗାଡ଼ିରେ ନେଇ ଯିବାକୁ ପ୍ରସ୍ତୁତ ହେଲେ । ସେ ମନଦୁଃଖରେ ପଚାରିଲା - "ମା' ମୋ ସାଙ୍ଗମାନଙ୍କର ବାପା ମା' ମାନେ ଏତେ ଖୁସିରେ ପରୀକ୍ଷା ଆଗଦିନରୁ ସେଠିକି ଯାଇ ବୁଲାବୁଲି କରି ଖୁସିରେ ପରୀକ୍ଷା ଦେଉଛନ୍ତି । ମା' ତୁମେ କେବେ କାହିଁକି ଆମ ପାଇଁ ଟିକେ ଫ୍ରି ହୋଇ ପାରୁନାହଁ ?" ମୁଁ ତାକୁ ବୁଝାଇ କହିଲି "ବାପାରେ ଦୁଇଟି ଅମୂଲ୍ୟ ଜୀବନର ବୋଝ ମୋ ମୁଣ୍ଡ ଉପରେ ସବୁବେଳେ ରହିଥାଏ, କେମିତି ଯାଇ ପାରିବି ? ଠାକୁର କେତେ ଜଣଙ୍କୁ କେବଳ ସେବା କରିବା ପାଇଁ ହିଁ ଏ ଦୁନିଆଁକୁ ପଠାଇଥା'ନ୍ତି । ଆମର ସୌଭାଗ୍ୟ ପ୍ରଭୁ ଆମକୁ ଏଇ ଜନ୍ମରେ ସେ ଭାଗ୍ୟ ଦେଇଛନ୍ତି । ଡାକ୍ତର ହେଲେ ହିଁ ତୁ ସବୁକଥା, ଜାଣିପାରିବୁ ଓ ବୁଝିପାରିବୁ। ସବୁ ସାଙ୍ଗମାନଙ୍କ ମା' ମାନେ ପୁଅଝିଅଙ୍କର ସାଙ୍ଗରେ ଗଲାବେଳେ, ସିଦ୍ଧାର୍ଥ ସବୁବେଳେ ବାପାଙ୍କ ସାଙ୍ଗରେ ଯାଇଥାଏ । ତା'ର ପରୀକ୍ଷା ସରିବା ଯାଏ ରମାରମଣ ଗାଡ଼ିରେ ଅପେକ୍ଷା କରନ୍ତି ଓ ତା'ପରେ ତାକୁ ନେଇକରି ଆସନ୍ତି । ସେମିତି ଜଏଣ୍ଟ୍ ଏଣ୍ଟ୍ରାନ୍ସ ପାଇଁ ମଧ୍ୟ ଯେଉଁ ପରୀକ୍ଷା ଭୁବନେଶ୍ୱରରେ ହୋଇଥିଲା, ତାକୁ ଡଃ ରମାରମଣ ସାଙ୍ଗରେ ନେଇ ଯାଇଥିଲେ ଏବଂ ପରୀକ୍ଷା ପରେ ସାଙ୍ଗରେ ନେଇ ଆସିଥିଲେ । ମଝିରେ ତିନି ଚାରିଘଣ୍ଟା ତାକୁ ଅପେକ୍ଷା କରି ଗାଡ଼ିରେ ବସି ରହିଥିଲେ ।

ଏଣ୍ଟ୍ରାନ୍ସ ପରୀକ୍ଷା ପରେ ଫଳାଫଳ ପାଇଁ ଅପେକ୍ଷା । ସାଷ୍ଟାଙ୍ଗ ପ୍ରଣିପାତ କରି ଠାକୁରଙ୍କୁ ଆମେ ଦୁହେଁ ଜଣାଉଥିଲୁଁ, ପ୍ରଭୁ ! ଯଦି ସତରେ ଆମେ ନିର୍ମଳ ମନରେ ଏବଂ ଦିବ୍ୟ ହୃଦୟରେ କେଉଁ ରୋଗୀଙ୍କୁ ଆରୋଗ୍ୟ କରିଛୁଁ, ତଥା ଅନ୍ୟକୁ ସାହାଯ୍ୟ କରିଛୁ, ସେ ଫଳ ଆମ ପୁଅକୁ ଦିଅ । ସେ ସମୟରେ ଗୋଟିଏ କଥା ମନେ ପଡୁଥାଏ, ଯେ ଟଙ୍କା, ସୁନା ତଥା ମୂଲ୍ୟବାନ୍ ଜିନିଷ ମଣିଷ ବ୍ୟାଙ୍କ୍‌ରେ ଡିପୋଜିଟ୍ ରଖିଦିଏ ଏବଂ ଦରକାର ପଡ଼ିଲେ କାମରେ ଲଗାଇ ଥାଏ, ଠିକ୍ ସେମିତି ଯଦି ମଣିଷ ସତ୍‌କର୍ମ କରି ଥାଏ ଏବଂ କାହା ପାଇଁ କିଛି ଉପକାର କରି ଥାଏ, ତେବେ ନିଜେ ନ ଜାଣି ମଧ୍ୟ ଠାକୁର ସେମାନଙ୍କର ବ୍ୟାଙ୍କ୍‌ରେ ସମସ୍ତଙ୍କର ଅଜାଣତରେ ପୁଣ୍ୟ ହିଁ ଡିପୋଜିଟ୍ କରିଦେଇଥା'ନ୍ତି । ଏ କଥା କୌଣସି ଚର୍ମ, ମାଂସ ଦେହ ଧାରୀ ମଣିଷ ଜାଣି ପାରେ ନାହିଁ । ସେ କଥା କେବଳ ଈଶ୍ୱର ହିଁ ଜାଣିଥାନ୍ତି ।

ପୁଅର ପରୀକ୍ଷାଫଳ ପାଇଁ ଆମେ ଦୁହେଁ ଚିନ୍ତିତ ହୋଇ ରହିଲୁ । ପ୍ରଭୁ ଆମକୁ ଆଶ୍ଚର୍ଯ୍ୟ ଚକିତ କରିଦେଇ ଆମ ଆଞ୍ଜୁଳାରେ ଯେଉଁ ଅମୃତ ଫଳଟିଏ ଦେଲେ, ସେଥିପାଇଁ ଆମେ ଚିରଦିନ ତାଙ୍କ ପାଖରେ ଋଣୀ ହୋଇ ରହିବୁ ।

ପୁଅ ଜଏଣ୍ଟ୍ ମେଡ଼ିକାଲ୍ ଟେଷ୍ଟ୍‌ରେ ଭଲ ମାର୍କ ରଖି ପାଶ୍ କଲା । ଆମେ ଖୁସିରେ ଅଧୀର ହୋଇଗଲୁ, ଏବଂ ଛଳଛଳ ଆଖିରେ ପ୍ରଭୁଙ୍କୁ ପ୍ରଣାମ କଲୁ । ତା'ର ଆଡ଼ମିଶନ୍ ଭୁବନେଶ୍ୱରରେ ହେବାର ଥିଲା । ପୁଅ କହିଲା "ମା', ମୋର ସବୁ ମେଡ଼ିକାଲ୍ ଏଣ୍ଟ୍ରାନ୍ସ ରେ ବାପା ମୋତେ ସାଙ୍ଗରେ ନେଇ ଯାଇଥିଲେ । ଏଥରକ ମୁଁ ମେଡ଼ିକାଲ୍ କଲେଜରେ ଆଡ଼ମିଶନ୍ ନେଲାବେଳକୁ ତୁମେ ମୋ' ସାଙ୍ଗରେ ନିଶ୍ଚୟ ଯିବ ।" ମୁଁ ଖୁସିରେ କହିଥିଲି "ବାପାରେ ମୁଁ ସେଦିନ ସି.ଏଲ୍. ନେଇ ଯିବି, ଏବଂ ସବୁ ରୋଗୀ ଦେଖାଛାଡ଼ି, ମୁଁ ତୋ' ସାଙ୍ଗରେ ଯିବି । ତୋର ଆଡ଼ମିଶନ୍ ଦିନ ଆମେ ଦୁହେଁ ଯାକ ରହିବୁ ।"


ଆମେ ସମସ୍ତେ ତା'ର ଆଡ଼ମିଶନ ଦିନ ପାଇଁ ଅପେକ୍ଷା କରି ରହିଲୁ । ମୁଁ ପ୍ରାଣପଣେ ଚେଷ୍ଟା କଲି ସେଦିନ ଯିବା ପାଇଁ । ମଣିଷ ଯେଉଁ କଥା ଭାବେ, ସେ କଥା ତାକୁ ମିଳେନାହିଁ । ସେ ଯେଉଁ କାମକୁ 'ନିଶ୍ଚୟକରିବି ' ବୋଲି ଭାବିଥାଏ, ତାକୁ ପ୍ରଭୁ ହସି ହସି ପୁଣି ଥରେ ପୁନଃନିର୍ଦ୍ଧାରିତ କରିଥା'ନ୍ତି । ଯେଉଁଦିନ ପୁଅର ଆଡ଼ମିଶନ୍ ଡେଟ୍, ଯୋଗକୁ ଠିକ୍ ସେଇଦିନ ଭୋର୍ ୪ଟାରେ ରୋଗିଣୀଟିଏ ଅତ୍ୟଧିକ ସିରିୟସ୍ ହୋଇ ଆସି ପହଞ୍ଚିଲା । ପେଟରେ ତା'ର ଖୁବ୍ ପେନ୍ ହେଉଥାଏ, ତା'ର ନାଡିର ଗତି ତୀବ୍ର ଥାଏ, ରକ୍ତଚାପ କମ୍‌ଥାଏ ଓ ଦେହସାରା ଝାଳ ଭର୍ତ୍ତି ହୋଇଥାଏ । ସେ ସକ୍‌ରେ ଥାଏ । ତାକୁ ପରୀକ୍ଷା କଲା ପରେ ଜାଣିଲି ତା'ର ଫାଲୋପିଆନ୍ ଟ୍ୟୁବ୍ ବା' ଡିମ୍ବବାହୀ ନଳୀରେ ଗର୍ଭସଂଚାର ହୋଇ ଫାଟିଯାଇଛି (ଏକ୍ଟୋପିକ୍ ପ୍ରେଗନାନ୍ସି) । ତେଣୁ ତା'ର ରକ୍ତ ଆଦି ପରୀକ୍ଷା ପୂର୍ବରୁ ତା'ର ଡାଏଗ୍ନୋସିସ୍ ବା ଚିହ୍ନଟ୍ ଦରକାର । ତେଣୁ ଅଲଟ୍ରାସାଉଣ୍ଡ୍ ପାଇଁ ତାକୁ ଗାଡ଼ିରେ ନେଇ ପାଖ ଅଲଟ୍ରାସାଉଣ୍ଡ୍ ସେଣ୍ଟରକୁ ଗଲି । ସେଠି ସ୍କାନ୍‌ର ତା' ପେଟ ଉପରେ ପକାଇଲା ପରେ ଜଣାଗଲା ଯେ, ତା'ର ଫାଲୋପିଆନ୍ ଟ୍ୟୁବ୍ ଫାଟିଯାଇ ପେଟସାରା ରକ୍ତ ଜମିଯାଇଚି । ତା'ର ରୋଗ ଚିହ୍ନଟ କରି ତତ୍କ୍ଷଣାତ୍ ଏସ୍.ସି.ବି.ର ଗାଇନିକ୍ ଡିପାର୍ଟମେଣ୍ଟ୍‌ର ଲେବରରୁମ୍‌କୁ ନେଇଗଲି । ସେଠି ସଙ୍ଗେ ସଙ୍ଗେ ଶିରାବାଟେ ଗ୍ଲୁକୋଜ୍ ସାଲାଇନ୍ ଡ୍ରିପ୍ ଲଗାଇଲି । ତା'ର ରକ୍ତଚାପ ବଢ଼ିଲାପରେ, ତତ୍କ୍ଷଣାତ୍ ଅପରେସନ୍ ପାଇଁ ୪ ବୋତଲ ରକ୍ତ ମଗାଇଲି । ସେତେବେଳକୁ ଦିନ-ସାଢ଼େ ୮ଟା ବାଜିଲାଣି । ସାଢ଼େ ୪ ରୁ ସାଢ଼େ ୮ଟା ଦୀର୍ଘ ୪ ଘଣ୍ଟାର ସମୟ । ପୁଣି ସେଇ ସମୟଟି ହେଉଛି ଘଡ଼ି ସନ୍ଧିର ସମୟ ଏମର୍ଜେନ୍ସିର ଡାକ୍ତରମାନେ ଚାଲିଗଲେଣି ଏବଂ ରେଗୁଲାର ଡିଉଟି ର ଡାକ୍ତରମାନେ ଆସି ନାହାନ୍ତି। ମୁଁ ଏକା ଜଗି ବସିଛି ତାକୁ ଅପରେସନ୍ କରିବା ପାଇଁ । ଯଦି ମୁଁ ଏଇ ଘଡ଼ିସନ୍ଧି ସମୟରେ ପେସେଣ୍ଟ୍‌କୁ ଛାଡ଼ି ଚାଲିଯାଏ ତେବେ ଅପରେସନ୍ ବିଳମ୍ବ ହୋଇଯିବ ଏବଂ ପେସେଣ୍ଟ୍‌ର ବଂଚିବାର ଆଶା କ୍ଷୀଣ ହୋଇଯିବ । ଏ ପଟେ ପୁଅର ମେଡ଼ିକାଲ୍ କଲେଜରେ ଆଡ଼ମିଶନର ଦିନ, ସାରା ଜୀବନର ପାଠ ଓ ସାରା ଜୀବନର ଡାକ୍ତର ହିସାବରେ ସଂଘର୍ଷ ଓ ସାଧନା କରିବାର ମୂଳଦୂଆ ଆଜି ପଡ଼ିବ । ଖାଲି ପୁଅ ମୁହଁ ମନେ ପଡୁଥିଲା । ଆଜି ଭଳିଆ ଦିନରେ ଏଡ଼େ ବଡ଼ ମୂଲ୍ୟବାନ ଓ ଆନନ୍ଦମୟ ମୁହୂର୍ତ୍ତରେ ମଧ ମା' ତା'ସାଙ୍ଗରେ ଆଡ଼ମିଶନ୍ ପାଇଁ ଯାଇ ପାରିଲା ନାହିଁ ।

ଡଃ ରମାରମଣ ଲେବର୍ ରୁମ୍‌କୁ ଫୋନ୍ କଲେ, କ'ଣ ପେସେଣ୍ଟ୍‌ର ଅପରେସନ୍ ସରିଗଲା ? ଆମ ସାଙ୍ଗରେ ଯାଇ ପାରିବ ? ମୁଁ ତାଙ୍କୁ ଫୋନ୍‌ରେ ଅସୁବିଧା କଥା ଜଣାଇଲି । ପୁଅକୁ ମଧ ବୁଝାଇଲି । ତାକୁ କହିଲି ବାପା, ତୁ ଏଡ଼େବଡ଼ ଉତ୍ସର୍ଗୀକୃତ ପ୍ରଫେସନରେ ପାଦ ଦେବାକୁ ଯାଉଛୁ, ଆଶା ତୁ ବୋଧ ହୁଏ, ବୁଝିପାରୁଥିବୁ । ଗୋଟିଏ ରୋଗୀର ଜୀବନ ବଂଚାଇବାକୁ ପାଇଁ, ମୁଁ ତୋ' ସାଙ୍ଗରେ ଯାଇ ପାରୁନି "ବାପା ! ମନ ଦୁଃଖ କରିବୁନି । ଏଡ଼େ ଟିକିଏ ପିଲା, ଅଥଚ ଡାକ୍ତରୀ ଜୀବନରେ ପାଦଦେବା ଆଗରୁ ହିଁ ସେ କହିଲା - "ମା' ତୁମେ ଆଗ ଅପରେସନ୍ କରି ପେସେଣ୍ଟ୍‌କୁ ଭଲ କର, ମୁଁ ବାପାଙ୍କ ସଙ୍ଗେ ଯାଇ ଆଡ଼ମିଶନ୍ କରିନେବି ।"

ଆଜି ସେ ଜଣେ ଆଗଧାଡ଼ିର ହାର୍ଟ ସର୍ଜନ୍ ହିସାବରେ ଯେତେବେଳେ ଦଶ, ବାରଘଣ୍ଟା ଧରି ଅପରେସନ୍ କରି ଏମିତିକି ହାର୍ଟ ଟ୍ରାନ୍ସପ୍ଲାଣ୍ଟେସନ୍ କରି ହଜାର ହଜାର ରୋଗୀଙ୍କୁ 'ଆରୋଗ୍ୟ' କରୁଛି, ସେତେବେଳେ ମୋର ସେ ଦିନର କଥା ମନେପଡୁଛି । ତେଣୁ ଗୋଟିଏ ଛୋଟ ଶିଶୁଟିଏ ଭିତରେ ଯେ' କେତେ ମହାନ୍ ହେବାର ଆଶା, ଆକାଂକ୍ଷା, ସାଧନା ଓ ସିଦ୍ଧି ଭରିରହିଥାଏ, ସେ କଥା କେହି ଭାବି ପାରନ୍ତି ନାହିଁ । ଶିଶୁଟିକୁ ଛୋଟ ପିଲା ଭାବେ ହେୟଜ୍ଞାନ କରିଥା'ନ୍ତି, କିନ୍ତୁ ସେଇ ଛୋଟ ଶିଶୁ ଯେ ବଡ଼ ହେଲେ କେତେ ଉଚ୍ଚସ୍ଥାନ ଅଧିକାର କରିବ, ଏକଥା ସମସ୍ତଙ୍କ କଳ୍ପନାର ବାହାରେ ଥାଏ । ତେଣୁ ପିଲାମାନଙ୍କ ମନରେ ପିଲାଦିନରୁ ହିଁ ସତ୍ୟ, ନ୍ୟାୟ ଓ ଧର୍ମର ମାର୍ଗ ଦେଖାଇ ଉପଯୁକ୍ତ ସଂସ୍କାର ସହ ସତ୍ ମାର୍ଗରେ ଚାଲିବା ପାଇଁ ରାସ୍ତା ଦେଖାଇବା ଦରକାର । ଶିଶୁଟି ଭବିଷ୍ୟତ ଜୀବନରେ ଡାକ୍ତର, ଇଂଜିନିଅର୍, ଅଧାପକ, ଓକିଲ, ସମାଜସେବୀ ଓ ବିଜିନେସ୍ ମ୍ୟାନ୍ ଯାହା କିଛି ହେଉନା କାହିଁକି କିନ୍ତୁ, ଏସବୁଠାରୁ ଆହରି ଜରୁରୀ ଭଲ ମଣିଷଟିଏ ହେବା । ଆଜିର ଶିଶୁ କାଲିର ନାଗରିକ । ପ୍ରତ୍ୟେକ ବାପା, ମା'ଙ୍କର କର୍ତ୍ତବ୍ୟ ପିଲାମାନଙ୍କୁ ସଦ୍ ଗୁଣ ଶିକ୍ଷା ଦେବା ସହ ଉତ୍ତମ ଓ ପରିମାର୍ଜିତ ନାଗରିକ ଟିଏ କରି ଗଢ଼ି ତୋଳିବା । (କ୍ରମଶଃ)

## ପୁସ୍ତକ ସମୀକ୍ଷା

**ନୂଆ କବିତା**
**କବି ରତ୍ନାକର ରାଉତ**
ପ୍ରକାଶକ :
ଜ୍ଞାନଯୁଗ ପବ୍ଲିକେଶନ
ନୂଆପଲ୍ଲୀ, ଭୁବନେଶ୍ୱର-୧୫
ମୂଲ୍ୟ- ୧୫୦/-




ବିବିଧ ମନନଶୀଳତାର ଅନନ୍ୟ ଅଭିବ୍ୟକ୍ତିକୁ ନେଇ ଜୀବନର ସାର ଓ ଅସାର ତତ୍ତ୍ୱକୁ କବିଟିଏ ବଖାଣି ବସିଲା ବେଳେ ମନେହୁଏ ହୁଏତ କବି ଜୀବନ ପ୍ରତି ନୈରାଶ୍ୟବାଦୀ । ସ୍ଥିତିବାଦୀ ସାହିତ୍ୟର ସ୍ୱରାଭାସରେ ଜୀବନପ୍ରତି ବୀତସ୍ପୃହତାର ଉଚ୍ଚାରଣ ଘଟୁଥିଲେ ବି ଜୀବନ ସହ କବିର ଏକ ଅଦ୍ଭୁତ ଅନ୍ତରଙ୍ଗ ବୁଝାମଣା ପରିଲକ୍ଷିତ ହୁଏ; କବି ସେଇ ବୁଝାମଣାର ବିନ୍ଦୁକୁ ଘୋରି ଘୋରି କବିତାରେ ବୁଝାଇ ଚାଲିଥାଏ ଅନ୍ତର୍ମନର ତୀବ୍ର ଅନୁଭବ ସବୁକୁ । ସେଇଥିପାଇଁ ସାର୍ତ୍ରେ ଜୀବନକୁ ବର୍ଣ୍ଣନା କରିଛନ୍ତି ଗୋଟିଏ ହୀରାଖଣ୍ଡ ବା ଡାଇମଣ୍ଡ ଭାବରେ, ଯେଉଁଥିରୁ ଅନୁଭବର ଅନବରତ ରଶ୍ମୀ ଝରିଚାଲିଥାଏ । ମାତ୍ର କାବ୍ୟ ମନୀଷି ସେକ୍ସପିୟର କହୁଛନ୍ତି, ଜୀବନକୁ ଭୋଗି ହୁଏ, ଅଥଚ ଠିକ୍ ଢଙ୍ଗରେ ତାକୁ ବୁଝାଇବା ଏତେ ସହଜ ନୁହେଁ । ଜୀବନକୁ ନେଇ ସ୍ଥିତିବାଦୀ କବିତାର ମୂଲ୍ୟାୟନ ବେଳେ ପାଶ୍ଚାତ୍ୟ ମନୀଷୀ ଆର ଜେ ରିସୁଙ୍କର ଉକ୍ତିଟିଏ ସ୍ମରଣଯୋଗ୍ୟ । ଯଥା- "Literature we may now agree, is writing which expresses and communicates thoughts, feeling and attitude towords life." ଆଟିଚିୟୁଡ୍ ଟୁୱାଡ୍‌ସ ଲାଇଫ୍ ବା ଆତ୍ମିକ ପ୍ରକୃତିର କାବ୍ୟସ୍ରଷ୍ଟାଗଣ ଜଗତର କ୍ଷଣଭଙ୍ଗୁରତା ପ୍ରତି ସଚେତନ ଥାଇ ମଧ୍ୟ ଜୀବନ ପାଇଁ ଖୋଜୁଥାନ୍ତି ଅନ୍ୱେଷା ଓ ପରିପ୍ରକାଶର ଶବ୍ଦଭୂମି । ବିରୋଧାଭାସ ଭିତରେ ବୁଝାମଣାର ସାରାଂଶକୁ କହିଛନ୍ତି ଏ ମାଟିର କବି ସଚ୍ଚି ରାଉତରାୟ, ଯଥା- "ବୁଢ଼ୀଆଣି ଜାଲ ନାହିଁ/ ଚାହିଁ ଦେଖେ ବୁଲି ଏଣେତେଣେ/ ଶୂନ୍ୟଘର କେହି ନାହିଁ/ ସେ ଘରର ବିରାଟ ଦର୍ପଣ/ ଦେଖିଲେ ମୁଁ ଦୁଇ ପ୍ରତିବିମ୍ବ/ ଶେଷ ଓ ଆରମ୍ଭ- ଆରମ୍ଭ ଓ ଶେଷ ।" ଏହି ଶେଷ ଓ ଆରମ୍ଭର ମୁକୁରିତ ମୀମାଂସାକୁ ନେଇ ପୁଣିଥରେ 'ନୂଆ କବିତା'ର ନୂତନ ସୂତ୍ରପାତ ଘଟାଇଥିବା ଅନ୍ୟତମ ନିରୋଳା କାବ୍ୟସାଧକ କବି ଶ୍ରୀଯୁକ୍ତ ରତ୍ନାକର ରାଉତଙ୍କ କବିତା ସଂକଳନ 'ନୂଆ କବିତା' ଏହି ମର୍ମରେ ଅଧିକ ଆଲୋଚନା ଯୋଗ୍ୟ । କବିପ୍ରାଣ ଜୀବନ ପ୍ରତି ଆଶାୟୀ, ବୀତସ୍ପୃହ ଅଥବା ସ୍ୱତନ୍ତ୍ର ସ୍ଥାନ ନ ଲୋଡ଼ି ଜୀବନ ଜିଇଁବାର ଉତ୍କୃଷ୍ଟ ମାର୍ଗଟିଏ ଦେଖାଇବାର ଚେଷ୍ଟା ଚାଲିଥାଏ ସ୍ଥିତିବାଦୀ ସାହିତ୍ୟରେ । ଏହା ଜୀବନୀୟ ମୂଲ୍ୟବୋଧର ନିରୂପଣ ନୁହେଁ ବରଂ ନିରୂପିତ ଜୀବନୀୟ ପଥ ପାଇଁ ସ୍ଥିତିସୂଚକ କାବ୍ୟଇଂଗିତ । ଏହି ଧାରାରେ ଜ୍ଞାନଯୁଗ ପବ୍ଲିକେଶନ ଦ୍ୱାରା ପ୍ରସ୍ତୁତ ୧୪୪ ପୃଷ୍ଠାର ୩୭ ଗୋଟି ନାତିଦୀର୍ଘ ଏବଂ ଅତିଦୀର୍ଘ କଳେବରର କବିତାମାନଙ୍କୁ ନେଇ କାବ୍ୟକାର ଶ୍ରୀଯୁକ୍ତ ରାଉତ ଜଗତ ଓ ଜୀବନକୁ ନେଇ ଗଦ୍ୟଛନ୍ଦର ଏକ ନୂତନ ପରୀକ୍ଷଣ 'ନୂଆ କବିତା'ରେ ଘଟାଇଛନ୍ତି ବୋଲି କୁହାଯାଇପାରେ ।

ବରେଣ୍ୟ ସାରସ୍ୱତ ସାଧକ ଯତୀନ୍ଦ୍ର ନାଥ ମହାନ୍ତିଙ୍କୁ ଉତ୍ସର୍ଗ ହୋଇଥିବା ଏହି ଗ୍ରନ୍ଥରେ ସ୍ଥାନିତ ହୋଇଛି ଦୀର୍ଘ ବର୍ଣ୍ଣନାଧର୍ମୀ ବହୁ କବିତା । ତେବେ ଗୋଟିଏ କଥା ଏଠାରେ ଉଲ୍ଲେଖନୀୟ ଯେ, ଦୀର୍ଘ କଳେବରର ବହୁ କବିତାରେ ପ୍ରଥମ ଧାଡ଼ିମାନଙ୍କରୁ ହିଁ କବିତାର ଉତ୍ତୀର୍ଣ୍ଣତା ଏବଂ କାବ୍ୟସାମର୍ଥର ଆଭାସ ପାଠକମାନଙ୍କୁ ମିଳି ପାରିବ । ଯେପରିକି- 'ପ୍ରଶ୍ନ ପଚାରିବାକୁ ମୁଁ କିଏ' କବିତାର ପ୍ରଥମ ଧାଡ଼ି- "ଭଗବାନ ତୁମେ ଅଛ କି ନାହିଁ/ ସେ ପ୍ରଶ୍ନ ପଚାରିବାକୁ ମୁଁ କିଏ/" ସେହିପରି- "କାଠ ଓ ଶରୀର ଉଭୟ କ୍ଷୟ ହୁଏ/ ରୋଗ ଓ ଜରା ଶରୀରର ଶତ୍ରୁ/ କାଠକୁ ଖାଇ ଯାଆନ୍ତି ଉଇ ଓ ଘୁଣପୋକ/ କେବେକେବେ ଅମ୍ଳ ଓ ଲବଣଯୁକ୍ତ ପାଣି/ ବେଳେବେଳେ କାଠ ମଧ ରସିଯାଏ/ ନିମ କାଠରେ ତିଆରି ହୁଏ/ ତିନିଠାକୁରଙ୍କ ପିତୁଳା/ ପ୍ରଭୁଙ୍କ ଇଚ୍ଛାରେ ନୁହେଁ/ ହୁଏତ, ବିଧି ବିଧାନର ବାଧରେ/ ତାଙ୍କ ପାର୍ଥିବ ପ୍ରତିମାର ସୁରକ୍ଷା ପାଇଁ/ ଆୟୋଜିତ ହୁଏ ନବ କଳେବର (କବିତା- ନବକଳେବର, ପୃ-୧୦୭) ।"

ଜୀବନ ଆକାଶରେ ମେଘର ଉପସ୍ଥିତି, ଭାସମାନତା, କୃଷ୍ଣସ୍ୱୀତ ବିସ୍ତାର ଏବଂ ବୃଷ୍ଟିପାତକୁ ନେଇ ମେଘସ ହ ମଣିଷର ଅଦ୍ଭୁତ ସାମଞ୍ଜସ୍ୟ ଦେଖିଛନ୍ତି କବି 'ମେଘ ଓ ମଣିଷ' କବିତାରେ । କବିତାର ପ୍ରଥମ ପାରାଗ୍ରାଫ୍‌ରେ ଜୀବନର ଇକୋନୋଗ୍ରାଫକୁ ନିଜେ ଗୋଟିଏ ଦର୍ଶକ ସାଜି ଦେଖିବା ଛଡ଼ା ଉପାୟ କ'ଣ? "ଐଶାନ୍ୟ ଆକାଶରେ ଉଠେଇ ଆସୁଛି ମେଘ/ ନୂଆ ନୂଆ ଚାଲି ଶିଖିଥିବା ବାଳୁତ ପରି/ମାଡ଼ି ଯାଉଛି ଯୁଆଡ଼େ ସିଆଡ଼େ/ ଭଲ ମନ୍ଦ ନ ବିଚାରି / କେହି ଆଟକ କରିବାକୁ ଯୁ ନାହିଁ/ ସଭିଏଁ ତ ଦର୍ଶକ ।"


ଜୀବନ ସହ ଚୁକ୍ତିକୁ ଯୁକ୍ତିନିଷ୍ଠ ଶୈଳୀରେ କବି ବଖାଣିଲା ବେଳେ 'ଗୋଟିଏ କଳାଜାଇ ସଂପର୍କରେ' ଶୀର୍ଷକ କବିତାରେ କଳାଜାଇର ରୂପକଳ୍ପକୁ ନେଇ ବିବିଧ ଦୃଶ୍ୟର ସାଜିଛନ୍ତି ରୂପକାର । "ସେ କଳାଜାଇର ସଂଭ୍ରାନ୍ତ ଅବସ୍ଥିତି/ ଅପୂର୍ବ ସୌନ୍ଦର୍ଯ୍ୟରେ ବିମୁଗ୍ଧ କରିଛି ମନପ୍ରାଣ/ ଏବଂ ମୋର ତମାମ୍ ଆୟୁଷ ଓ ମରଣ କାଳକୁ/ ବାନ୍ଧି ରଖିଛି ତା' ଭିତରେ ଯତନରେ +++ ।" ସେଇ ଅବିସ୍ମୃତ କଳାଜାଇ ସ୍ମୃତି ସଂଚରିଯାଇଛି ସକଳ ଆଶା, ଆକାଙ୍କ୍ଷା ଓ ଉଦ୍‌ବେଗକୁ ନେଇ । ସେତେବେଳେ, "+++ ମୋତେ ମନେ ହେଉଛି ଯେମିତି ସେ କଳାଜାଇ/ ମୋ' ସାରା ସର୍ବାଙ୍ଗରେ ଖୋଦିତ+++ ।"

କବି ଶ୍ରୀଯୁକ୍ତ ରାଉତ ଜୀବନକୁ ନେଇ ଯେତିକି ପ୍ରକାଶଧର୍ମୀ ସ୍ଥିତିବାଦର ସ୍ୱର ଓ ସ୍ୱାକ୍ଷରରେ ସେ ନିଜର ସର୍ଜନାତ୍ମକ ଶକ୍ତି ଏବଂ ଗତିର ଉତ୍ସକୁ ଉତ୍‌ଥାପନ ମଧ୍ୟ କରିବାରେ ଦ୍ୱିଧା ରଖି ନାହାନ୍ତି । ମୁଖ୍ୟତଃ, ନୂଆ କବିତା ସଂକଳନର କବିତା ଗୁଡ଼ିକରେ (କ) ବର୍ହିଦୃଶ୍ୟକୁ ବିଶୁଦ୍ଧ ଅନ୍ତଃକରଣରେ ଚେତନାସ୍ଥ କରିବା ସହ କାବ୍ୟ ରୂପାନ୍ତର ଆଣିବା (ଖ) ରହସ୍ୟବାଦିତା ସହ ସ୍ଥୁଳ ଜୀବନର ସୂକ୍ଷ୍ମ ଅନୁଭବକୁ ଭାଷା ଦେବା (ଗ) ସ୍ମୃତି ଏବଂ ବିସ୍ମୃତିକୁ ନେଇ ଶବ୍ଦ ବିହାରର ଦୀର୍ଘପଥ ଅନ୍ୱେଷିବା ଏବଂ (ଘ) ଈଶ୍ୱର-ପ୍ରକୃତି- ଜୀବନକୁ ନେଇ ସୃଷ୍ଟି ସ୍ଥିତି-ବିଲୟର ଦୃଶ୍ୟ ଆଙ୍କିବା ଇତ୍ୟାଦି କ୍ଷେତ୍ରରେ ସମକାଳର ବହୁ ସ୍ରଷ୍ଟାଙ୍କ ସୃଷ୍ଟିଠାରୁ ଆତ୍ମ ପ୍ରେରଣା ଓ ଆତ୍ମ ପ୍ରବୋଧନାର ମନ୍ତ୍ର ଉଚ୍ଚାରିବାରେ କବି ଶ୍ରୀଯୁକ୍ତ ରାଉତ୍ ସ୍ୱତନ୍ତ୍ର ବାରି ହୋଇପଡ଼ନ୍ତି । ସର୍ଜନାର ଉତ୍ସ ଓ ଭବିଷ୍ୟ ବାବଦରେ କବିଙ୍କର ଦୃଢ଼ୋକ୍ତି- "ଏତିକି ଜାଣିଛି ବଂଧୁ/ ତୁମେ ବି ଜାଣିଥା/ ମୋ' ପ୍ରତି କବିତା ଗୋଟେ ଗୋଟେ କ୍ଷୁଦ୍ର ବରଫଳ/ ଏ ମାଟି ଉପରେ ସିଏ ପଡିଅଛି/ ସେହିପରି ପଡ଼ି ରହିଥାଉ/ ଦିନେ ତା'ର ଅଙ୍କୁରଣ ନିଶ୍ଚୟ ଘଟିବ/ ତୁମଠାରୁ ଭିନ୍ନ ଏକ/ଆତ୍ମ ପ୍ରତ୍ୟୟରେ ମୁଁ ବଂଚିଛି ଏତେକାଳ/ ବାକି ମୋ' ଆୟୁଷ ସବୁ ସେହି/ ପ୍ରତ୍ୟୟ ଓ ବିଶ୍ୱାସରେ ବିତିଯାଉ/ଏହା ମୋର ଏକମାତ୍ର ଅଭିଳାଷ ଏ ଜୀବଦ୍ଦଶାରେ ।"

(କବିତା-କାହିଁକି ପଢିଛ ତୁମେ କବିତା ପ୍ରେମରେ, ପୃ-୮୧) ।

ବାସ୍ତବିକ୍, କବିଟିଏ ହୃଦୟ କିମ୍ବା ହିମ୍ମତ୍, କେଉଁଟି ବି ହରାଇ ନଥାଏ । ସେଇଥି ପାଇଁ ହୃଦୟର ହବନ କୁଣ୍ଡରୁ ସେ ଜନ୍ମଦିଏ କବିତା । ସମୟ ପ୍ରତି ସଜାଗ, ସଚେତନ ଓ ସଂବେଦନଶୀଳ ଭାବରେ ଦୁସ୍ଥିତିର ଦାରୁଣ ଚିତ୍ର ଭିତରେ ବି କବି ଶ୍ରୀଯୁକ୍ତ ରାଉତ ଦୁଇ ତିନୋଟି ଚରିତ୍ର ଯଥା- ସୁକାନ୍ତି କାଣ୍ଡି (କବିତା-କିଛି ମାଗଣାରେ ନାହିଁ) ଡମ୍ବରୁ ମାଝୀ (କବିତା- ବିଚାର) ଇତ୍ୟାଦିଙ୍କୁ ନେଇ ଯେଉଁ ମାନବୀୟ ସଂବେଦନଶୀଳତାର ଚିତ୍ର ଆଂକିଛନ୍ତି, ତାହା ମୌଳିକ ଭାବରେ ସ୍ଥିତିବାଦୀ ସାହିତ୍ୟର ତାଲିକା ଭୁକ୍ତ ନହେଲେ ମଧ ବ୍ୟକ୍ତି ଏବଂ ସାମାଜିକ ଚରିତ୍ରର ବାଟବଣା ସ୍ଥିତିକୁ ସଜାଡ଼ି ଚିରନ୍ତନ ଜୀବନାଭ୍ୟାସ ଆଡକୁ ନେଇଯିବ ବୋଲି ସ୍ପଷ୍ଟହୁଏ । ଭୋଗ, ଦୁର୍ଭୋଗ, ପ୍ରାଚୁର୍ଯ୍ୟ ଦୈନ୍ୟପଣ ଭିତରେ କବି ଜୀବନକୁ ହୀନ ଅଥବା ମହାମାନ୍ୟର ଆସନରୁ ଡାକିନେଇ ଆଉ ଗୋଟିଏ ନୂତନ ଭୂମିକୁ ନେବାକୁ ଚାହାନ୍ତି, ଯାହା ସୁଖ ଓ ଦୁଃଖ ବିକାର ରହିତ ସନ୍ତୋଷର ଭୂମି । ତୁମେ ଭଲରେ ଅଛ ? ଏ ପ୍ରଶ୍ନକୁ ନେଇ କବି ଉତ୍ତର ରଖିଛନ୍ତି ତାଙ୍କର 'କ'ଣ ଉତ୍ତର ଦେବି' କବିତାରେ । ସୁଖ ଦୁଃଖର ଉର୍ଦ୍ଧ୍ୱରେ ସ୍ଥିତପ୍ରଜ୍ଞତାର ବାର୍ତ୍ତା ଦେଲାବେଳେ କବିଙ୍କର ସ୍ଥିତିବାଦର ସ୍ୱର, "ଅଳ୍ପରେ ସନ୍ତୁଷ୍ଟ ହେଉଥିବା ସାଧାରଣ ଲୋକଟିର ଉଦାରତା ନିକଟରେ/ କିପରି ନିଜକୁ ତୁଚ୍ଛ ଲାଗେନି ସେ ସଭିଙ୍କୁ/+++ ବିଳାସରୁ ଆଳସ୍ୟ/ ଏବଂ ଆଳସ୍ୟରୁ ନିରାଶାର ଜନ୍ମ/ ଏକଥା ପାଶୋରି ଗଲେ/ ନିଜ ଅହମିକାର ଫାଶ ହିଁ/ ନିଜକୁ ସହଜରେ ଶିକାର ବନାଏ/ ଏପରି ଅବସ୍ଥାରେ ତୁମ ପ୍ରଶ୍ନର ଉତ୍ତର/ କ'ଣ ଦେବି କହିଲ ?"

ମୋଟ୍ ଉପରେ କବି ରତ୍ନାକର ରାଉତଙ୍କର କବିତାରେ ଉକ୍ତିର ସ୍ୱଚ୍ଛତା, ଭାବରେ ଗାମ୍ଭୀର୍ଯ୍ୟମୟ ଉଚ୍ଚତା ଏବଂ ପରିପ୍ରକାଶର ଦୀର୍ଘ ଅଥଚ ସୁଖପାଠ୍ୟ କାବ୍ୟପଥ ପାଠକୀୟ ଚେତନ, ମନନ ଏବଂ ପ୍ରାଣନ ସତ୍ତାକୁ ଜୀବନ ଯନ୍ତ୍ରଣାର ବିକ୍ଷୁବ୍ଧ ସ୍ୱର ଶୁଣାଇବା ବଦଳରେ ଜୀବନ ଯମୁନାର ସାତ୍ତ୍ୱିକ କୂଳୁମୁର୍ଚ୍ଛନାରେ ମନ୍ତ୍ରମୁଗ୍ଧ କରିବ ନିଶ୍ଚୟ । 'ନୂଆ କବିତା'ର ମଳାଟରେ ମଧୁମକ୍ଷିକାଟିଏ ପୁଷ୍ପଗୁଚ୍ଛରୁ ମଧୁସଂଗ୍ରହରେ ନିମଗ୍ନ । ମଧୁସ୍ରାବୀ ସଂସାରରୁ ଜୀବନ ପାଇଁ ସତ୍ତାଟିଏ ମଧୁସାର ସଂଗ୍ରହରେ ବ୍ରତୀହେଉ, 'ନୂଆ କବିତା'ର ପାଠକଙ୍କ ପାଇଁ ଶ୍ରୀଯୁକ୍ତ ରାଉତଙ୍କର କବିତା ପାଳଟୁ ମଧୁକ୍ଷରା ମାଧୁର୍ଯ୍ୟମୟ, ଏତିକି କାମନା ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ନକଲି କୋଭିଡ୍ ନେଗେଟିଭ୍ ରିପୋର୍ଟ ବିକ୍ରି ଅଭିଯୋଗ ରେ ଜଣେ ଗିରଫ : ଲ୍ୟାପ୍‌ଟପ୍ ଓ ଅନ୍ୟାନ ସାମଗ୍ରୀ ଜବତ

ପାରାଦୀପ,୨୩।୦୧ (ନି.ପ୍ର): ପାରାଦୀପସ୍ଥିତ ପାରଦୀପ ରିଫାଇନାରୀ ର ଶ୍ରମିକ ମାନଙ୍କୁ ନକଲି କୋଭିଡ୍ ନେଗେଟିଭ୍ ରିପୋର୍ଟ ବିକ୍ରି ଘଟଣା ର ପର୍ଦାଫାଶ କରିଛି ଅଭୟଚାନ୍ଦପୁର ପୋଲିସ୍ ଏହି ଘଟଣା ରେ ଜଣଙ୍କୁ ଗିରଫ କରିବା ସହ ଲ୍ୟପପ୍ଟପ୍,ପ୍ରିଣ୍ଟର ଓ ଅନ୍ୟାନ ସାମଗ୍ରୀ ଜବତ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ପାରାଦୀପ ରିଫାଇନାରୀ ରେ କାମ କରିବାକୁ ହେଲେ ପ୍ରଥମେ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବା ପାଇଁ ନିୟମ ରହିଛି । ଅଭୟଚାନ୍ଦପୁର ଥାନା ପଛ ପଟରେ ନିକଟସ୍ଥ ଡାଲିମପୁର ର କାଳନ୍ଦି ତରାଇ ଦୀର୍ଘ ଦିନ ହେବ ଜେରକ୍ସ ଦୋକାନ କରିଥିଲେ । ଏହି ଜେରକ୍ସ ଦୋକାନ ରେ ମିଳୁଥିଲା ପାରଦୀପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଜନୈକ ଡାକ୍ତର ଙ୍କ ସମେତ ଅନ୍ୟ ଡାକ୍ତର ଙ୍କ ର ଦସ୍ତଖତ ଥିବା କେରୋନା ନେଗେଟିଭ୍ ପ୍ରମାଣ ପତ୍ର । ଏଣୁ ପାରାଦୀପ ରିଫାଇନାରୀ କୁ ଆସୁଥିବା ଶ୍ରମିକମାନେ ନେଇ ଦାଖଲ କରୁଥିବା କୋଭିଡ୍ ନେଗେଟିଭ୍ ରିପୋର୍ଟ ନକଲି ବୋଲି ସୂଚନା ମିଳିବା ପରେ ଏହି ଘଟଣା ରେ ପୋଲିସ୍ କାଳନ୍ଦି ଙ୍କୁଗିରଫ କରିଛି । ପୋଲିସ୍ କାଳନ୍ଦି ଙ୍କ ଜେରେକ୍ସ ଦୋକାନ ରେ ପହଂଚି କାଗଜପତ୍ର ଯାଂଚ କରିବା ସହ ଏହି କାମ ରେ ବ୍ୟବହାର ହେଉଥିବା ଲ୍ୟପପ୍ଟପ୍,ପ୍ରିଣ୍ଟର ଓ ଅନ୍ୟାନ ସାମଗ୍ରୀ ଜବତ କରିଛି ପୋଲିସ୍ । ଦୀର୍ଘ ଦିନ ହେବ ଡାକ୍ତର ଙ୍କ ଦସ୍ତଖତ କୁ ଜାଲ କରି କାଳନ୍ଦି ଏହି ବେପାର ଚଲାଇଥିବା କାଳନ୍ଦି ରିପୋର୍ଟ ପାଇବା ପାଇଁ ଶ୍ରମିକ ମାନଙ୍କ ଠାରୁ ୨୦୦ ରୁ ୩୦୦ ଟଙ୍କା ନେଉଥିଲା । କରୋନା କଟକଣା ସମୟ ରେ ରିଫାଇନାରୀ ରେ କାମ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରମିକ ପାରାଦୀପ ରିଫାଇନାରୀ କୁ ଆସିଥିଲେ । ଥାନା ର ପଛପଟେ ଏହି ନକଲି କରୋନା ନେଗେଟିଭ୍ ରିପୋର୍ଟ କାରବାର ଦୀର୍ଘ ଦିନ ଧରି କିଭଳି ଚାଲିଥିଲା ଓ ପୋଲିସ୍ କୁ କିଭଳି ଜଣାପଡିନଥିଲା ସେ ନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର, ୨୩ ଜାନୁଆରୀ - କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମତିଥି ଅବସରରେ ମୋର ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ୧୨୫ତମ ଜନ୍ମଜୟନ୍ତୀ ପାଳିତ

ନୀଳଗିରି,୨୩।୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ.ଏ.ସି. କଲ୍ୟାଣ ମଣ୍ଡପ ଠାରେ ପୂଜ୍ୟପୂଜା ସଂସଦ, ରାଜବରହମପୁର ଆନୁକୂଲ୍ୟରେ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କର ୧୨୫ତମ ଜୟନ୍ତି ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଆବାହକ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଅଧକ୍ଷତା କରିବା ସହିତ ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମ ରେ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କର ଅବଦାନ ବାବଦରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ । ମୁଖ୍ୟ ବକ୍ତା ଭାବେ ଅଧାପକ ପ୍ରଦୀପ କୁମାର ମିଶ୍ର, ସମ୍ମାନୀତ ବକ୍ତା ଅଧାପକ ଡ. ଅଜୟ କୁମାର ପାଣିଗ୍ରାହୀ, ୧୧ନଂ. ଜୋନର ମଣ୍ଡଳ ସଭାପତି ଅକ୍ଷୟ କୁମାର ବେହେରା, ୧୨ନଂ. ଜୋନର ମଣ୍ଡଳ ସଭାପତି କରୁଣାକର ପଣ୍ଡା, ୧୩ନଂ. ଜୋନର ମଣ୍ଡଳ ସଭାପତି ତାପସ କୁମାର ମହାନ୍ତି, ପୂର୍ବତନ ନଗର ସଭାପତି ମନରଂଜନ ବେହେରା, ବରିଷ୍ଠ ବିଜେପି ନେତା ଗଙ୍ଗାଧର ମିଶ୍ର, ପୂର୍ବତନ ନଗର ଅଧକ୍ଷ ରାଧାଗୋବିନ୍ଦ ଖଟୁଆ, କେନ୍ଦ୍ରମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଚନ୍ଦ୍ରଶେଖର ନନ୍ଦ, ପୂର୍ବତନ କାଉନସିଲର ବିଦ୍ୟାଧର ଖଟୁଆ ଏବଂ ବହୁ ତୁଙ୍ଗ ନେତା ମଂଚରେ ଉପସ୍ଥିତ ରହି ଲୋକମାନଙ୍କୁ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ବିଷୟରେ ବଖାଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ର ଅଚ୍ୟୁତ ପ୍ରଧାନ, ସନ୍ତୋଷ ଦଳେଇ, କାହ୍ନୁଚରଣ ପରିଡ଼ା, ଅସିତ ପରିଡ଼ା, ବୁଦ୍ଧଦେବ ସରକାର, ସମ୍ଭୁନାଥ ବେହେରା, ରବିନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉତ୍ସବରେ ବିଧାୟକ ଶତାଧିକ ଗରିବ ବୃଦ୍ଧ, ବୃଦ୍ଧା, ଅସହାୟ ଲୋକଙ୍କୁ କମ୍ବଳ ଓ ମାକ୍ସ ବଂଟନ କରିଥିଲେ । ପରେ ନୀଳଗିରି ମେଡିକାଲ ପରିସରରେ ଏକ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ୧୦୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲଡ ବ୍ୟାଙ୍କ ଅଫିସର ଡ. ତ୍ରିନାଥ ପାଲ, ଟେକ୍ନିସିଆନ ମାୟାଧର ମହାନ୍ତି, ଦେବାଂଶୁ ନାୟକ, ଗତିକୃଷ୍ଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

## ନେତାଜୀ ଜୟନ୍ତୀରେ 'ଓୟୁଜେ' ପକ୍ଷରୁ ରକ୍ତଦାନ




ବାଲେଶ୍ୱର,୨୩।୦୧ (ନି.ପ୍ର): ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ), ବାଲେଶ୍ୱର ଶାଖା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଜିଲା ସଭାପତି ଗଙ୍ଗାଧର ରାଉତ ଏବଂ ଅବସରପ୍ରାପ୍ତ ପ୍ରାଧାପକ ଶତ୍ରୁଘ୍ନ ମଲ୍ଲିକ ସ୍ଥାନୀୟ ଟରଉନହଲସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନୀଲୁ ମହାପାତ୍ର ଓ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ନେତାଜୀଙ୍କ 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ଆହ୍ୱାନକୁ ଉଜ୍ଜୀବିତ ପାଇଁ ଓୟୁଜେ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ବେଶ ପ୍ରଶଂଶନୀୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମହେଶ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଶିବିରରେ ବିଜୟ କୁମାର ପଟ୍ଟନାୟକ, ବସନ୍ତ ଜେନା, ସ୍ୱାତୀ ସୁଚରିତା ରାଜ ପ୍ରମୁଖ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୫ ଗିରଫ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୭୯,୭୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଶିକ୍ଷାବିତ୍ ରମେଶ ଚନ୍ଦ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ 'ପ୍ରଣମ୍ୟ ରମେଶ ଚନ୍ଦ୍ର' ଉନ୍ମୋଚିତ



ଖୋର୍ଦ୍ଧା,୨୩।୦୧ (ନି.ପ୍ର):ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ସ୍ୱର୍ଗତ ରମେଶ ଚନ୍ଦ୍ର ପାଇକରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ରାଜ୍ୟ ଶିକ୍ଷକ ସଂଘ ନେତା ପ୍ରଫୁଲ୍ଲ କୁମାର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବଂଶୀଧର ଜଗଦେବ, ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ହୃଷୀକେଶ ପ୍ରଧାନ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ବେହେରା, ନାଟ୍ୟକାର ବିଧୂଭୂଷଣ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ରଘୁନାଥ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପାଇକରାୟଙ୍କ ବହୁମୁଖୀ ଗୁଣାବଳୀ ସଂପର୍କରେ ସ୍ମୃତିଚାରଣ କରିଥିଲେ । ତାଂକ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶ ପାଇଥିବା 'ପ୍ରଣମ୍ୟ ରମେଶ ଚନ୍ଦ୍ର' ଶୀର୍ଷକ ଏକ ପୁସ୍ତିକା ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । କୁହୁଡ଼ି ଜନତା ହାଇସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ଶ୍ୟାମସୁନ୍ଦର ପାଇକରାୟଙ୍କ ସୁପୁତ୍ର ଭାବେ ସ୍ୱର୍ଗତ ପାଇକରାୟ ସମସ୍ତଂକର ପ୍ରିୟ ଥିଲେ । ଜୀବଦଶାରେ ଓଡ଼ିଶାର ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ବହୁ ଛାତ୍ରଙ୍କୁ ମଣିଷ କରିଥିଲେ ।

## ଜାତୀୟ ସଡକ ସୁରକ୍ଷା ମାସ ପାଳିତ

# ଦ୍ରୁତଗତିରେ ଦୁର୍ଘଟଣା ବଢ଼ୁଛି : ଜନସଚେତନତା ଜରୁରୀ



ଜଳେଶ୍ୱର, ୨୩/୧ (ନିପ୍ର) : ବାଲେଶ୍ୱର ଜିଲାରେ ୧ ମାସ ଧରି ଜାତୀୟ ସଡକ ସୁରକ୍ଷା ମାସ ଭାବେ ପାଳିତ ହେବାକୁଥିବା ବେଳେ ଆଜି ଜଳେଶ୍ୱର ବସ୍ ମାଲିକ ସଂଘ ଆନୁକୂଲରେ ସଚେତନତା ଶିବିର ପାଳିତ ହୋଇ ଯାଇଛି । ଆଜି ଟାଉନ୍‌ହଲ ପଡିଆ ସମ୍ମୁଖରେ ଆୟୋଜିତ ଉତ୍ସବରେ ବସ୍ ମାଲିକ ସଂଘର ସଂପାଦକ ହରେନ୍ଦ୍ର ଦାସ ସଭାପତିତ୍ୱ କରି ବ୍ୟାପକ ଜନସଚେତନତା ଓ ଜଳେଶ୍ୱର ବସ୍‌ଷ୍ଟାଣ୍ଡ ଅତିଶୀଘ୍ର ୬୦ନଂ ଜାତୀୟ ରାଜପଥକୁ ସ୍ଥାନାନ୍ତର ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଆର୍‌ଟିଓ ରଶ୍ମୀରଂଜନ ଦୋଲବେହେରା ଯୋଗ ଦେଇ ୬୦ନଂ ଜାତୀୟ ରାଜପଥ ଏକ ସମ୍ବେଦନଶୀଳ ରାସ୍ତା ଅଟେ ବୋଲି କହିଥିଲେ । ସୁପ୍ରିମକୋର୍ଟର ନିୟମ ଅନୁଯାୟୀ ବାଇକ୍‌ରେ ୨ଜଣ ଆରୋହୀ ହେଲମଣ୍ଟେପିନ୍ଧିବା, ୪ଚକିଆ ଯାନରେ ସିଟବେଲ୍ଟ ବାନ୍ଧିବା ଜରୁରୁ ବୋଲି ସୂଚନା ଦେଇଥିଲେ । ବାଲେଶ୍ୱର ଜିଲାର ୭୦ଭାଗ ଦୁର୍ଘଟଣା ଜାତୀୟ ରାଜପଥ ୭ଟି ଥାନା ଅଂଚଳରେ ୨୫ଭାଗ ଦୁର୍ଘଟଣା ଘଟୁଥିବାରୁ ପ୍ରତ୍ୟେକେ ସଚେତନ ହେବା ଉଚିତ ବୋଲି କହିଥିଲେ । ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ନେଇଯାଇଥିବା ବ୍ୟକ୍ତିଙ୍କୁ ୨ହଜାର ଟଙ୍କା ମିଳିବାର ବ୍ୟବସ୍ଥା ଥିଲାବେଳେ ଅଜଣାଗାଡି ଧକ୍କାରେ ମୃତ ବ୍ୟକ୍ତିଙ୍କୁ ୨ଲକ୍ଷ ଟଙ୍କା ଏବଂ ଆହତ ମାନଙ୍କୁ ୫୦ହଜାର ଟଙ୍କାର ସହାୟତା ସଂପର୍କରେ କହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନେତାଜୀଙ୍କ ୧୨୫ତମ ....

ଏହି କଟକରେ ଜନ୍ମ ହୋଇଥିଲେ ଓ ବଡ ମଧ ହୋଇଥିଲେ । ଏହି କଟକ ମାଟି ତାଙ୍କୁ ସେବା ଓ ସଂଗ୍ରାମର ମନ୍ତ୍ରରେ ଦୀକ୍ଷିତ କରିଥିଲା । ତେଣୁ ନେତାଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବରେ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେ ଯେତେବେଳେ ବି ନେତାଜୀଙ୍କ ଜନ୍ମସ୍ଥାନକୁ ଯାଇଛନ୍ତି, ସେତେବେଳେ ସେ ଭାବୁକ ହୋଇଯାନ୍ତି । ଦେଶ ପାଇଁ ଓ ଜାତି ପାଇଁ ନେତାଜୀଙ୍କ ଅସୀମ ତ୍ୟାଗକୁ କେହି କେବେ ଭୁଲିପାରିବ ନାହିଁ ବୋଲି ସେ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମକୁ ଶକ୍ତିଶାଳୀ କରିବାରେ ତାଙ୍କର ଭୂମିକା ଥିଲା ଅତୁଳନୀୟ । ନେତାଜୀଙ୍କ ଦେଶଭକ୍ତି ଓ ସାହସ ଭାରତ ଇତିହାସରେ ଏକ ଗୌରବମୟ ଗାଥା ହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଟକ ନେତାଜୀ ବସ୍ ଟର୍ମିନାଲକୁ ଦେଶର ଏକ ମଡେଲ ବସ୍ ଟର୍ମିନାଲ ଭାବରେ ଗଢାଯିବ । ଏଠାକୁ ଆସୁଥିବା ସମସ୍ତଙ୍କ ମନରେ ନେତାଜୀଙ୍କ ସ୍ମୃତି ଯେପରି ଜାଗ୍ରତ ହୋଇପାରିବ, ସେଥିପାଇଁ ପଦକ୍ଷେପ ନିଆଯିବ । ନେତାଜୀଙ୍କର ଜୀବନୀ ଓ ସଂଗ୍ରାମର ଝଲକ ସବୁଠାରେ ଦେଖିବାକୁ ମିଳିବ ଏବଂ ଏଠାକୁ ଆସୁଥିବା ପ୍ରତିଟି ଲୋକ ନେତାଜୀଙ୍କ ସାହସ ଓ ଦେଶଭକ୍ତିର ବାର୍ତ୍ତା ନେଇ ଫେରିବ । ଏହି ବସ୍ ଟର୍ମିନାଲ ହଜାର ବର୍ଷର ସହର କଟକର ଗରିମାକୁ ଆହୁରି ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

### ବିଜେଡିର କ୍ରିକେଟ...

ଖେଳକୁ ଆୟୁଧ କରି ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ଭୋଟ ବ୍ୟାଙ୍କ୍ ବନାଇ ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନ ବୈତରଣୀ ପାରି ହେବାକୁ ବିଜେଡିର ରଣନୀତି ବୋଲି କହିଛନ୍ତି ବିରୋଧୀ । ୨୦୧୨ ଅପେକ୍ଷା ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ବିଜେଡି । ୨୦୧୨ରେ ବିଜେଡି ୬୫୪ଟି ଜିଲ୍ଲା ପରିଷଦ ଆସନ ଦଖଲ କରିଥିବାବେଳେ ୨୦୧୭ରେ ଏହା ଖସି ୪୭୩ଟି ସିଟ୍‌ରେ ସୀମିତ ରହିଥିଲା । ରାଜନୈତିକ ସମୀକ୍ଷକଙ୍କ ମତ, ଏହି ସମୟରେ ବିଜେଡି ଅପେକ୍ଷା ବିଜେପି ପ୍ରତି ଆକୃଷ୍ଟ ହୋଇଥିବା ଯୁବ ଏବଂ ଛାତ୍ର ଗୋଷ୍ଠୀଙ୍କ ଅଧିକାଂଶ ଭୋଟ୍ ବିଜେପି ଖାତାକୁ ଯାଇଥିଲା । ତେଣୁ ସେହି ଭୋଟରଙ୍କୁ ଏବେ ଆକର୍ଷିତ କରିବାକୁ ଯାଇ ବିଜେଡି ଏବେ ଏହି କ୍ରୀଡ଼ା ରଣନୀତି ଆପଣାଇଛି ।

### ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ...

"ଦେଶଭକ୍ତି ସଙ୍ଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ" ଆୟୋଜନ କରାଯାଇଥିଲା । ସେହିପରି ଓଡ଼ିଆ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ଲୋକନୃତ୍ୟ ଓ ଓଡ଼ିଆ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା ।

### ସାରା ଦେଶବାସୀ ସୁଭାଷଙ୍କ ....

ପୀଢି ପରେ ପୀଢି ନେତାଜୀଙ୍କୁ ମନେ ରଖିଛି । ଏହି କାରଣରୁ ଏଣିକି ପ୍ରତିବର୍ଷ ନେତାଜୀଙ୍କ ଜୟନ୍ତୀଙ୍କୁ ପରାକ୍ରମ ଦିବସ ଭାବେ ପାଳନ କରାଯିବ ବୋଲି ମୋଦୀ କହିଥିଲେ । ଅନ୍ୟପଟେ ଆଜିର ଏହି ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଖପ୍ପା ଥିବା ଦେଖିବାକୁ ମିଳିଥିଲା । ସେଠାରେ ଉପସ୍ଥିତ ଜନତା ଜୟ ଶ୍ରୀ ରାମ ନାରା ଦେଇଥିବାବେଳେ ମମତା ଏହାକୁ ନେଇ ରାଗି ଯାଇଥିଲେ । ଏପରିକି ସେ ମଞ୍ଚ ଉପରେ ଉଦବୋଧନ ଦେବାକୁ ମନା କରିଦେଇଥିଲେ । ନେତାଜୀ ଜୟନ୍ତୀକୁ ନେଇ ଏବେ ପଶ୍ଚିମବଙ୍ଗ ରାଜନୀତି ଜୋର୍ ଧରିଛି । ବିଜେପି ଏହାକୁ ପରାକ୍ରମ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିବାବେଳେ ମମତା କିନ୍ତୁ ଏହାକୁ ଦେଶନାୟକ ଦିବସ ଭାବେ ପାଳନ କରିବାକୁ କହିଥିଲେ । ଯାହାକୁ ନେଇ ଏକ ବଡ ବିବାଦ ବସା ବାନ୍ଧିଛି ।

### ବିଶିଷ୍ଟ ସମାଜସେବୀ...

ଆଇନଜୀବୀ ତପନ ପତି ଏଥିରେ ପୌରୋହିତ୍ୟ କରିଥିଲେ । ଉତ୍କଳ ଶିକ୍ଷା ପରିଷଦର ଅନ୍ୟତମ ସମ୍ପାଦକ ଯୋଗେନ୍ଦ୍ର ଦାଶ ବିବରଣୀ ପାଠ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ବାରିକ, ଭଗବାନ ବେହେରା, ସୁରଜ ବାରିକ, ଶରତ ପଟ୍ଟନାୟକ, ଜ୍ୟୋତି ପ୍ରକାଶ ଦାସ, ଦେବାଶିଷ ଦାସ, କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ଯୋଗେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଏଥିରେ ଯୋଗଦେଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଞ୍ଜନ ଚାନ୍ଦ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ନେତାଜୀ ଜୟନ୍ତୀରେ .....

ଜନତା ଜୟ ଶ୍ରୀ ରାମର ନାରା ଦେଇଥିଲେ । ଯେଉଁଥିରେ ଖପ୍ପା ହୋଇ ମମତା ନିଜେ ଉଦବୋଧନ ଦେବାକୁ ମନା କରିଦେଇଛନ୍ତି । ଏଥିସହ ଏହା କୌଣସି ଦଳୀୟ କାର୍ଯ୍ୟକ୍ରମ ନୁହେଁ । କାହାକୁ ଏପରି ଅପମାନ କରିବା ଠିକ୍ ନୁହେଁ ବୋଲି ମମତା କହିଛନ୍ତି । ନେତାଜୀ ଜୟନ୍ତୀଙ୍କୁ ନେଇ ଏବେ ପଶ୍ଚିମବଙ୍ଗ ରାଜନୀତି ଜୋର ଧରିଛି । କେନ୍ଦ୍ର ସରକାର ଏହି ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିବାବେଳେ ମମତା କିନ୍ତୁ ଏହାର ବିପରୀତ କରିଛନ୍ତି । ପଶ୍ଚିମବଙ୍ଗରେ ଏହାକୁ ଦେଶନାୟକ ଦିବସ ଭାବେ ପାଳନ କରାଯାଇଛି । ଏହାବାଦ୍ ମମତା ଆଜି ଦୀର୍ଘ ୯ କିଲୋମିଟର ଧରି ଏକ ପଦଯାତ୍ରା ମଧ କରିଛନ୍ତି । ଏଥିରେ ଟିଏମସିର ତମାମ ନେତାଙ୍କ ସହିତ ହଜାର ହଜାର ଲୋକ ସାମିଲ ଥିଲେ ।

### ସ୍କୁଲକୁ ଆସିଛି ୬ କୋଟି...

ଅଡ଼ଶପୁର ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ୫ କୋଟି ୯୨ ଲକ୍ଷ ୭୨ ହଜାର ୭୮୪ ଟଙ୍କାର ବିଜୁଳି ବିଲ୍ ଆସିଥିଲା । ଏହି ବିଲ୍ ପାଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ରାଣୀ ସାହୁ ଚିନ୍ତାରେ ପଡ଼ି ଯାଇଥିଲେ । ସେ ଏନେଇ ଅଡ଼ଶପୁର ବିଦ୍ୟୁତ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ । ବିଦ୍ୟୁତ ବିଭାଗର ଯନ୍ତ୍ରୀ ଏହି ତୃଟିକୁ ସ୍ୱୀକାର କରିବା ସହିତ ମାସେ ମଧରେ ତୃଟି ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଇତି ମଧ୍ୟରେ ବର୍ଷେରୁ ଅଧିକ ସମୟ ବିତିଗଲାଣି । ବିଦ୍ୟୁତ ବିଭାଗ ତୃଟି ସଂଶୋଧନ କରିବା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଛି । ବିଦ୍ୟୁତ ବିଲ୍ ତୃଟି ନେଇ ଅଡଶପୁର ବିଦ୍ୟୁତ କାର୍ଯ୍ୟାଳୟ ଯନ୍ତ୍ରୀ ବଇଦିକ ରଞ୍ଜନ ବିଶ୍ୱାଳ କହିଛନ୍ତି, ବୈଷୟିକ ତୃଟି ପାଇଁ ହୋଇଥିଲା । ଏବେ ସଂଶୋଧନ କରାଯାଇଛି । ତେବେ ଏଠି ପ୍ରଶ୍ନ ଉଠୁଛି, ଯଦି ବିଦ୍ୟୁତ ବିଭାଗର ଏହା ବୈଷୟିକ ତୃଟି, ତାହାହେଲେ ସଂଶୋଧ କାହିଁକି ହେଉନି ? ଏଥିପାଇଁ ପାଇଁ ବର୍ଷେରୁ ଅଧିକ କାହିଁକି ଲାଗୁଛି ? ଏହା ପଛରେ ବିଦ୍ୟୁତ ବିଭାଗର ଅନ୍ୟ କୌଣସି କାରଣ ନାହିଁ ତ ?

### ଖରିଫ୍ ଧାନକିଣାରେ ....

ଚାଷୀଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ଅଧିକାରୀ ଓ ଶାସକ ଦଳ ନେତାଙ୍କୁ ବିରୁଦ୍ଧରେ କାହିଁକି ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି ବୋଲି ବିଜେପି ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ମୋହନ ଦାସ ପ୍ରଶ୍ନ କରିଛନ୍ତି । ପୂର୍ବରୁ ଖୋଦ୍ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ବେନାମି କୃଷିଋଣ ଓ ଅନେକ ନିରୀହ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ ଋଣ ଉଠାଇ ଅର୍ଥ ତୋଷାରପାତ ଘଟିଛି । ଏହି ଦୁର୍ନୀତିରେ କିଛି ବିଚରା ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରି ଘଟଣାକୁ ଚପାଇ ଦେବାକୁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରିଥିଲେ । ଠିକ୍ ସେହିପରି ଆଜି ରାଜ୍ୟର ୩୫ଟି ମଣ୍ଡିରୁ ୯୦% ଭାଗ ମଣ୍ଡିର ଧାନକିଣାରେ ବ୍ୟାପକ ଦୁର୍ନୀତି ଚାଲୁଥିବା ବେଳେ ମାତ୍ର ୧୫ଜଣ ନିରୀହ ସମ୍ପାଦକଙ୍କୁ ନିଲମ୍ବନ ସରକାର ନିଜ ଉପରୁ ଧୂଳି ଝାଡିବାକୁ ଉଦ୍ୟମ କରିଛନ୍ତି । ପଡୋଶୀ ରାଜ୍ୟ ଛତିଶଗଡ ଏବଂ ମଧ୍ୟପ୍ରଦେଶକୁ ରାଜ୍ୟ ସରକାର ନିଜେ ଯାଇ ମଣ୍ଡି ପରିଚାଳନା ଓ ଧାନ କିଣାର ବ୍ୟବସ୍ଥା ଦେଖିଆସିବା ସହ ଓଡିଶାର ଗ୍ରାଉଣ୍ଡ ଜିରୋ ମଣ୍ଡିମାନଙ୍କୁ ଯାଇ ତାହାର ମାନ ପରଖନ୍ତୁ ବୋଲି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି ।

# ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନମାନଙ୍କରେ ନେତାଜୀ ଜୟନ୍ତୀ ପାଳିତ



ଧାମନଗର,୨୩।୦୧ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରେ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲକାଲାମ ପାଠାଗାର କେନ୍ଦ୍ର ପରିସରରେ ବରିଷ୍ଠ ନାଗରିକ ପରିଷଦ ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ନିରାଡ଼ମ୍ବର ଭାବେ ପାଳନ ହୋଇଯାଇଛି । ଏଥିରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଧାମନଗର ଜିଲ୍ଲା ପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନୀତି, ଆଦର୍ଶ ଓ ଜିବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ରାମଚନ୍ଦ୍ର ସାହୁ, ମହେଶ୍ୱର ସ୍ୱାଇଁ, ଲକ୍ଷ୍ମୀଧର ପାଗଳ, ନିରାକାର ଧଳ, ଭାସ୍କର ସାମଲ, ପ୍ରିୟ ରଂଜନ ସାମଲ, ବିଦ୍ୟାଧର ରାଉତ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଜୀବନି ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଧାମନଗର ଏନ୍‌ଏସି ଅନ୍ତର୍ଗତ ଅନନ୍ତକେଶରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜୟନଗର ଠାରେ ମହାଜାତିର ମହାନ ନାୟକ, କ୍ରାନ୍ତିର କିମ୍ବଦନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଅଧକ୍ଷତା କରିଥିଲେ ଶିକ୍ଷାବିତ୍ ନିରାକାର ଧଳ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ମନୋଜ କୁମାର ଜେନା, ସାମ୍ବାଦିକ ସୁଧାକର ଦାଶ ଯୋଗଦେଇ ସ୍ୱର୍ଦ୍ଧିତ ପୌରୁଷର ସ୍ପନ୍ଦିତ ପ୍ରଭାବୀ ସଂଗ୍ରାମୀ ସୁଭାଷ ବୋଷଙ୍କ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଭାରତୀୟ ମାହାଜାତିର ମହାନାୟକ ତଥା ମହାନ ପୁରୁଷ ସୁଭାଷ ବୋଷ ଥିଲେ ସମଗ୍ର ବିଶ୍ୱର ଏକ ବରଣୀୟ ବୈପ୍ଲବିକ ବ୍ୟକ୍ତିତ୍ୱ ବୋଲି ସମ୍ମାନିତ ଅତିଥି ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ । ଦୀର୍ଘ ୨ଶହ ବର୍ଷର ପରାଧିନତାର ଅନ୍ଧକାର ଭିତରେ ଶାଣିତ ସୂର୍ଯ୍ୟ, ଅନବଦ୍ୟ ଆବେଗର ଆଗ୍ନେୟ ଗିରି, ବୈପ୍ଳବିକ ବିରତ୍ୱର ମହାନ ମଶାଲ ଓ ମୁକ୍ତି ପଥର ଅଗ୍ରଦୂତ ଥିଲେ ନେତାଜୀ ସୁଭାଷ ବୋଷ ବୋଲି ସଭାର ସଭାପତି ଶ୍ରୀ ଧଳ ତାଙ୍କ ବକ୍ତବ୍ୟରେ କହିଥିଲେ । ସେହି ମହାନ ବିପ୍ଳବି ନେତାଙ୍କ ଜୟନ୍ତୀ ନିରାଡ଼ମ୍ବର ଭାବେ ଧାମନଗର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପାଳନ କରାଯାଇଛି ।

# ମସ୍କୋ ଗୋଲ୍ଡ ସମ୍ମାନିତ କୁସ୍ତିଯୋଦ୍ଧା ଗୋପାଳକୃଷ୍ଣଙ୍କ ପରଲୋକ




ଭଦ୍ରକ,୨୩।୦୧ (ନି.ପ୍ର): ୧୯୮୦ ମସିହାରେ ମସ୍କୋଠାରେ ଅନୁଷ୍ଠିତ ଅଲିମ୍ପିକ କ୍ରୀଡାର କୁସ୍ତି ବିଭାଗର ସ୍ମାରକୀ ଭାବେ ରୁଷିଆର ଭାଇସ୍ କନ୍‌ସୋଲ ଏଲ.ଏନ୍. ଖୋକ୍‌ଲେଙ୍କ ଦ୍ୱାରା ପ୍ରଦତ୍ତ କୁସ୍ତିକ୍ଷେତ୍ରରେ ଶ୍ରେଷ୍ଠ ସମ୍ମାନ 'ମସ୍କୋ ଗୋଲ୍ଡ' ପଦକ ଓ ବ୍ଲେଜର ପ୍ରାପ୍ତ ବିଶିଷ୍ଟ କୁସ୍ତିଯୋଦ୍ଧା ଭଦ୍ରକର ଗର୍ବ ଓ ଗୌରବ ତଥା ଚର୍ଚ୍ଚିତ 'ମିରାକିଲ୍' ବସ୍‌ର ମାଲିକ ଗୋପାଳକୃଷ୍ଣ ମହାପାତ୍ରଙ୍କର ଆଜି ପରଲୋକ ହୋଇ ଯାଇଛି । ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ଲୋକ ଶୋକ ବ୍ୟକ୍ତ କରିଥିବା ବେଳେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଟୁଇଟ୍ କରି ଶୋକବ୍ୟକ୍ତ କରିଛନ୍ତି । ମରଶରୀର ଭଦ୍ରକରେ ପହଞ୍ଚିବା ପରେ ରାଜ୍ୟ ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ନରେନ ପଲେଇ, ଡାକ୍ତର ପ୍ରଦୀପ ନାୟକ, ରୋଟାରିଆନ ଶିଶିର ମିଶ୍ର, ରୋଟାରିଆନ ଅତିସ୍ କୁମାର ବେହେରା, ରୋଟାରିଆନ ପ୍ରୀତିରଂଜନ ଜେନା, କଚେରୀବଜାର ପୁଷ୍ପ ସଂଘ, ସୂର୍ଯ୍ୟଶିକ୍ଷା କ୍ଲବ, ସତ୍ୟସାଇ ଭଜନ ମଣ୍ଡଳୀ ଭଳି ସଂଗଠନର କର୍ମକର୍ତ୍ତା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, କ୍ରୀଡାପ୍ରେମୀ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଶ୍ରଦ୍ଧା ନିବେଦନ କରିଥିଲେ । ଗୋପାଳକୃଷ୍ଣ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ପୂର୍ବ ମହାରାଷ୍ଟ୍ର, ବିହାର, ହାଇଦ୍ରାବାଦ୍‌ର ଜାତୀୟ କୁସ୍ତି ପ୍ରତିଯୋଗିତା ଆଦିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । କୁସ୍ତି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ରୁଷିଆର ଭାଇସ୍ କନସୋଲ ତାଙ୍କୁ ମସ୍କୋ ଗୋଲ୍ଡ ସମ୍ମାନ ୧୯୮୪ରେ ପ୍ରଦାନ କରିଥିଲେ ।

## ପାରାଦୀପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ପାଳିତ

ପାରାଦୀପ,୨୩।୦୧ (ନି.ପ୍ର): ମହାନ ସ୍ୱାଧୀନତା ସଂଗ୍ରାମୀ ଓଡିଶା ମାଟି ର ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଙ୍କ ୧୨୫ ତମ ଜୟନ୍ତୀ ପାରାଦୀପ ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି । ପାରାଦୀପ ର ବିଜୁ ପଟ୍ଟନାୟକ ମେମୋରିଅଲ ଟ୍ରଷ୍ଟ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଙ୍କ ୧୨୫ ତମ ଜୟନ୍ତି ଅବସରରେ ଏକ ଆଲୋଚନା ଚକ୍ର ଟ୍ରଷ୍ଟ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟ ର ସାଧାରଣ ସଂପାଦକ ତଥା ପୂର୍ବତନ ନଗରପାଳ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମାରୋହ ରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସ, ପାରାଦୀପ ମହାବିଦ୍ୟାଳୟ ର ଇତିହାସ ବିଭାଗ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ଆଇନ୍‌ଜୀବୀ ସୁରେଶ ଚନ୍ଦ୍ର ଦାସ, ପାରାଦୀପ ନଗର ବିଜେଡି ର କାର୍ଯ୍ୟକାରୀ ସଭାପତି କୁମରବର ନାୟକ,ଉଲ୍ଲସ ବିଶ୍ୱାଳ, ସାଧାରଣ ସଂପାଦକ ଶଂକର ପ୍ରସାଦ ରାଉତ ଯୋଗ ଦେଇଥିଲେ । ସମାରୋହ କୁ ପରିଚାଳନା କରିଥିଲେ ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର । ସେହିପରି ବଡପଡିଆ ର ସର୍ବପୁରାତନ ଜ୍ୟୋତି ମହିଳା ସମିତି ପକ୍ଷରୁ ମହିଳା ସମିତି ର ବାର୍ଷିକୋତ୍ସବ ଓ ନେତାଜୀ ଜୟନ୍ତି ପାଳିତ ହୋଇଯାଇଛି । କ୍ଲବ ର ସଭାନେତ୍ରୀ ପୁଷ୍ପାଂଜଳୀ ମିଶ୍ର ଏହି କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିଲେ । ପୂର୍ବତନ ପାରିଷଦ ମାନସ ରଂଜନ ବିଶ୍ୱାଳ ଙ୍କ ସମେତ ପାରାଦୀପ ଲେଡିଜ୍ କ୍ଲବ୍ ର ସଦସ୍ୟା ମାନେ ଯୋଗ ଦେଇ ନେତାଜୀ ଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମ କୁ ପ୍ରିୟତମା ଦାସ,ଲିପିକା ସାହୁ,ମୋନାଲିସା ସାହୁ ପରିଚାଳନା କରିଥିଲେ । ସେହିପରି ନେତାଜି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବଡପଡିଆସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ନେତାଜି ମେମୋରିଆଲ ଟ୍ରଷ୍ଟ ର ସାଧାରଣ ସଂପାଦକ ପବିତ୍ର ମିଶ୍ର ପୌରହିତ୍ୟ କରିଥିଲେ । ଟ୍ରଷ୍ଟ ର ସଭାପତି ରାକେଶ ପଟ୍ଟନାୟକ, ପୂର୍ବତନ ନଗରପାଳ ବସନ୍ତ ବିଶ୍ୱାଳ, ନାରୀ ନେତ୍ରୀ ସବିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ପଥର ଶିଳ୍ପୀଙ୍କୁ ସମ୍ମାନିତ



ନୀଳଗିରି,୨୩।୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଧୀନ କାଣ୍ଡଗରଡ଼ି ଗ୍ରା.ପ.ର ବଉଳଗଡ଼ିଆ ଗ୍ରାମର ନିତ୍ୟାନନ୍ଦ ସ ଙ୍କୁ କଳାକୃତି ସମ୍ମାନ-୨୦୨୧ରେ ମନ୍ତ୍ରୀ ପଦ୍ମିନୀ ଦ୍ୟାନ ଓ ମନ୍ତ୍ରୀ ଅଶୋକ ପଣ୍ଡା ସମ୍ମାନିତ କରିଛନ୍ତି । ବିବରଣୀରୁ ପ୍ରକାଶ ୧୫ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ୨୦୨୧ ଓଡ଼ିଶା ସରକାର ଙ୍କ ହସ୍ତତନ୍ତ , ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଭୁବନେଶ୍ୱର ର ଜନତା ମଇଦାନ ଠାରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ମନ୍ତ୍ରୀଙ୍କ ଦ୍ୱାରା ନିତ୍ୟାନନ୍ଦ ସ ଙ୍କୁ ଏହି ସମ୍ମାନରେ ସମ୍ମାନୀତ କରିଛନ୍ତି । ନିତ୍ୟାନନ୍ଦ ସ ଔପଦା ଅଂଚଳରେ ଜଣେ ଭଲ ପଥର ଶିଳ୍ପୀ ଭାବେ ପରିଚିତ ଅଟନ୍ତି । ସେ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପଥର କାମ କରି ପ୍ରସିଦ୍ଧି ଲାଭ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଉତ୍ସବରେ ସମ୍ପାଦକ ଶୁଭା ଶର୍ମା, ନିର୍ଦ୍ଦେଶକ ବସନ୍ତ କୁମାର ଦାସ, ସ୍ପେଶାଲ ଅଫିସର ସନାତନ ନାୟକ ମଂଚରେ ଉପସ୍ଥିତ ଥିଲେ । ଶ୍ରୀ ସ ତାଙ୍କ ପ୍ରତିକ୍ରିୟାରେ ଓଡ଼ିଶା ସରକାର ଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗକୁ ଭଲ କାମ କରିବେ ବୋଲି ପ୍ରକାଶ କରିଛନ୍ତି ।

## କୋଣାର୍କରେ ଗଢିଲା ସୂର୍ଯ୍ୟ ରଥ

ପୁରୀ,୨୩।୦୧ (ନି.ପ୍ର): ଆଜି ପବିତ୍ର ଶାମ୍ବ ଦଶମୀ ତିଥିରେ ଅର୍କକ୍ଷେତ୍ର କୋଣାର୍କରେ ଗଢିଛି ସୂର୍ଯ୍ୟ ରଥ । କୋଣାର୍କ ମନ୍ଦିର ନିକଟ ଅବଧୂତ ମଠ ଠାରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପର୍ଯ୍ୟନ୍ତ ସୂର୍ଯ୍ୟ ରଥ ଗଢିଛି । ଶାମ୍ବ ଦଶମୀ ଠାରୁ ମାଘ ଶୁକ୍ଳ ସପ୍ତମୀ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଦେବଙ୍କ ଚଳନ୍ତି ପ୍ରତିମା ମିତ୍ରାଦିତ୍ୟ ସେଠାରେ ଅବସ୍ଥାନ କରିବା ପରେ ମାଘ ସପ୍ତମୀ ଦିନ ବାହୁଡ଼ା ଯାତ୍ରାରେ ଏହି ସୂର୍ଯ୍ୟରଥ ଫେରିବ । କିମ୍ବଦନ୍ତୀ ଅନୁଯାୟୀ, ଶ୍ରୀ କୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠ ରୋଗରେ ପୀଡ଼ିତ ହୋଇ କୋଣାର୍କ ଠାରେ ସୂର୍ଯ୍ୟଦେବଙ୍କୁ ତପସ୍ୟା କରିବା ସହ ରୋଗରୁ ମୁକ୍ତି ପାଇଥିଲେ । ଏହି ବିଶ୍ୱାସରେ ରାଜ୍ୟ ତଥା ରାଜ୍ୟ ବାହାରେ ଘରେ ଘରେ ଶାମ୍ବ ଦଶମୀ ପାଳିତ ହେଉଛି ।

## 'ଶିବସେନା'ପ୍ରତିଷ୍ଠାତା ବାଲାସାହେବ ଠାକରେ ଜୟନ୍ତୀ





ବାଲେଶ୍ୱର,୨୩।୦୧ (ନି.ପ୍ର): ଶିବସେନା ବାଲେଶ୍ୱର ଶାଖା ପକ୍ଷରୁ ଦଳର ପ୍ରତିଷ୍ଠାତା ବାଲା ସାହେବ ଠାକରେଙ୍କ ୯୫ ତମ ଜୟନ୍ତୀ ସହରର ନୂଆବଜାରସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଶନିବାର ଦିନ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା ସଭାପତି ପଦ୍ମଲୋଚନ ପତି ଅଧ୍ୟକ୍ଷତା କରିବା ସହିତ ବାଲା ସାହେବଙ୍କ ନୀତି ଆଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ । ସାମ୍ପ୍ରତିକ ସ୍ଥିତିରେ ହିନ୍ଦୁ ସମାଜ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ ସହ ହିନ୍ଦୁ ଏକତା ବଜାୟ ରଖିବା ପାଇଁ ଶ୍ରୀ ପତି ସମସ୍ତଙ୍କୁ ଆହ୍ୱାନ ଦେଇଥଲେ । ସମାଜସେବୀ ଅଜୟ କୁମାର ବିଶ୍ୱାଳ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲାସାହେବଙ୍କ ବିଚାରଧାରା, ଦେଶପ୍ରେମ ଏବଂ ସଂଘର୍ଷମୟ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ଶିବସେନାର ଉତ୍ତର ଓଡିଶା ସମ୍ପର୍କ ମୁଖ୍ୟ ଅକ୍ଷୟ କୁମାର ଦାସ ଏବଂ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଲାସାହେବଙ୍କ ରାଷ୍ଟ୍ରବାଦୀ ବିଚାରଧାରା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ବିଶ୍ୱଜିତ ଦାସ, ରଞ୍ଜନ କୁମାର ବାରିକ, ସୁରେଶ କୁମାର ପଣ୍ଡା, ସ୍ୱର୍ଗତଃ ସନାତନ ଦାସ, ପ୍ରମୋଦ କୁମାର ଦାସ, କମଳାକାନ୍ତ ପାତ୍ର, ଗୌରାଙ୍ଗ ପ୍ରଧାନ ଏବଂ ଚିତ୍ତରଞ୍ଜନ ଦାଶ ପ୍ରମୁଖଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ବେହେରା, ମନୋରଂଜନ ପରିଡ଼ା, ଅରବିନ୍ଦ ଆଚାର୍ଯ୍ୟ, ସୁଶାନ୍ତ କୁମାର ସ୍ୱାଇଁ, ଫୁନା ମହାପାତ୍ର, ରତନ କୁମାର ପାତ୍ର, କମଳାକାନ୍ତ ସ, ଯୋଗେନ୍ଦ୍ର ଦାସ, ଅଜୟ ମଲ୍ଲିକ, ସୁରେଶ ଚନ୍ଦ୍ର ରଣା, ସୀତାରାଣୀ ଜେନା, ଉମେଶ କମିଳା, ଉଦ୍ଧବ କୁମାର ଜେନା, ସନ୍ତୋଷ ସିଂ, ଗଙ୍ଗାଧର ବିନ୍ଧାଣୀ, ବିଚିତ୍ର କୁମାର ନନ୍ଦ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

## ବର୍ଷୀୟାନ କବି ବାଞ୍ଛାନିଧି ପଣ୍ଡାଙ୍କ ୧୦୩ତମ ଜୟନ୍ତି ପାଳିତ

ଖଇରା,୨୩।୦୧ (ନି.ପ୍ର): କବି ବାଂଛାନିଧି ପଣ୍ଡାଙ୍କ ୧୦୩ତମ ଜନ୍ମ ଜୟନ୍ତି ବଣପାରିଆ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱ କାରିଥିବା ବେଳେ । କାର୍ଯ୍ୟକାରୀ ସଂପାଦକ ରଘୁନାଥ ପାତ୍ରୀ ସଂପାଦକୀୟ ପାଠ କରିଥିଲେ । କବି ପତ୍ନୀ ମାତା ଇନ୍ଦୁମତୀ ଦେବୀ ଉଦ୍‌ଘାଟନ କରିଥିଲା ବେଳେ ପଣ୍ଡିତ ବୁଦ୍ଧିରାମ ପାଣୀଗ୍ରାହି ବେଦପାଠ କରିଥିଲେ । ଉକ୍ତ ଅନୁଷ୍ଠାନର ସଂପାଦକ କବି ରାଧାଶ୍ୟାମ ପଣ୍ଡା କବି ବଂଛାନିଧିଙ୍କର ଗ୍ରନ୍ଥାବଳୀ ଉପରେ ଆଲୋକପାତ କରିଥିଲେ । ପ୍ରଫେସର ବ୍ରଜ ମୋହନ ମିଶ୍ର, ସମାଜ ସେବୀ ନରହରୀ ମହାନ୍ତି ଓ ଡ଼ ଭଗବାନ ବେହେରା କବିଙ୍କ ପ୍ରତି ଶ୍ରଦ୍ଧା ସମ୍ମାନ ଅର୍ପଣ କରିଥିଲେ । ପୁତ୍ର ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ପଦ୍ମନାଭ ଶନ୍ଦିବିଗ୍ରହ କବିତାରେ ତାଙ୍କର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମବାସୀ ଓ ବଣପାରିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ କବିଙ୍କ ଫଟୋରେ ପୁଷ୍ପ ଗୁଚ୍ଛ ଅର୍ପଣ କରି କବିଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ନୌ ସେନାର କର୍ମଚାରୀ ଉଦୟ କୁମାର ପଣ୍ଡା କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କବି ଆମ ଅଂଚଳ ପାଇଁ ଗୌରବ ବୋଲି ପ୍ରକାଶଥିଲେ । ସର୍ବଶେଷରେ ପୁତ୍ରବଧୂ ସ୍ନେହଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇନଜୀବି ରବିନ୍ଦ୍ର କୁମାର ଧଳଙ୍କ ବିୟୋଗରେ ପାଠକ ମଞ୍ଚ ଉଦଳା ତରଫରୁ ଶୋକସଭା ଅନୁଷ୍ଠିତ



ଉଦଳା,୨୩।୦୧ (ନି.ପ୍ର): ଧ୍ୱନି ପ୍ରତିଧ୍ୱନି ଖବର କାଗଜର ଜଣେ ନିୟମିତ ପାଠକ , ଉଦଳା ସହରର ୱାର୍ଡ଼ ନଂ-୫ର ବାସିନ୍ଦା, ଆଇନଜୀବି ରବିନ୍ଦ୍ର କୁମାର ଧଳଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଆଜି ଜାନୁଆରୀ ୨୩ ତାରିଖ ଶନିବାର ଦିନ ପାଠକ ମଞ୍ଚ ଉଦଳା ତରଫରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ପ୍ରଥମେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ସାମ୍ବାଦିକା ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଆଇନଜୀବି ସତ୍ୟବ୍ରତ ମିଶ୍ର ଓ ରଜତ କୁମାର ମହାପାତ୍ର, ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଶ୍ୟାମସୁନ୍ଦର ପଣ୍ଡା, ସୁବାସିନି ବେହେରା, ଏକଲ ଅଭିଯାନର କର୍ମୀ ମହେନ୍ଦ୍ର ମାର୍ଣ୍ଡି ଓ ଇତି ମିଶ୍ର, ସାମ୍ବାଦିକ ଶୁଭାଶିଶ ପତି ଓ ସୁବ୍ରତ କୁମାର ମହାନ୍ତି, ଅଧ୍ୟାପକ ସୌମେନ୍ଦ୍ର କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷକ ରବିକାନ୍ତ ମହାପାତ୍ର ଓ ସଂଗଠକ ମନୋରଂଜନ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରି ଧଳ ବାବୁଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ଧଳ ବାବୁଙ୍କର ସରଳତା କିପରି ସମସ୍ତଙ୍କୁ ଆକୃଷ୍ଟ କରିଥିଲା ସେ ସମ୍ପର୍କରେ ଆଲୋଚନା କରିଥିଲେ ।

## ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜର ନୂତନ କର୍ମକର୍ତ୍ତା ନିଯୁକ୍ତି



ବାଲେଶ୍ୱର,୨୩।୦୧ (ନି.ପ୍ର): ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘଦିନ ପରେ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ନୂତନ ଦୁଇ ସମ୍ପାଦକ ନିଯୁକ୍ତି କରାଯାଇଅଛି ଓ ସଭାପତି ଶ୍ରୀ ପ୍ରଭାକର ପଲେଇ, ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଫକୀରମୋହନ କଲେଜର ମୁଖ୍ୟ ଚିକିତ୍ସାଳୟରେ ସମ୍ପାଦକ ଭାବେ ଶ୍ରୀ ଶଶଧର ରଣଜିତ ନିଯୁକ୍ତ ପାଇଥିବାରୁ ସମସ୍ତ ଉଚ୍ଚପଦସ୍ଥ ସ୍ୱାସ୍ଥ୍ୟ ବିଭାଗ କର୍ମଚରୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ରୋଗୀଙ୍କଠାରୁ ଆରମ୍ଭ କରି ମୋ କର୍ମଚାରୀମାନଙ୍କର ସୁଖଦୁଃଖର ସାଥୀ ହୋଇ କାର୍ଯ୍ୟ କରିବି । ମେଡ଼ିକାଲ କଲେଜ ସଭାପତି ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଭାବେ ଶ୍ରୀ ଅଶୋକ ଗୋଚ୍ଛାୟତଙ୍କୁ ନିର୍ବାଚିତ କରାଯାଇଥିବାରୁ ରାଜ୍ୟ ସଭାପତି ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାୀମାନଙ୍କୁ ଧନ୍ୟବାଦ୍ ଜଣାଉଅଛୁ ।

## ଜୟନ୍ତୀରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଆଦିବାସୀ ତଥା ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମ୍ବଲପୁରରେ ବ୍ରିଟିସ ବିରୋଧୀ ସଶସ୍ତ୍ର ସଂଗ୍ରାମରେ ତାଙ୍କ ପରାକ୍ରମ ଏବଂ ବଳିଦାନ ସର୍ବଦା ସ୍ମରଣୀୟ ।

## ୨ କ୍ୱିଣ୍ଟାଲ ନକଲି ଜର୍ଦ୍ଦା ଉଦ୍ଧାର



ଜଳେଶ୍ୱର, ୨୩/୧ (ନିପ୍ର) : ରାଜ୍ୟର ଟୁଇନ୍ ସିଟିରେ ବିଭିନ୍ନ ନକଟି କାରଖାନା ଓ ଖାଦ୍ୟଦ୍ରବ୍ୟ ମିଳିବାପରେ ସୂଚନା ପାାଇ ଏସ୍‌ଟିଏଫର ଏକ ଟିମ୍ ଜଳେଶ୍ୱରରେ ଚଢାଉ କରିଥିଲା । ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖିବା ସହିତ ମୋଟ ୨ କ୍ୱିଣ୍ଟାଲ ଓଜନର ବିଭିନ୍ନ ନକଟିତ ଜର୍ଦ୍ଦା ଜବତ୍ କରିଛନ୍ତି । ବ୍ରଉନ୍‌ସୁଗର ପରେ ଜଳେଶ୍ୱରରୁ ବିଭିନ୍ନ ଅଂଚଳରୁ ନକଟି ଜର୍ଦ୍ଦାର ସୁଅ ଛୁଟୁଛି । ଆଜି ପୂର୍ବାହ୍ନରେ ଏସ୍‌ଟିଏଫର ଭୁବନେଶ୍ୱର କାର୍ଯ୍ୟାଳୟର ଅତିରିକ୍ତ ଏସ୍‌ପି ତେଜରାଜ ପଟେଲଙ୍କ ନେତୃତ୍ୱରେ ଜଳେଶ୍ୱରର ୨ଟି ସ୍ଥାନରେ ଚଢାଉ ହୋଇଥିଲା । ଏହି ଟିମ୍ ନିର୍ଦ୍ଦିର୍ଷ୍ଟ ସ୍ଥାନରେ ଥିବା ଅଶୋକ ସାହୁ ଓ ଚନ୍ଦନ ଚୌରାସିଆଙ୍କ ଦୋକାନ ଓ ଗୋଦାମଘର ଉପରେ ଚଢାଉ କରି ପ୍ରାୟ ୨ କ୍ୱିଣ୍ଟାଲ ନକଲି ଜର୍ଦ୍ଦା ଜବତ୍ କରିଛନ୍ତି । ଏଥିରେ ଗୋପାଳ ଜର୍ଦ୍ଦା, କନକ ଜର୍ଦ୍ଦା, ଶିବଦାଦା ଇତ୍ୟାଦି ନାମିଦାମି ବ୍ରାଣ୍ଡାର ନକଲ ପ୍ୟାକେଟ ସହିତ ବିଭିନ୍ନ କମ୍ପାନୀର ଗୁଟକା ଏଠାରେ ବିକ୍ରି ହେଉଥିବାର ପ୍ରମାଣ ମିଳିଛି । ଅତିତରେ ଟାଟା ଚା, ବରଲିନ୍ ଇତ୍ୟାଦିରେ ନକଲି ପ୍ୟାକେଟ ଜଳେଶ୍ୱରରେ ବିକ୍ରି ହେବା ଓ ଅସାଧ ବ୍ୟବସାୟୀଙ୍କ ଧରାପଡିବାର ନଜିର ରହିଛି ।

## କନେଷ୍ଟବଳ ଆକ୍ରମଣରେ ହୋମଗାର୍ଡ ଆହତ

ଜଳେଶ୍ୱର, ୨୩/୧ (ନିପ୍ର) : ଜଳେଶ୍ୱର ବ୍ଲକର ରାଇବଣିଆ ଥାନାର କର୍ମରତ ଅନୁସୂଚିତ ଜାତିର ହୋମଗାର୍ଡଙ୍କୁ ଜଣେ ମହିଳା କନେଷ୍ଟ ବଳ ଆକ୍ରମଣ କରି ଥିବାର ରାଇବଣିଆ ଥାନାରେ ଗୁରୁବାର ଦିନ ଅଭିଯୋଗ ହୋଇଛି । ଖୁଲୁଡା ଗ୍ରାମର ନାକପୁଡି ଜେନାଙ୍କ ପୁତ୍ର ସଂଜୟ କୁମାର ଜେନା ରାଇବଣିଆ ଥାନାରେ ହୋମଗାର୍ଡଭାବେ ରହି କମ୍ପୁଟର କାର୍ଯ୍ୟ କରୁଥିବା ବେଳେ ସେଠାରେ ଡ୍ରାଇଭର କୁଶେଶ୍ୱର ମହାନ୍ତଙ୍କ ସହିତ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା । ଏହି ବଚସା ସମୟରେ କୁଶେଶ୍ୱର ମହାନ୍ତ ଅଶ୍ଳିଳ ଭାଷା ପ୍ରୟୋଗ କରିଥିଲା । ଘଟଣା ସ୍ଥାନରୁ ୧୦୦ ମିଟର ଦୂରରେ ବସିଥିବା ଅନ୍ୟଜଣେ ମହିଳା କନେଷ୍ଟବଳ ବିନୁମଣି ହଠାତ୍ ଉତ୍‌କ୍ଷିପ୍ତ ହୋଇ ହୋମଗାର୍ଡ ସଂଜୟକୁ କାହିଁକି ଭାଷା କହୁଛୁ କହି ଆକ୍ରମଣ କରିବା ସହିତ ତାକୁ ଜାତି ଉଠାଇ ଗାଳିଗୁଲଜ କରିଥିଲା ଅଭିଯୋଗ ହୋଇଛି । ଫଳରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହିତ ଉଭୟେ ଆହତ ହୋଇଥିଲେ । ଏପରିକି ପୂର୍ବରୁ ସଂଜୟକୁ ବିନୁମଣି ଜାତି ଉଠାଇ ଗାଳିଗୁଲଜ କରିବ ଏବଂ ରେଗିଂ କରୁଥିବାର ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ଉଭୟଙ୍କୁ ଡାକ୍ତରୀମାଇନା କରାଯିବା ସହ ସେମାନଙ୍କ ମଧ୍ୟରେ ହୋଇଥିବା ମାରପିଟକୁ ବସ୍ତା ଏସ୍‌ଡିପିଓ ୩ ଏସି/ଏସ୍‌ଟି କେସ୍‌ରେ ତଦନ୍ତ କରିଥିବା ଜଣାଯାଇଛି ।

## ଷ୍ଟେସନ ରୋଡ୍ ଓଭର ବ୍ରିଜ୍ ବାରିପଦା ସହର ପାଇଁ ହେବ କାଳ



ବାରିପଦା,୨୩।୦୧ (ନି.ପ୍ର): ୫୦୦ବର୍ଷ ଐତିହାସିକ ସହର ବାରିପଦା ଖଣ୍ଡ ବିଖଣ୍ଡ ହେବାକୁ ଯାଉଛି, ଏହାର କାରଣ ହେଲା ଷ୍ଟେସନ ରୋଡ୍‌ସ୍ଥିତ ରେଳ ଫାଟକ ବିଚ୍ଛେଦ କରି ସହର ମଝିଭାଗରେ ୭୦ ଫୁଟ୍ ଉଚ୍ଚର କୃତ୍ରିମ ପାହାଡ ଠିଆ କରି ରେଳବାଇର ଓଭରବ୍ରିଜ୍ ନିର୍ମାଣ ପରିଯୋଜନା । ଏହି କୃତ୍ରିମ ପାହାଡ ବାରିପଦା ସହରକୁ ୪ ଭାଗରେ ବିଭକ୍ତ କରିଦେବ । ସହରର ମୁଖ୍ୟ ରାସ୍ତା ଦେଇ ଗମନା ଗମନ କରୁଥିବା ୭୦ଭାଗ ସାଇକେଲ ଆରୋହୀ, ଚାଲି ଚାଲି ଯିବା ପଥରୀ, ଟେମ୍ପୋ, ହାଲୁକା ମଟରଜାନ ଆଦି ଏହି କୃତ୍ରିମ ପାହାଡ ଅତିକ୍ରମ କରି ଗମନା ଗମନ କରି ପାରିବେ ନାହିଁ । ଏହି ରାସ୍ତା ସେମାନଙ୍କ ବ୍ୟବହାର ଯୋଗ୍ୟ ରହିବ ନାହିଁ ଯାହା ଦ୍ୱାରା ସହରର ଗମନା ଗମନ ବ୍ୟବସ୍ଥା ଭୁଶୁଡି ପଡିବ । ଏହି ଓଭରବ୍ରିଜ୍ ନିର୍ମାଣ ପାଇଁ ୪ରୁ ୫ବର୍ଷ ସମୟ ଲାଗିବ ଏବଂ ଓଭରବ୍ରିଜ ନିର୍ମାଣ କାଳ ଭିତରେ ଏହି ରାସ୍ତା ଦେଇ ଗମନା ଗମନ କିମ୍ବା ଅନ୍ୟାନ୍ୟ କାର୍ଯ୍ୟପାଇଁ କାହାକୁ ଛଡା ଯାଇ ନ ପାରିବା କାରଣରୁ ସହରବାସୀଙ୍କୁ ବିଶେଷ ଅସୁବିଧାର ସମ୍ମୁଖିନ ହେବାକୁ ପଡିବ । ଯେଉଁ ରାସ୍ତା ୧୫ ମିନିଟ୍ ପାଇଁ ବନ୍ଦ ହୋଇଗଲେ ସହରରେ ହଇଚଇ ସୃଷ୍ଟି ହୋଇଯାଏ ସେହି ରାସ୍ତା ୪ରୁ ୫ବର୍ଷ ସରକାରୀ ଭାବେ ବନ୍ଦ ହୋଇଗଲେ ସହରବାସୀ କି ପରିସ୍ଥିତି ଦେଇ ଗମନା ଗମନ କରିବେ ତାହା ବିଚାରଣିୟ । ୫୦୦ ଦୋକନା, ବ୍ୟବସାୟୀ ଅନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ସହ ୧ହଜାର ପରିବାର ୪ ରୁ ୫ବର୍ଷ ଗୃହବନ୍ଦୀ ହୋଇ ରହିବେ । ଏହି ଓଭରବ୍ରିଜ ନିର୍ମାଣ ପାଇଁ ପ୍ରାୟ ୩ଶହରୁ ଅଧିକ ଘରଦ୍ୱାର ଏବଂ ୫ଶହରୁ ଅଧିକ ଦୋକାନ ଓ ବ୍ୟବସାୟୀ ଅନୁଷ୍ଠାନ ଭଙ୍ଗାରୁଜା ହେବା ଫଳରେ ସ୍ୱରୂପ ୧୫ଶହରୁ ଅଧିକ ପରିବାର ରୋଜଗାର ହରାଇ ଭୋକ ଉପାସରେ ସମୟ ଅତିବାସହିତ କରିବେ । ୨ଶହ ମିଟର ଦୂରରେ ଥିବା ୧ଶହ ବର୍ଷ ପୁରୁଣା ସୁନଗଡିଆ ଭଳି ଗଳା-ପୋଲ ନିର୍ମାଣ ହେଲେ ରେଳ ଫାଟକ ବିଚ୍ଛେଦ ହୋଇ ଯିବ ଏବଂ ଷ୍ଟେନ ରୋଡ୍‌ର ଉଠାଣି ୫୦ ଫୁଟ୍‌ରୁ ୪୦ଫୁଟ୍ କମିଯିବ । ସହରର ଗମନା ଗମନ ବ୍ୟବସ୍ଥା ଆଗ ଅପେକ୍ଷା ଆହୁରି ସୁବ୍ୟବସ୍ଥିତ ହୋଇଯିବ । ସୁଲଭ ବିକଳ୍ପ ଥାଇ ମଧ ଆଦିବାସୀ ବହୁଳ ଐତିହାସିକ ସହରର ଗମନା ଗମନ ବ୍ୟବସ୍ଥାକୁ ନଷ୍ଟ କରିବାର ଯୋଜନା ପାଇଁ ବୁଦ୍ଧିଜୀବି ମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ଓଭରବ୍ରିଜ ହେଲେ ଦେଶ ୩ଶହ କୋଟି ଟଙ୍କା ଅପବ୍ୟୟ ହେବାର ସହ ବାରିପଦା ସହରର ଗମନା ଗମନ ବ୍ୟବସ୍ଥା, ସହର ବାସୀଙ୍କ ଧନ ସମ୍ପତି, ସହର ଶାନ୍ତି, ସୌନ୍ଦର୍ଯ୍ୟ, ପ୍ରାକୃତି ପରିବେଶ ଆଦି ବଳି ପଡିବାର ଆଶଙ୍କା ପ୍ରକାଶ ପାଇଛି । ସର୍ବକାଳୀନ ମହାନତମ ବୈଜ୍ଞାନିକ ଶ୍ୟାମ ସୁନ୍ଦର ରାଠି ଦେଇଥିବା ଅଣ୍ଡର ପାସର ପ୍ରସ୍ତାବ ଗ୍ରହଣ କଲେ ଉପରୋକ୍ତ ସମସ୍ୟା ଗୁଡିକରୁ ସହରକୁ ରକ୍ଷା କରାଯାଇ ପାରିବ । ସରକାର ଏବଂ ପ୍ରଶାସନ ସର୍ବକାଳୀନ ମହାନତମ ବୈଜ୍ଞାନିକଙ୍କ ଏହି ନୂଆ ପ୍ରସ୍ତାବ ଗ୍ରହଣ କରିବା ପାଇଁ ଜନମତ ପ୍ରକାଶ ପାଇବାରେ ଲାଗିଛି ।

### କୋର୍ଟ ଆଦେଶକୁ ଅମାନ୍ୟ

## ଆଇଆଇସି ବିରୋଧରେ ମାମଲା

ଜଳେଶ୍ୱର, ୨୩/୧ (ନିପ୍ର) : ଜଳେଶ୍ୱରର ମାନ୍ୟବର ଜେଏମ୍‌ଏଫସିଙ୍କ ରାୟକୁ ଅମାାନ୍ୟ କରିଥିବାରୁ କମର୍ଦ୍ଦା ଥାନା ଆଇଆଇସିଙ୍କ ନାମରେ କଗ୍‌ନିଜେନ୍‌ସ ନିଜେ କୋର୍ଟ ଦେବାର ଏକ ଆଦେଶ ହୋଇଥିବା ଜଣାଯାଇଛି । କମର୍ଦ୍ଦା ଥାନା ସିଆଁରୁଇ ଗ୍ରାମର ଗୌରାଙ୍ଗ ରାଜନିଜ ପରିବାର ମଧ୍ୟରେ ଇଜିମାଲି ସମ୍ପତ୍ତି ଭାଗବଂଟରା ଲାଗି ଜଳେଶ୍ୱର କୋର୍ଟରେ ମାମଲା ରୁଜୁ କରି ସ୍ଥିତାବସ୍ଥା ବଜାଇ ରଖିବାକୁ ଆଦେଶ ପାଇଥିଲେ । କିନ୍ତୁ ବିରୋଧିମାନେ ଘର ନିର୍ମାଣ ଜାରି ରଖିଥିବାରୁ ଗୌରାଙ୍ଗ ଅନ୍ୟଏକ ମିସ୍‌କେଶ ରୁଜୁ କରିଥିଲେ ଓ କମର୍ଦ୍ଦା ପୁଲିସ୍ ତାଙ୍କୁ ସହାୟତା ନ କରିବା ଓ ନିର୍ମାଣାଧିନ ଗୃହ ବନ୍ଦ ନ କରି ଥିବାରୁ କୋର୍ଟରେ ଗୌରାଙ୍ଗ ରାଜ ଜଣାଇଥିଲେ । ମାନ୍ୟବର କୋର୍ଟ ୧୬/୨୧ ମୂଳେ ଏକ ମାମଲାରେ ବିଚାର କରିଥିବା ବେଳେ ଏଥିନେଇ ଆଇଆଇସି ପାମ୍ଲେଲ ଏକାଙ୍କ ବିରୋଧରେ ଏକ ମାମଲା ହେବା ସଂପର୍କରେ ନିର୍ଦ୍ଦେଶ ଦେଇଛନ୍ତି ।

## ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୩।୦୧ (ନି.ପ୍ର): ଭାରତୀୟ ମୁକ୍ତି ସଂଗ୍ରାମର ଅନନ୍ୟ ଯୋଦ୍ଧା, ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୨ତମ ଜୟନ୍ତୀ ଓଡ଼ିଶା ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଧାନସଭା ପରିସରସ୍ଥ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଭାବଗାମ୍ଭୀର୍ଯ୍ୟ ପରିବେଶରେ ପୁଷ୍ପ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଉପବାଚସ୍ପତି ରଜନୀକାନ୍ତ ସିଂ, ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜଳସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ ପ୍ରମୁଖ ଉକ୍ତ ଜୟନ୍ତୀ ଉତ୍ସବରେ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

Managing & Executive Editor : Srustidhar Parida
Editor: Sairindhree Sahoo